

ଲଭ୍ ଆଣ୍ଡ ୱାର୍: ବଡ଼ ପରଦାରେ ଟିଜର୍

▶ପୃଷ୍ଠା ୧୧ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-77 ◆THURSDAY ◆10 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୭ ◆ଗୁରୁବାର ◆୧୦ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସାଟେଲାଇଟ୍‌ଭିତ୍ତିକ ଇଣ୍ଟରନେଟ୍ ସେବା ଖୁବ୍‌ଶୀଘ୍ର

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଖୁବ୍ ଶୀଘ୍ର ଦେଶରେ ସାଟେଲାଇଟ୍ ଭିତ୍ତିକ ଇଣ୍ଟରନେଟ୍ ସେବା ଆରମ୍ଭ ହେବ । କାରଣ ସାଟେଲାଇଟ୍ ସ୍ପେକ୍ଟ୍ରମ୍ ଆବଣ୍ଟନ ସମ୍ପର୍କରେ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) କରିଥିବା ଅଧିକାଂଶ ସୁପାରିଶକୁ ଡିଜିଟାଲ୍ କମ୍ୟୁନିକେସନ୍ କମିଶନ (ଡିସିସି) ମଞ୍ଜୁର କରିଛି । ଚଳିତମାସ ୩ରେ ଏ ନେଇ ଅନୁଷ୍ଠିତ ଏକ ବୈଠକରେ ସାଟେଲାଇଟ୍ ସ୍ପେକ୍ଟ୍ରମ୍ ଆବଣ୍ଟନ ଉପରେ ଆଲୋଚନା କରାଯାଇଥିଲା । ଅପରପକ୍ଷେ ସାଟେଲାଇଟ୍ କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ସିଧାସଳଖ ସ୍ପେକ୍ଟ୍ରମ୍ ପାଇନାହାଁନ୍ତି । ଏଥିପାଇଁ ଆହୁରି ସରକାରୀ ଅନୁମୋଦନ ଏବଂ କିଛି ସୁରକ୍ଷା ପ୍ରକ୍ରିୟା ଆବଶ୍ୟକ । ଡିସିସିର ଅନୁମୋଦନ ପରେ, ଟେଲିକମ୍ ବିଭାଗ (ଡିଓଟି) ପରବର୍ତ୍ତୀ ପଦକ୍ଷେପ ନେବ । ସାଟେଲାଇଟ୍ ଯୋଗାଯୋଗ ସେବା ପାଇଁ ସ୍ପେକ୍ଟ୍ରମ୍ ମୂଲ୍ୟ ଏବଂ କମ୍ପାନୀଗୁଡ଼ିକୁ ଆବଣ୍ଟନ ପ୍ରକ୍ରିୟା ଉପରେ ଚୂଡ଼ାନ୍ତ ଅନୁମୋଦନ ପାଇଁ ଏହି ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟ ପାଖକୁ ପଠାଯିବ । ଗତ ବର୍ଷ, ଟ୍ରାଇ କିଛି ସାଟେଲାଇଟ୍-ଆଧାରିତ ବାଣିଜ୍ୟିକ ଯୋଗାଯୋଗ ସେବା ପାଇଁ ସ୍ପେକ୍ଟ୍ରମ୍ ଆବଣ୍ଟନ ପାଇଁ ନିୟମ ଏବଂ ସର୍ତ୍ତାବଳୀ ସମ୍ପର୍କରେ ଏହାର ସୁପାରିଶ ଦାଖଲ କରିଥିଲା । ଏଥିରେ ସାଟେଲାଇଟ୍ ସେବା ପ୍ରଦାନକାରୀମାନେ ୫ ବର୍ଷ ପାଇଁ ସ୍ପେକ୍ଟ୍ରମ୍ ପାଇବାର ଆଶା କରାଯାଉଛି । ଆବଶ୍ୟକ ହେଲେ ଏହି ଅବଧିକୁ ଆଉ ୨ ▶ପୃଷ୍ଠା-୭

**ସ୍ପେକ୍ଟ୍ରମ୍ ଉପରେ ଟ୍ରାଇର ଅଧିକାଂଶ ସୁପାରିଶକୁ ମାନିଲା ଡିସିସି**

## ଦିଲ୍ଲୀ ବିମାନବନ୍ଦର ଜଳମଗ୍ନ ଭିଡିଓ ପ୍ରସାରଣ ବିରୋଧରେ ୬୩ ମାମଲା

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର ପାଣିରେ ବୁଡ଼ିବା ନେଇ ଭ୍ରାନ୍ତିକର ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରସ୍ତୁତ ମିଥ୍ୟା ଭିଡିଓ ପ୍ରସାରଣ ହୋଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ଆଣି ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ଡିଆଇଏଏଲ୍ ବା ଡାଏଲ୍) ୬୩ଜଣ ସୋସିଆଲ ମିଡିଆ ହ୍ୟାଣ୍ଡଲର୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି । ଗତ ୪ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ଟର୍ମିନାଲ-୩ ପରିସର କିଛି ସମୟ ପାଇଁ ଜଳାର୍ଣ୍ଣବ ହୋଇଥିଲା । ମାତ୍ର ୨୦ ମିନିଟ୍ ମଧ୍ୟରେ ସମସ୍ୟାର ସମାଧାନ କରାଯାଇଥିଲା । ବର୍ଷା ପାଣି ପାଇଁ ବିମାନ ସେବା ଆଦୌ ପ୍ରଭାବିତ ହୋଇନଥିଲା । କିନ୍ତୁ ସାମାଜିକ ଗଣମାଧ୍ୟମରେ କେତେକ ଆକାଉଣ୍ଟ ଦୁବାଇ ବିମାନବନ୍ଦରର ପୁରୁଣା ଭିଡିଓ ଏବଂ ଏଆଇ ଦ୍ୱାରା ସୃଷ୍ଟ ଭିଡିଓ ଭାଇରାଲ କରିଥିଲେ । ସେଥିରେ ଦିଲ୍ଲୀ ବିମାନବନ୍ଦର ରନୱେ ବୁଡ଼ିଯାଇଥିବା ନେଇ ଭ୍ରାନ୍ତି ସୃଷ୍ଟି କରିଥିଲେ । ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)ର ସତ୍ୟ ସନ୍ଧାନ ବିଭାଗ ଏହି ଭିଡିଓଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ କରିଛି । ଡାଏଲ୍ ସ୍ପଷ୍ଟ କରିଛି ଯେ ଯାତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ଭୟ ସୃଷ୍ଟି କରିବା ଏବଂ ବିମାନବନ୍ଦରର ବିରୋଧରେ ଅପବାଦ ଉଦ୍ଦେଶ୍ୟରେ ଏହି ପୋଷ୍ଟଗୁଡ଼ିକ କରାଯାଇଥିଲା । ସମ୍ପୃକ୍ତ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକର ତାଲିକା ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରାଯାଇଛି ।




### ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

## ପ୍ରତ୍ୟାହାର ହେଉ ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନ

■ ଭୁବନେଶ୍ୱର, ୯।୯ (ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପଟିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁଣ୍ଣ କରୁଥିବା ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଏହି ଅବସରରେ ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ମଧ୍ୟ ପ୍ରଦାନ କରିଛି । ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡି ଏହି ସ୍ମାରକପତ୍ର ମାଧ୍ୟମରେ ସିଧାସଳଖ ଭାବେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛି ।

ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି ଏମ୍‌ଏମଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ । ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ସେହିପରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏମ୍‌ଏମଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କେଉଁ ପ୍ରଭାବ ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ । ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟ ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ସଞ୍ଜୟ କୁମାର ଦାସବର୍ମା ଓ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ ।

ଆଲୋଚନା ସମୟରେ ଏହି ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ ବୋଲି ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ▶ପୃଷ୍ଠା-୭



**ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ଦଳର ବରିଷ୍ଠ ନେତୃମଣ୍ଡଳୀ**

**ରାଜ୍ୟପାଳଙ୍କ ଆଶ୍ୱାସନା, ବିଜେଡିର ଉଦ୍‌ବେଗକୁ ରାଷ୍ଟ୍ରପତିଙ୍କୁ ଜଣାଇବେ**

## ବିସ୍ଫୋରକ ହେଉଛି ହର୍ମୁଜ୍

### ଆମେରିକୀୟ ବୁଡ଼ାଜାହାଜ ଜବତ କଲା ଇରାନ୍

■ ତେହରାନ, ୯।୯ (ଏଜେନ୍ସି): ତୈଳ ଓ ଗ୍ୟାସ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ହର୍ମୁଜରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ କବଜା କରିବା ଲାଗି ଆମେରିକା ଜୋରଦାର ଉଦ୍ୟମ କରୁଥିବା ବେଳେ ଇରାନ ପକ୍ଷରୁ ଦୃଢ଼ ବିରୋଧର ସମ୍ମୁଖୀନ ହୋଇଛି । ଏହି ସମୁଦ୍ର ପଥ ଉପରେ ଉଭୟ ଆମେରିକା ଏବଂ ଇରାନ ନିଜର ନିୟନ୍ତ୍ରଣ କଥା କହୁଥିବା ବେଳେ ଏହା ଏବେ ରଣକ୍ଷେତ୍ରରେ ପରିଣତ ହୋଇଛି । ଇରାନର ୫ଟି ତୈଳ ଟ୍ୟାଙ୍କର ଉପରେ ଆମେରିକା ଆକ୍ରମଣ କରିବା ପରେ ଏହାର କଡ଼ା ଜବାବ ଦେଇଛି ଇରାନ । ଏହି ଅଞ୍ଚଳରେ ଆମେରିକାର ଏକ ଅତ୍ୟାଧୁନିକ ବୁଡ଼ାଜାହାଜକୁ ଇରାନ ଜବତ କରିବା ସହିତ ଆମେରିକାର ଅନ୍ୟତମ ଅତ୍ୟାଧୁନିକ ଏମକ୍ୟୁ-୯ ରିପର ଡ୍ରୋନକୁ ମଧ୍ୟ ମାରି ଖସାଇ ଦେଇଛି ଇରାନ । କେବଳ ଏତିକି ନୁହେଁ, ସଂପୃକ୍ତ ଅଞ୍ଚଳରେ ଆମେରିକାର ଦୁଇଟି ଜାହାଜ ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହାସହିତ ହର୍ମୁଜରେ ୮ଟି ତେଲ ଟ୍ୟାଙ୍କର ଏବଂ ୧୦ଟି ବିଭିନ୍ନ ଦେଶର ଜାହାଜ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି ଇରାନ । ଇରାନର ଏଭଳି ଆକ୍ରମଣର ପ୍ରତିଶୋଧ ନେବାଲାଗି ଆମେରିକା ଆଜି ପୁଣି ବଡ଼ ଧରଣର ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଛି ।

ହର୍ମୁଜରେ ଉଭୟ ପକ୍ଷ ମୁହାଁମୁହିଁ ଅବସ୍ଥାରେ ଥିବା ବେଳେ ପ୍ରଣାଳୀ ନିକଟରେ ଆମେରିକାର ଏକ ମାନବବିହୀନ ବୁଡ଼ାଜାହାଜକୁ ଜବତ କରିଥିବା ଇରାନ୍ ଦାବି କରିଛି । ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ୍‌ର ଅଧିକୃତ ସମ୍ବାଦ ମାଧ୍ୟମ 'ସେପାହ ନ୍ୟୁଜ୍'ରେ ପ୍ରକାଶିତ ବିବୃତି ଅନୁସାରେ, ଏକ ଜଟିଳ ଗୁଇନ୍ଦା ଅଭିଯାନ ମାଧ୍ୟମରେ 'ଡାଇଭ୍-ଏଲ୍‌ଡି' ନାମକ ବୁଡ଼ାଜାହାଜ (ସବମେରିନ୍)କୁ ଜବତ କରାଯାଇଛି । ଇରାନ୍ କହିଛି, ଏହି ସବମେରିନ୍‌ରେ ଅତ୍ୟାଧୁନିକ ପ୍ରଯୁକ୍ତି ତଥା ଟେକ୍ନୋଲୋଜିର ବ୍ୟବହାର ହୋଇଛି । ଏହା ସହିତ ଜବତ ହୋଇଥିବା ସବମେରିନ୍‌ର ଭିଡିଓ ମଧ୍ୟ ଜାରି କରାଯାଇଛି । ଇରାନ୍‌ର ଅନ୍ୟ ଏକ ଦାବି ଅନୁସାରେ, ହର୍ମୁଜ୍ ପ୍ରଣାଳୀ ଉପରେ ଏକ ଏମ୍‌କ୍ୟୁ-୯ ରିପର୍ ମାନବବିହୀନ ।ଡ୍ରୋନକୁ ମଧ୍ୟ ଖସାଇଦିଆଯାଇଛି ।

ଇରାନ୍‌ର ଏହି ଦାବି ପରେ ଆମେରିକୀୟ ସେନା ସ୍ୱୀକାର କରିଛି ଯେ, ଏକ ଜଳତଳ ମାନବବିହୀନ ସବମେରିନ୍ ତ୍ରୁଟି କାରଣରୁ ଅଚଳ ହୋଇଥିଲା । ପେଣ୍ଟାଗନ୍‌ର ଜଣେ ମୁଖପାତ୍ରଙ୍କ ଅନୁସାରେ, ସବମେରିନଟି ଅଞ୍ଚଳର ▶ପୃଷ୍ଠା-୭

**ଡ୍ରୋନ, ଜାହାଜ, ଟ୍ୟାଙ୍କର ଉପରେ ବି ଆକ୍ରମଣ**

## ୟୁଏଇ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

### ଆଇଏଚସି ସହ ବୈଠକ, ଆଇବିପିଜି ସହ ଆଲୋଚନା

■ ଭୁବନେଶ୍ୱର, ୯।୯ (ସମିସ): ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶ ଆଣିବା ଲକ୍ଷ୍ୟରେ ୟୁଏଇ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆବୁଧାବିରେ ଏକାଧିକ ବୈଠକ କରିଛନ୍ତି । ଆବୁଧାବିସ୍ଥିତ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ(ଆଇଏଚସି) ସହ ସହ ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ରଣନୀତିକ ନିବେଶର ସମ୍ଭାବନା ନେଇ ଆଲୋଚନା କରିଛନ୍ତି । ଏହାସହ ଇଣ୍ଡିଆନ ବିଜନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ (ଆଇବିପିଜି) ସହ ଏକ ରାଉଣ୍ଡଟେବୁଲ ଆଲୋଚନାରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି ।

ଆଇଏଚସି ସହ ଅନୁଷ୍ଠିତ ବୈଠକରେ କରଣ ଆଦାନୀ, ସାଗର ଆଦାନୀ, ଆଇଏଚସି ଗ୍ରୁପର ଏମଡି ଓ ସିଇଓ ସୟଦ ବସର ସୁଏବ, ଆଇଏଚସିର ଗ୍ରୋଥ ଅଫିସର ପିଟର ଆବ୍ରାମ ଏବଂ ଟୁ ପଏଣ୍ଟ ଜିରୋ ଗ୍ରୁପର ସିଇଓ ସାମିଆ ବୋଉଜାଙ୍କ ସମେତ ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଧାତୁ ଶିଳ୍ପ, ଦୁର୍ଲଭ ମୃତ୍ତିକା ଓ ଗୁରୁତ୍ୱପୂର୍ଣ୍ଣ ▶ପୃଷ୍ଠା-୭




**ଆଦାନୀ ଗ୍ରୁପ -ଆଇଏଚସି ଗ୍ରୁପ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ**

**ଓଡ଼ିଶାରେ ଅଛି ପ୍ରାକୃତିକ ସମ୍ପଦ ଓ ବିକଶିତ ଭିତ୍ତିଭୂମି: ମୋହନ**

## ସ୍କ୍ରବ୍ ଟାଇଫସ୍‌ରେ ବୃଦ୍ଧଙ୍କ ମୃତ୍ୟୁ !

■ ବରଗଡ଼, ୯।୯ (ସମିସ): ସ୍କ୍ରବଟାଇଫସରେ ଆକ୍ରାନ୍ତ ହୋଇ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ମୃତକ ହେଲେ ବରଗଡ଼ ଅମ୍ବାପାଲିର ୬୮ ବର୍ଷୀୟ ଭାଗିରଥୀ ଭୋଇ । କିଛିଦିନ ଧରି ଭାଗିରଥୀଙ୍କ ମୁଣ୍ଡ ବିନ୍ଧା ସହ ଜ୍ୱର ଓ ଆଖି ଦରଜ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏହାପରେ ତାଙ୍କ ରକ୍ତ ନମୂନା ପରୀକ୍ଷା ପରେ ସେ ସ୍କ୍ରବଟାଇଫସରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ହେଲେ ବିଳମ୍ବରେ ଚିକିତ୍ସା ପାଇଁ ଆସିଥିବାରୁ ତାଙ୍କ ବିଭିନ୍ନ ଅଙ୍ଗ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିଲେ ବୋଲି ତାଙ୍କ ପୁଅ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନଥିଲେ । ଏହାକୁ ନେଇ ଏକ ଟିମ୍ ତଦନ୍ତ କରୁଛି । ତଦନ୍ତ ପରେ ପୁରା ଘଟଣା ସାମ୍ନାକୁ ଆସିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ।

### ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାର ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ

## କଳା ଥାର୍ ଗାଡ଼ିକୁ ନେଇ ବଢୁଛି ସନ୍ଦେହ


■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ଗ୍ରାମପଞ୍ଚାୟତ ବିଚିତ୍ରପୁର ଅଞ୍ଚଳର ଝାଉଁ ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ୍ ଶାବକ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି । ଭାରତରେ ସ୍ୱାଭାବିକ ଭାବେ ଦେଖାଯାଉନଥିବା ଏହି ବିରଳ ବନ୍ୟପ୍ରାଣୀଙ୍କୁ ଭୋଗରାଇର ଏକ ଉପକୂଳ ଅଞ୍ଚଳର ଝାଉଁ ଜଙ୍ଗଲରେ କିଏ, କାହିଁକି ଓ କେଉଁଠାରୁ ଆଣି ଛାଡ଼ିଥିଲା, ତାହା ଏବେ ତଦନ୍ତକାରୀଙ୍କ ପାଇଁ ବଡ଼ ପ୍ରଶ୍ନ ହୋଇଛି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ଚୋରାଚାଲାଣ ଦିଗକୁ ମଧ୍ୟ ତଦନ୍ତ କରାଯାଉଛି । ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ମାଫିଆଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ଜାଣିବା ପାଇଁ ତଦନ୍ତର ପରିସର ବଢ଼ାଯାଇଛି ।

ସୂଚନାନୁସାରେ, କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ବଡ଼ପାହି ମୌଜାର ରଣକୋଠା ପିଆରଏଫ୍ ସଂରକ୍ଷିତ ଝାଉଁ ଜଙ୍ଗଲରୁ ଗତକାଲି ସକାଳେ ବନ ବିଭାଗ ୫ଟି ଓରାଙ୍ଗଉଟାନ୍ ଶାବକଙ୍କୁ ଉଦ୍ଧାର କରିଥିଲା । ଏହି ସ୍ଥାନଟି ବିଚିତ୍ରପୁର ନେଚର କ୍ୟାମ୍ପର ପଛପଟ ଅଞ୍ଚଳରେ ରହିଛି । ଉଦ୍ଧାର ପରେ ଶାବକମାନଙ୍କୁ ଉଦୟପୁର ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ଶିମିଳିପାଳର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ୫ଟି ▶ପୃଷ୍ଠା-୭



**ସିସିଟିଭି ଫୁଟେଜ୍ ଆଧାରରେ ଖୋଳତାଡ଼**

### ଓଲଟ ପାଲଟ



ଓଡିଶା କଂଗ୍ରେସ ସଂଘର୍ଷ କରୁଛି  
ବିଜେପି ପଡ଼େ ଖାଲରେ !  
ବିଜେଡି ଦଳଟି କଡ଼ ଲେଉଟାଏ  
ଶଙ୍ଖ ହୁଳ ହୁଳି ତାନରେ !  
ଜନତା କଂଗ୍ରେସ ରାଲିରେ !  
ଆଣ୍ଠେଇ ପେଟେଇ ଚାଲିଅଛି ଦଳ  
ସାହାରାର ମରୁ ବାଲିରେ !  
ପୌର ପଞ୍ଚାୟତ ଭୋଟ ଡେଙ୍ଗୁରା  
ମାଡ଼ ପଡିବାରୁ କାନରେ !!

-ଯାଯାବର

### ଆନ୍ଥ୍ରୋପିକ୍ ଗବେଷକଙ୍କ ଭୟଙ୍କର ଚେତାବନୀ

## ମଣିଷକୁ ଧ୍ୱଂସ କରିଦେବ ଏଆଇ

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ ମଣିଷ ସମାଜ ପାଇଁ ଯେତିକି ସୁଯୋଗ ସୃଷ୍ଟି କରୁଛି, ତହିଁରୁ ଅଧିକ ବିପଦ ସୃଷ୍ଟି କରିଛି । କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଦ୍ରୁତ ପ୍ରତିଯୋଗିତା ସୁପର ଇଣ୍ଟେଲିଜେନ୍ସ ଆଡ଼କୁ ଅଗ୍ରସର ହେଉଛି । କମ୍ପାନୀଗୁିକ ବିପଜ୍ଜନକ ଭାବରେ ନିଜକୁ ନିଜେ ବିକଶିତ କରୁଥିବା 'ସୁପର ଇଣ୍ଟେଲିଜେନ୍ସ' ପାଇଁ ବିପଦପୂର୍ଣ୍ଣ ଭାବରେ ଅଗ୍ରସର ହେଉଛନ୍ତି । ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ଏବଂ ଆସନ୍ତା ଦଶନ୍ଧି ସୁଦ୍ଧା ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଅତି ଶକ୍ତିଶାଳୀ ହୋଇ ମାନବ ଜାତିକୁ ଧ୍ୱଂସ କରିଦେଇପାରେ ବୋଲି ଚେତାବନୀ ଦେଇଛନ୍ତି ଏଆଇ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଗବେଷଣା ସଂସ୍ଥା ଆନ୍ଥ୍ରୋପିକର ଗବେଷକ ଇଭାନ ହୁବିଙ୍ଗର । ସେହିପରି ଆନ୍ଥ୍ରୋପିକ୍‌ର ଅନ୍ୟଜଣେ ଗବେଷକ ମଧ୍ୟ ଅନୁରୂପ ଆଶଙ୍କା କରିବା ସହ ନିଜ ପଦରୁ ଇସ୍ତଫା ଦେଇଛନ୍ତି ।

ଆନ୍ଥ୍ରୋପିକ୍‌ର ଆଲାଇନମେଣ୍ଟ ସାଇନ୍ସ ଟିମ୍‌ର ମୁଖ୍ୟ ଇଭାନ୍ ହୁବିଙ୍ଗର୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କରିଥିବା ଆଶଙ୍କା ସାରା ବିଶ୍ୱକୁ ଚକିତ କରିଛି । ଆନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକରେ ହବିଙ୍ଗରଙ୍କ ଏହି ଚେତାବନୀକୁ ଗୁରତର ଭାବରେ ଗ୍ରହଣ କରିଛନ୍ତି । ହୁବିଙ୍ଗର କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ମଣିଷଜାତି ପାଇଁ ଚରମ ବିପଦ ସୃଷ୍ଟି କରିପାରେ ଓ ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ଘଟଣା ଘଟିବାର ଆଶଙ୍କା ଯଥେଷ୍ଟ । ଏଆଇ ସୁରକ୍ଷା ଓ ଆଲାଇନମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହୁବିଙ୍ଗର କହିଛନ୍ତି ଯେ ଏଆଇ ବ୍ୟବସ୍ଥାର ଲକ୍ଷ୍ୟ, ଆଚରଣ ଓ ନିଷ୍ପତ୍ତିକୁ ମଣିଷର ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟ ସହ ସମନ୍ୱିତ ରଖିବାର ପ୍ରକ୍ରିୟାକୁ ଆଲାଇନମେଣ୍ଟ ବୋଲି କୁହାଯାଏ । ମାତ୍ର ଭବିଷ୍ୟତରେ ଯଦି ଏଆଇ ବ୍ୟବସ୍ଥା ମଣିଷଠାରୁ ଅଧିକ କ୍ଷମତାଶାଳୀ ହୋଇଯାଏ, ତେବେ ଏହାକୁ ▶ପୃଷ୍ଠା-୭



- ▶▶ ଆସନ୍ତା ଦଶନ୍ଧିରେ ଅତି ଶକ୍ତିଶାଳୀ ହେବ ସୁପର ଇଣ୍ଟେଲିଜେନ୍ସ
- ▶▶ ନିଜକୁ ବିକଶିତ କରୁଥିବା ଏଆଇକୁ ନିୟନ୍ତ୍ରଣ ପାଇଁ ମଣିଷ ଅକ୍ଷମ
- ▶▶ ଅନୁରୂପ ଆଶଙ୍କା କରି ପଦତ୍ୟାଗ କଲେ ଅନ୍ୟ ଜଣେ ଗବେଷକ

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

■ ପଦ୍ମପୁର, ୯।୯ (ସମିସ): ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଲୁଗୁଡା ପଞ୍ଚାୟତର ତାରପାଗୁଡା ଗ୍ରାମରେ ନୂଆ ପାଇଖାନା ଟାଙ୍କିର ସେଣ୍ଟ୍ରି ପଟା ବାହାର କରିବାକୁ ଯାଇ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତତକଙ୍କ ମଧ୍ୟରୁ ୨ଜଣ ମିସ୍ତ୍ରୀ ହୋଇଥିବା ବେଳେ, ଅନ୍ୟ ଜଣକ ଦିନ ମଜୁରିଆ । ମୃତକ ମାନେ ହେଲେ କେନ୍ଦୁଗୁଡା ଗ୍ରାମର ଆଲୋକ କରାଡ଼ (୪୭), ପ୍ରକାଶ ଲିମା (୪୫) ଓ ହରିଶ୍ଚନ୍ଦ୍ର ବୀର (୪୬) । ଘଟଣା ସମ୍ପର୍କରେ ଖବର ପାଇ ପଦ୍ମପୁର ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ମୃତଦେହ ଗୁଡ଼ିକୁ ପଦ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଛନ୍ତି । ଉକ୍ତ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଖବର ପାଇ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଂପାଦକ ରମାକାନ୍ତ ମାଝୀ ପଦ୍ମପୁର ମେଡିକାଲରେ ପହଞ୍ଚି ଡାକ୍ତରଙ୍କ ସହ ଶବ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଇବା ପାଇଁ ଆଲୋଚନା କରିଥିଲେ । ଘଟଣା ସ୍ଥଳରେ ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ଓ ପୁଲିସ ଘଟଣାର ତଦନ୍ତ କରୁଛନ୍ତି । ପ୍ରଥମେ ମିସ୍ତ୍ରୀ ଜଣଙ୍କ ପଟା କାଢିବାକୁ ଟାଙ୍କି ଭିତରେ ପଶିଥିବା ବେଳେ ସେ ଶ୍ୱାସରୁଦ୍ଧ ହୋଇ ଚିକିତ୍ସା କରିବାରୁ ତାଙ୍କୁ ଉଦ୍ଧାର କରିବାକୁ ଜଣ ପରେ ଜଣେ ଯାଇ ପ୍ରାଣ ହରାଇଥିଲେ । ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।








## ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ଶୁକ୍ରବାର ମୋଦୀ-ପୁଟିନ୍ ସାକ୍ଷାତ

ନୂଆଦିଲ୍ଲୀ, ୯।୯(ଏଜେନ୍ସି): ଦିଲ୍ଲୀରେ ଆସନ୍ତା ୧୨ ଓ ୧୩ ସେପ୍ଟେମ୍ବରରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ସାକ୍ଷାତ ହେବ। ରୁଷିଆର ରାଷ୍ଟ୍ରପତି ଭବନର ମୁଖପାତ୍ର ଦିମିତ୍ରି ପେସ୍କୋଭ ଏହି ସୂଚନା ଦେଇଛନ୍ତି। ପେସକୋଭ କହିଛନ୍ତି, ମୋଦୀ ଓ ପୁଟିନ୍‌ଙ୍କ ମଧ୍ୟରେ ଘନିଷ୍ଠ ଓ ନିୟମିତ ଯୋଗାଯୋଗ ରହିଛି। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସହ ବିଶ୍ୱର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଖୋଲା ଓ ଗଠନମୂଳକ ଆଲୋଚନା କରିବେ। ବାଣିଜ୍ୟ ଓ ଆର୍ଥିକ ସହଯୋଗ, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଆଲୋଚନାର ପ୍ରମୁଖ ବିଷୟ ହେବ ବୋଲି ପେସକୋଭ କହିଛନ୍ତି। ପଶ୍ଚିମ ଦେଶଗୁଡ଼ିକର କଟକଣା ଯୋଗୁଁ ଭାରତୀୟ ବ୍ୟବସାୟ ଉପରେ ପଡୁଥିବା ପ୍ରଭାବ ନେଇ ମଧ୍ୟ ଆଲୋଚନା ହେବାର ସଙ୍କେତ ମିଳିଛି। ପେସକୋଭଙ୍କ ଅନୁଯାୟୀ, ବ୍ରିକ୍ସ ଏକ ଲଚିଳା ସହଯୋଗୀ ମଞ୍ଚ।

## ଭାଇରାଲ ଭିଡିଓ ପରେ ଯୁବତୀଙ୍କୁ ହତ୍ୟା କଲେ ବାପା-ଭାଇ

ଅହମଦାବାଦ, ୯।୯(ଏଜେନ୍ସି): ଜଣେ ଯୁବକଙ୍କ ସହ ଭିଡିଓ ଭାଇରାଲ ହେବା ପରେ ୨୨ ବର୍ଷୀୟା ଯୁବତିଙ୍କୁ ହତ୍ୟା କରାଯାଇଛି। ପରିବାରର ସମ୍ମାନ ନଷ୍ଟ ହେବା ଆଶଙ୍କାରେ ସମ୍ପୃକ୍ତ ଯୁବତୀଙ୍କୁ ତାଙ୍କ ବାପା ଓ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବତୀ ସୋଫିଆ ପୂର୍ବରୁ ଏକ ହସ୍ପିଟାଲରେ ରିସିପସନିଷ୍ଟ ଭାବେ କାମ କରୁଥିଲେ। ଅଗଷ୍ଟ ୧୨ ରାତିରେ ସୋଫିଆଙ୍କ ବାପା ମୋହମ୍ମଦ ଫାରୁକ୍ ଓ ଭାଇ ମୋହମ୍ମଦ ହାବିଲ ତାଙ୍କୁ ମୋଟରସାଇକେଲରେ ବୁଲାଇ ନେଇଥିଲେ। ଗେଲଜିପୁରା ଗାଁ ନିକଟ ଏକ ନିଛାଟିଆ ରାସ୍ତାରେ ହାବିଲ ହାତୁଡ଼ିରେ ସୋଫିଆଙ୍କ ମୁଣ୍ଡକୁ ତିନିଥର ଆଘାତ କରି ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ପରେ ତାଙ୍କ ଶରୀରକୁ ମୁଖ୍ୟ ରାସ୍ତାକୁ ନେଇ ମୋଟରସାଇକେଲକୁ କ୍ଷତିଗ୍ରସ୍ତ କରି ଘଟଣାକୁ ସଡ଼କ ଦୁର୍ଘଟଣାର ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ହାବିଲ ପୁଲିସକୁ ଏକ ଦ୍ରୁତଗାମୀ ଗାଡ଼ି ଧକ୍କା ଦେଇଥିବା କହିଥିଲେ। ପରେ ତଦନ୍ତରେ ଘଟଣାଟି ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସାମ୍ନାକୁ ଆସିଥିଲା। ପ୍ରାୟ ତିନି ମାସ ପୂର୍ବରୁ ସୋଫିଆଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା।

## ଟିଭିକେ-କଂଗ୍ରେସ ମେଣ୍ଟ ନାମ ଘୋଷିତ

ଚେନ୍ନାଇ, ୯।୯(ଏଜେନ୍ସି): ତାମିଲନାଡୁର ଟିଭିକେ ମୁଖ୍ୟ ବିଜୟଙ୍କ ନେତୃତ୍ୱାଧୀନ ରାଜନୈତିକ ମେଣ୍ଟର ଆନୁଷ୍ଠାନିକ ନାମ ବୁଧବାର ଘୋଷଣା ହୋଇଛି। ଏହାର ନାମ 'ସେକ୍ୟୁଲାର ସୋସିଆଲ ଜଷ୍ଟିସ ଭିକ୍ଟ୍ରି ଆଲାଏନ୍ସ' ରଖାଯାଇଛି। ଚେନ୍ନଇର ପନେୟୁରସ୍ଥିତ ଟିଭିକେ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ କଂଗ୍ରେସ, ଭିସିକେ, ଏମଡିଏମକେ ଏବଂ ଆଇୟୁଏମଏଲର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ତାମିଲନାଡୁ କଂଗ୍ରେସ କମିଟି ସଭାପତି ବି ମାଣିକମ୍ ଟାଗୋର, ଭିସିକେ ପ୍ରମୁଖ ଥୋଲ୍ ତିରୁମାଭାଲଭାନ୍, ଏମଡିଏମକେ ନେତା ଭାଇକୋ ଏବଂ ଆଇୟୁଏମଏଲ ନେତା କେଏମ୍. କାଦର ମୋହିଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମେଣ୍ଟର ଆନୁଷ୍ଠାନିକ ଢାଞ୍ଚା ସ୍ଥିର କରିବା, ଏକ ସାଧାରଣ ନ୍ୟୂନତମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, ଷ୍ଟିଅରିଂ କମିଟି ଗଠନ ଏବଂ ସଂଯୋଜକ ମନୋନୀତ କରିବା ନେଇ ଆଲୋଚନା ହୋଇଥିଲା।

## 'ବନ୍ଦେ ମାତରମ୍' ନେଇ ଓମାର-କଂଗ୍ରେସ ମତଭେଦ

ଶ୍ରୀନଗର, ୯।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ନ୍ୟାସନାଲ କନଫରେନ୍ସ ସଭାପତି ଫାରୁକ୍ ଅବଦୁଲ୍ଲାଙ୍କ ଉପସ୍ଥିତିରେ ଶ୍ରୀନଗରରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ସଂସ୍କରଣ ଗାନ କରାଯିବାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। କଂଗ୍ରେସ ସଂଗଠନ ମହାସଚିବ କେସି ବେଣୁଗୋପାଳ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ମେଣ୍ଟ ସହଯୋଗୀ ନ୍ୟାସନାଲ କନ୍‌ଫରେନ୍ସ ନିର୍ଦ୍ଧାରିତ ସଂସ୍କରଣ ଗାଇବା ଉଚିତ ବୋଲି ସେ କହିଛନ୍ତି। ତେବେ ନ୍ୟାସନାଲ କନ୍‌ଫରେନ୍ସ କଂଗ୍ରେସର ଆପତ୍ତିକୁ ଖାରଜ କରିଛି। ଦଳୀୟ ନେତା ବଶୀର ଅହମ୍ମଦ କହିଛନ୍ତି, କେତେ ଅଂଶ ଗାଇବେ ତାହା କାହା ଉପରେ ଥୋପି ଦିଆଯାଇପାରିବ ନାହିଁ। ଏହି ପ୍ରସଙ୍ଗରେ ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ କଂଗ୍ରେସକୁ ଟାର୍ଗେଟ କରି ଦଳକୁ 'ଏକବିଂଶ ଶତାବ୍ଦୀର ନୂଆ ମୁସଲିମ ଲିଗ୍' ବୋଲି କଟାକ୍ଷ କରିଛନ୍ତି।

## ଦିଲ୍ଲୀରେ ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ

ନୂଆଦିଲ୍ଲୀ, ୯।୯(ଏଜେନ୍ସି): ସତ୍ୟ ନିକେତନରେ ପିଜି କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ପରେ ଦିଲ୍ଲୀ ସରକାର ବେଆଇନ ନିର୍ମାଣ ବିରୋଧରେ କଠୋର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବେଆଇନ କୋଠା ଭାଙ୍ଗିବା ସହ ସମସ୍ତ ପିଜି ଓ ହଷ୍ଟେଲର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୁଲିସ ବୁଧବାର ଆଉ ଜଣେ ଅଭିଯୁକ୍ତ ସୁଧାଂଶୁଙ୍କୁ ଗିରଫ କରିଛି। ଏଥିସହ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତାଙ୍କ ସହଯୋଗୀ ଶୁଭମ ତ୍ୟାଗୀ ଫେରାର ଅଛନ୍ତି। ଅନ୍ୟପକ୍ଷରେ, ଦିଲ୍ଲୀ ନଗର ନିଗମ ପକ୍ଷରୁ ଏପର୍ଯ୍ୟନ୍ତ ୨୪ଟି ସମ୍ପତ୍ତିରେ ଭଙ୍ଗାଯାଇବା କାର୍ଯ୍ୟ ଏବଂ ୭ଟି ବେଆଇନ ନିର୍ମାଣକୁ ସିଲ୍ କରାଯାଇଛି। ପ୍ରଥମ ଦିନର ଯାଞ୍ଚରେ ୧, ୧୨୦ଟି ପିଜି ମଧ୍ୟରୁ ୫୨ଟି ଜରାଜୀର୍ଣ୍ଣ ଥିବା ଜଣାପଡ଼ିଛି। ସତ୍ୟ ନିକେତନ ଘଟଣାରେ ଏବେ ସୁପ୍ରିମକୋର୍ଟ ମଧ୍ୟ ହସ୍ତକ୍ଷେପ କରିଛନ୍ତି। ଆସନ୍ତା ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



## ବିଶ୍ୱର ସର୍ବାଧିକ: ପ୍ରଧାନମନ୍ତ୍ରୀଙ୍କ ଦରମା ୨୭ କୋଟି

ସିଙ୍ଗାପୁର, ୯।୯(ଏଜେନ୍ସି): ସିଙ୍ଗାପୁର ସରକାର ଦେଶର ରାଜନୈତିକ ନେତାଙ୍କ ବେତନ ବୃଦ୍ଧି ଘୋଷଣା କରିଛନ୍ତି। ଏହା ପରେ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍‌ଙ୍କ ବାର୍ଷିକ ବେତନ ପ୍ରାୟ ୨୭ କୋଟି ଟଙ୍କାକୁ ବୃଦ୍ଧି ପାଇବ। ତାଙ୍କ ବେତନରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହେବ। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ବାର୍ଷିକ ବେତନ ପ୍ରାୟ ୧୬.୫ କୋଟି ଟଙ୍କା ଥିବାବେଳେ ନୂଆ ବ୍ୟବସ୍ଥାରେ ଏହା ପ୍ରାୟ ୨୭ କୋଟି ଟଙ୍କା ହେବ। ଉପ-ପ୍ରଧାନମନ୍ତ୍ରୀଙ୍କ ବେତନ ପ୍ରାୟ ୧୪ କୋଟିରୁ ୨୨.୯୪ କୋଟି ଟଙ୍କା ଏବଂ ମନ୍ତ୍ରୀମାନଙ୍କ ବେତନ ପଦ ଓ ଦାୟିତ୍ୱ ଅନୁସାରେ ୧୩.୫ କୋଟିରୁ ୨୧.୫୯ କୋଟି ଟଙ୍କା ମଧ୍ୟରେ ରହିବ। ତେବେ ଏହା ମାନକ ବେତନ ହୋଇଥିବାରୁ ସମସ୍ତ ମନ୍ତ୍ରୀ ତୁରନ୍ତ ଏହି ପରିମାଣର ବେତନ ପାଇବେ ନାହିଁ। ଅକ୍ଟୋବର ୧୫ରୁ ବର୍ତ୍ତମାନର ରାଜନୈତିକ ପଦାଧିକାରୀଙ୍କୁ ସର୍ବାଧିକ ୯ ପ୍ରତିଶତ ଏକକାଳୀନ ବୃଦ୍ଧି ମିଳିବ। ପରବର୍ତ୍ତୀ ବୃଦ୍ଧି କାର୍ଯ୍ୟଦକ୍ଷତା ଓ ଦାୟିତ୍ୱ ଆଧାରରେ ନିର୍ଦ୍ଧାରିତ ହେବ। ପ୍ରଧାନମନ୍ତ୍ରୀ ୱଙ୍ଗ୍ କହିଛନ୍ତି, ନିଜ ବେତନରେ ହେବାକୁ ଥିବା ସମ୍ପୂର୍ଣ୍ଣ ବୃଦ୍ଧି ରାଷ୍ଟ୍ରହିତକର କାର୍ଯ୍ୟରେ ଦାନ କରିବେ। ଦେଶକୁ ଦକ୍ଷ ରାଜନୈତିକ ନେତୃତ୍ୱ ଯୋଗାଇବା ଏବଂ ଭଲ ଶାସନ ବଜାୟ ରଖିବା ପାଇଁ ଆକର୍ଷଣୀୟ ବେତନ ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ସିଙ୍ଗାପୁରରେ ୧୫ ବର୍ଷ ପରେ ମନ୍ତ୍ରୀସ୍ତରୀୟ ବେତନରେ ସଂଶୋଧନ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅକ୍ଟୋବର ୧୫ରୁ ଲାଗୁ ହେବ। ସେହିପରି ସାଂସଦମାନଙ୍କ ମାସିକ ଭତ୍ତା ୧୩, ୭୫୦ ସିଙ୍ଗାପୁର ଡଲାରରୁ ବଢ଼ି ୧୮, ୫୦୦ ଡଲାର ହେବ। ସରକାରଙ୍କ ଯୁକ୍ତି ହେଉଛି, ରାଜନୈତିକ ନେତାଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଆକର୍ଷିତ କରିବା ଏବଂ ଦୁର୍ନୀତିର ଆଶଙ୍କା କମାଇବା ପାଇଁ ପ୍ରତିଯୋଗୀମୂଳକ ବେତନ ଆବଶ୍ୟକ। ସିଙ୍ଗାପୁର ବିଶ୍ୱର ସବୁଠୁ କମ୍ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ରହିଆସିଛି।

## ଆମେରିକାର ସ୍ଥାୟୀ ବାସିନ୍ଦା ହେବାକୁ ଭାରତୀୟଙ୍କ ଭିଡ଼




**ଇବି-୫ ଭିସା ଆବେଦନରେ ଚୀନ୍‌କୁ ପଛରେ ପକାଇଲା ଭାରତ**

ୱାସିଂଟନ, ୯।୯(ଏଜେନ୍ସି): ଆମେରିକାରେ ସ୍ଥାୟୀ ବାସ ଅଧିକାର ପାଇଁ ଆବେଦନ କରୁଥିବା ବିଦେଶୀଙ୍କ ମଧ୍ୟରେ ଭାରତୀୟମାନେ ଚୀନ୍‌କୁ ପଛରେ ପକାଇ ସର୍ବାଗ୍ରେ ରହିଛନ୍ତି। ଗତ ୩ ବର୍ଷରେ ନିବେଶକ ଭିତ୍ତିକ ଇବି-୫ ଭିସା ପାଇଁ ୧୨,୯୦୦ ଭାରତୀୟ ଆବେଦନ କରିଥିବା ବେଳେ ଚୀନ୍‌ରୁ ୯, ୮୭୫ ଜଣ ଆବେଦନ କରିଛନ୍ତି। ଇବି-୫ ଭିସା ମାଧ୍ୟମରେ ଆମେରିକାରେ ନିର୍ଦ୍ଧାରିତ ପରିମାଣର ନିବେଶ କରି ସ୍ଥାୟୀ ବାସ ଅଧିକାର ପାଇବାର ସୁଯୋଗ ମିଳିଥାଏ। ଏଥିପାଇଁ ପ୍ରାୟ ୭.୫ କୋଟି ଟଙ୍କା ନିବେଶ ସହ ଅତିକମ୍‌ରେ ୧୦ଟି ନିଯୁକ୍ତି ସୃଷ୍ଟି କରିବାର ନିୟମ ରହିଛି। ଆମେରିକାରେ ଏଚ୍-୧ବି ଭିସା ଉପରେ ନିୟମ କଡ଼ାକଡ଼ି ହେବା ପରେ ଭାରତୀୟଙ୍କ ମଧ୍ୟରେ ଇବି-୫ ପ୍ରତି ଆଗ୍ରହ ବଢ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ, ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ' ଯୋଜନା ପ୍ରତି ଆଗ୍ରହ ଦେଖାଯାଇନାହିଁ। ଏଥିପାଇଁ ପ୍ରାୟ ୯.୫ କୋଟି ଟଙ୍କା ନିବେଶର ବ୍ୟବସ୍ଥା ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ଜଣଙ୍କୁ ଏହି କାର୍ଡ ମିଳିଥିବା ଖବରରେ କୁହାଯାଇଛି। ସେହିପରି, ଅଧ୍ୟାପକ, ବୈଜ୍ଞାନିକ ଓ ଗବେଷକଙ୍କ ପାଇଁ ଉଦ୍ଦିଷ୍ଟ ଇବି-୧ ଭିସାର ୭, ୦୦୦ କୋଟା ମଧ୍ୟ ନିର୍ଦ୍ଧାରିତ ସମୟର ପ୍ରାୟ ଏକ ମାସ ପୂର୍ବରୁ, ଗତ ୧ ତାରିଖରେ ଶେଷ ହୋଇଯାଇଛି।



# ସାହସ କଲ କେମିତି ?

## ନୋଏଡ଼ା ମାଜିଷ୍ଟ୍ରେଟ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**କକ୍ରୋଚ୍ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଛାତ୍ରଙ୍କୁ ମିଳିଥିଲା ୫ ଲକ୍ଷର ନୋଟିସ୍**

ନୂଆଦିଲ୍ଲୀ, ୯।୯(ଏଜେନ୍ସି): ଦିଲ୍ଲୀର ଜନ୍ତର ମନ୍ତରରେ 'କକ୍ରୋଚ୍ ଜନତା ପାର୍ଟି' ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ଛାତ୍ରଙ୍କୁ ୫ ଲକ୍ଷ ଟଙ୍କାର ନୋଟିସ ଦେଇ ଅଡୁଆରେ ପଡ଼ିଯାଇଛନ୍ତି ଗ୍ରେଟର ନୋଏଡ଼ାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍। ଆନ୍ଦୋଳନରେ ସାମିଲ କୌଣସି ଛାତ୍ରଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଏଭଳି ନୋଟିସ ନେଇ ଭୀଷଣ କ୍ଷୋଭ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ଅଦାଲତ। କୋର୍ଟ ଆଦେଶକୁ ଖାତିରି ନ କରି ଏଭଳି ନୋଟିସ ଜାରି କରିବା ଲାଗି ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କିପରି ସାହାସ କଲେ ବୋଲି ପ୍ରଶ୍ନ କରିଛନ୍ତି। ଆଜି ଜଣେ ବରିଷ୍ଠ ନୋଏଡ଼ା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଏଭଳି ନୋଟିସ ସଂପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି, ଛାତ୍ରଙ୍କ ବିରୋଧରେ କୌଣସି ଦଣ୍ଡମୂଳକ କାର୍ଯ୍ୟ ନକରିବାକୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମାଜିଷ୍ଟ୍ରେଟ୍ କିପରି ନୋଟିସ୍ ଜାରି କଲେ? ପ୍ରଧାନ ବିଚାରପତି କହିଛନ୍ତି, 'ମାଜିଷ୍ଟ୍ରେଟ୍ ନୋଟିସ୍ ଜାରି କରିବାକୁ କେମିତି ସାହସ କଲେ? ଆମେ ସ୍ପଷ୍ଟ କରିଥିଲୁ ଯେ କୌଣସି ଛାତ୍ରଙ୍କ ବିରୋଧରେ ବଳପୂର୍ବକ କାର୍ଯ୍ୟ ହେବ ନାହିଁ।'

ସୂଚନାଯୋଗ୍ୟ ଯେ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ର ଅକ୍ଷତ ତ୍ରିପାଠୀ ଏହି ନୋଟିସ୍ ପାଇଥିଲେ। ପୁଲିସ୍ ଅଭିଯୋଗ କରିଥିଲା ଯେ ସେ ବିଶ୍ୱବିଦ୍ୟାଳୟର ଅନ୍ୟ ଛାତ୍ରମାନଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଉତ୍ସାହିତ କରୁଥିଲେ ଏବଂ ସରକାର ବିରୋଧୀ ଭ୍ରମାତ୍ମକ ମତ ପ୍ରଚାର କରୁଥିଲେ। ଏହା ଫଳରେ ଶାନ୍ତି ଓ ଆଇନଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ଥିବା ପୁଲିସ୍ ଦାବି କରିଥିଲା। ସେପ୍ଟେମ୍ବର ୪ରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୩୦ ଅନୁଯାୟୀ ଏହି ନୋଟିସ୍ ଜାରି ହୋଇଥିଲା। ଏଥିରେ ଅକ୍ଷତଙ୍କୁ ୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହ ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାର ଦେବାକୁ କୁହାଯାଇଥିଲା। ତେବେ ପରେ ପୁଲିସ୍ ନୋଟିସ୍‌ଟି ପ୍ରତ୍ୟାହାର କରିନେଇଥିଲା। ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଛାତ୍ରମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଏହି ଘଟଣାରେ ସୁପ୍ରିମକୋର୍ଟ ତଥ୍ୟ ଓ ନୋଟିସ୍‌କୁ ରେକର୍ଡରେ ରଖିବାକୁ କହିବା ସହ ଗ୍ରେଟର ନୋଏଡା କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସୂଚନା ଦେଇଛନ୍ତି।




## ନୋଏଡା ଜିଲ୍ଲାପାଳଙ୍କୁ ୫ ଲକ୍ଷ ଟଙ୍କାର ଜରିମାନା

ପ୍ରୟାଗରାଜ, ୯।୯ (ଏଜେନ୍ସି): ଜାତୀୟ ନିରାପତ୍ତା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବେଆଇନ ଭାବେ ୨୪ ବର୍ଷୀୟା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ତଥା ସାମାଜିକ କର୍ମୀ ଆକୃତି ଚୌଧୁରୀଙ୍କୁ ଅଟକ ରଖାଯିବା ଆଦେଶକୁ ଆହ୍ଲାବାଦ ହାଇକୋର୍ଟ ରଦ୍ଦ କରିଛନ୍ତି। ଏହା ସହିତ କୋର୍ଟ ଉତ୍ତରପ୍ରଦେଶ ପ୍ରଶାସନ ଓ ନୋଏଡା ଜିଲ୍ଲାପାଳ (ଡିଏମ୍) ମେଧା ରୂପମ୍‌ଙ୍କୁ ଭର୍ତ୍ସନା କରିଛନ୍ତି। ଏପରି ସ୍ୱେଚ୍ଛାଚାରୀ ଆଚରଣ ରାଜ୍ୟକୁ ପ୍ରଶାସନିକ ଏକଛତ୍ରବାଦ ଆଡ଼କୁ ନେଇଯିବ ବୋଲି ଚେତାବନୀ ଦେଇଛନ୍ତି। ଦୀର୍ଘ ୫ ମାସ ଧରି ଜେଲ୍‌ରେ ଥିବା ଆକୃତିଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅର୍ଥ ଜିଲ୍ଲାପାଳ ମେଧା ରୂପମ୍, ସମ୍ପୃକ୍ତ ପୁଲିସ ଅଧିକାରୀ ଏବଂ ଥାନା ପ୍ରଭାରୀଙ୍କ ଦରମାରୁ କାଟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପର୍ଯ୍ୟାପ୍ତ ପ୍ରମାଣ ବିନା ଆକୃତିଙ୍କୁ ଏନ୍‌ଏସ୍‌ଏ ଅଧୀନରେ ଅଟକ ରଖିବା ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ। କୋର୍ଟ କହିଛନ୍ତି ଯେ, ପ୍ରଶାସନିକ ଅଧିକାରୀମାନଙ୍କର ନିଷ୍ଠା ସମ୍ବିଧାନ ପ୍ରତି ରହିବା ଆବଶ୍ୟକ, କୌଣସି ରାଜନୈତିକ କାର୍ଯ୍ୟପାଳିକା ପ୍ରତି ନୁହେଁ। ସୂଚନାଯୋଗ୍ୟ ଯେ ରୂପମ ହେଉଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଝିଅ।


## ଲାଲକିଲ୍ଲା ବିସ୍ଫୋରଣ ପାଇଁ ୨୦୨୨ରୁ ଚାଲିଥିଲା ଷଡ଼ଯନ୍ତ୍ର: ଏନ୍‌ଆଇଏ

ନୂଆଦିଲ୍ଲୀ, ୯।୯(ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ୨୦୨୫ ନଭେମ୍ବର ୧୦ ତାରିଖରେ ଘଟିଥିବା କାର୍ ବିସ୍ଫୋରଣ ମାମଲା ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଏହି ଆକ୍ରମଣ ତଥା ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଉମର ଉନ୍ ନବୀକୁ ମୁଖ୍ୟ ଅଭିଯୁକ୍ତ ଭାବେ ଚିହ୍ନଟ କରିଛି। ତଦନ୍ତ ସଂସ୍ଥାର ଚାର୍ଜସିଟ୍ ଅନୁସାରେ, ବିସ୍ଫୋରଣ ଘଟିଥିବା ଗାଡ଼ି ଭିତରେ ନବୀ ନିଜେ ଉପସ୍ଥିତ ଥିଲେ ଏବଂ ବିସ୍ଫୋରଣରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ବିସ୍ଫୋରଣରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୯ ଜଣ ଆହତ ହୋଇଥିଲେ। ବିସ୍ଫୋରଣର ପ୍ରଭାବରେ ଆଖପାଖର ଗାଡ଼ି, ଦୋକାନ ଓ କୋଠାବାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏନ୍‌ଆଇଏ କହିଛି, ନବୀ ଓ ପିଣ୍ଡା ନାମରେ ପରିଚିତ ତାଙ୍କ ସହଯୋଗୀ ରାହୁଲ ଭଟ୍ଟ ୨୦୨୨ ଆରମ୍ଭରୁ ନିଷ୍କ୍ରିୟ ହୋଇପଡ଼ିଥିବା 'ଅନସାର ଗଜୱତ-ଉଲ-ହିନ୍ଦ' ଗୋଷ୍ଠୀକୁ ପୁନର୍ଜୀବିତ କରିବାକୁ ଉଦ୍ୟମ କରୁଥିଲେ।



ଏନ୍‌ଆଇଏ ଏହି ଗୋଷ୍ଠୀକୁ ଭାରତୀୟ ଉପମହାଦେଶରେ ଅଲ୍-କାଏଦା ସହ ସମ୍ପୃକ୍ତ ଏକ ନୂଆ ରୂପ ବୋଲି ବର୍ଣ୍ଣନା କରିଛି। ତଦନ୍ତ ସମୟରେ ନବୀ ଓ ଅନ୍ୟ ସଦସ୍ୟଙ୍କ ନିକଟରୁ ଉଗ୍ରବାଦୀ ସାହିତ୍ୟ ମିଳିଥିବା ଏନ୍‌ଆଇଏ ଦାବି କରିଛି। ଏଥିରେ ସଶସ୍ତ୍ର ସଂଘର୍ଷ ଓ ହିଂସାକୁ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ଲେଖା ଥିବା ଅଭିଯୋଗ ହୋଇଛି। ଅଭିଯୋଗପତ୍ର ଅନୁସାରେ, ଷଡ଼ଯନ୍ତ୍ର ସହ ସମ୍ପୃକ୍ତ ସଦସ୍ୟ ଓ ସାମଗ୍ରୀ ପାଇଁ ଅର୍ଥ ଯୋଗାଡ଼ କରିବାରେ ନବୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଏଥିସହ ସେ ବେଆଇନ ଅସ୍ତ୍ର ସଂଗ୍ରହ ଏବଂ ଲୁଚିବା ପାଇଁ ସ୍ଥାନ ବ୍ୟବସ୍ଥା କରିବାରେ ମଧ୍ୟ ଜଡ଼ିତ ଥିବା ଏନ୍‌ଆଇଏ ଅଭିଯୋଗ କରିଛି। ଜମ୍ମୁ-କଶ୍ମୀର ଏବଂ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏହି ଗୋଷ୍ଠୀର ସଦସ୍ୟମାନେ ବୈଠକ କରୁଥିଲେ ବୋଲି ତଦନ୍ତ ସଂସ୍ଥା କହିଛି। ଏହି ବୈଠକଗୁଡ଼ିକରେ ପ୍ରଶିକ୍ଷଣ ସହ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହୋଇଛି।

## ତେଲଙ୍ଗାନା ବିଧାନସଭାରେ ହଙ୍ଗାମା; ୨୨ ବିଧାୟକ ନିଲମ୍ବିତ



ହାଇଦରାବାଦ, ୯।୯ (ଏଜେନ୍ସି): ତେଲଙ୍ଗାନା ବିଧାନସଭାରେ ବୁଧବାର ପ୍ରବଳ ହଟ୍ଟଗୋଳ ପରେ ବିଆରଏସ୍‌ର କାର୍ଯ୍ୟକାରୀ ସଭାପତି କେଟି ରାମା ରାଓଙ୍କ ସମେତ ୨୨ ଜଣ ବିଧାୟକଙ୍କୁ ଚଳିତ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ଅବନତି ନେଇ ତୁରନ୍ତ ଆଲୋଚନା ଦାବି କରି ବିଆରଏସ୍ ବିଧାୟକମାନେ ବିଧାନସଭାରେ ସ୍ଲୋଗାନ ଦେବା ସହ ବାଚସ୍ପତିଙ୍କ ଆସନ ସମ୍ମୁଖରେ ଥିବା ଗୃହର ମଧ୍ୟଭାଗକୁ ଚାଲିଯାଇଥିଲେ। ବିଆରଏସ୍ ନେତା କେଟିଆର୍ ପୁଲିସ୍ ପକ୍ଷରୁ ମହିଳା ବିଧାୟକମାନଙ୍କ ପ୍ରତି କଥିତ ଦୁର୍ବ୍ୟବହାର ଏବଂ ଦଳର ମୁଖ୍ୟ ତଥା ବିରୋଧୀ ଦଳ ନେତା କେ ଚନ୍ଦ୍ରଶେଖର ରାଓଙ୍କୁ ମିଳୁଥିବା କଥିତ ହତ୍ୟା ଧମକ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ବାଚସ୍ପତି ଗଦ୍ଦମ ପ୍ରସାଦ କୁମାର, ଉପମୁଖ୍ୟମନ୍ତ୍ରୀ ମଲ୍ଲୁଭଟ୍ଟି ବିକ୍ରମାର୍କା ଏବଂ ବିଧାନସଭା ବ୍ୟାପାର ମନ୍ତ୍ରୀ ଡି. ଶ୍ରୀଧର ବାବୁ ବିଧାୟକମାନଙ୍କୁ ନିଜ ଆସନକୁ ଫେରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ପରେ ମନ୍ତ୍ରୀ ଡି ଶ୍ରୀଧର ବାବୁ ନିଲମ୍ବନ ପ୍ରସ୍ତାବ ଆଣିଥିଲେ ଏବଂ ବାଚସ୍ପତି ୨୨ ଜଣ ବିଆରଏସ୍ ବିଧାୟକଙ୍କୁ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବନ ଘୋଷଣା କରିଥିଲେ।

## ଘରକୁ ଫେରିଲେ ରୁଷିଆରେ ଅଟକ ଭାରତୀୟ ଇଞ୍ଜିନିୟର



ମସ୍କୋ, ୯।୯(ଏଜେନ୍ସି): ମଦ୍ୟପାନ କରିବା ଓ ଆମ୍ବୁଲାନ୍ସର କାଚ ଭାଙ୍ଗିବା ଅଭିଯୋଗରେ ରୁଷିଆର ମସ୍କୋରେ ଅଟକ ଥିବା ଭାରତୀୟ ଇଞ୍ଜିନିୟର ଚନ୍ଦନ ଗୁପ୍ତା ମୁକ୍ତ ହୋଇ ଶେଷରେ ଘରକୁ ଫେରିଛନ୍ତି। ତାଙ୍କ ପତ୍ନୀ ସ୍ନେହା ଗୁପ୍ତା ଏହି ସୂଚନା ଦେଇଛନ୍ତି। ଚନ୍ଦନଙ୍କ ନିଯୁକ୍ତିଦାତା ନୋଏଡାସ୍ଥିତ ଏକ କମ୍ପାନୀ ରୁଷିଆରେ ତାଙ୍କ ପାଇଁ ଆଇନଗତ ସହାୟତା ଯୋଗାଇଥିଲା। ଏହାର ଫଳରେ ଚନ୍ଦନ ମୁକ୍ତ ହୋଇଥିବା ସ୍ନେହା କହିଛନ୍ତି। ସେ କମ୍ପାନୀ ଓ ତାଙ୍କୁ ସହାୟତା କରିଥିବା ବିଜେପି ସାଂସଦ ସୀମା ଦ୍ୱିବେଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାନପୁରର ବାସିନ୍ଦା ଚନ୍ଦନ କାର୍ଯ୍ୟଭିସାରେ ପତ୍ନୀ ଓ ୧୦ ବର୍ଷର ପୁଅ ସହ ମସ୍କୋରେ ରହୁଥିଲେ।

# ଦିଲ୍ଲୀରେ ୪୫ ହଜାର କୋଟିର 'ପିଜି' ବେପାର

- ସତ୍ୟ ନିକେତନ ଦୁର୍ଘଟଣା ପରେ ବଢ଼ିଲା ଚିନ୍ତା
- ଛାତ୍ରଙ୍କ ପାଖରେ ବିକଳ୍ପ କମ୍
- ପେଇଂ ଗେଷ୍ଟ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ

ନୂଆଦିଲ୍ଲୀ, ୯।୯(ଏଜେନ୍ସି): ପ୍ରତିବର୍ଷ ଲକ୍ଷାଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ଚାକିରି ଆଶାରେ ଦିଲ୍ଲୀକୁ ଆସୁଛନ୍ତି। କିନ୍ତୁ ବିଶେଷକରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଛାତ୍ରାବାସ ନଥିବାରୁ ଅଧିକାଂଶଙ୍କୁ ବେସରକାରୀ ପେଇଂ ଗେଷ୍ଟ ଓ ଭଡ଼ାଘର ଉପରେ ନିର୍ଭର କରିବାକୁ ପଡୁଛି। ଏହା ଦିଲ୍ଲୀରେ ଏକ ବିଶାଳ ଛାତ୍ର ଆବାସ ଅର୍ଥନୀତି ସୃଷ୍ଟି କରିଛି। ମୁନିର୍କା, ସତ୍ୟ ନିକେତନ, କାଲୁ ସରାଇ ଓ ଲକ୍ଷ୍ମୀ ନଗର ଭଳି ଅଞ୍ଚଳରେ ଅନେକ ଘରକୁ ପେଇଂ ଗେଷ୍ଟ ଆବାସରେ ପରିଣତ କରାଯାଇଛି। ଛୋଟ ଘରେ ଏକାଧିକ ଶଯ୍ୟା, ସଂକୀର୍ଣ୍ଣ ସିଡ଼ି ଓ ଅଧିକ ଲୋକଙ୍କ ରହଣି ଏବେ ସାଧାରଣ ଦୃଶ୍ୟ। ଜଣେ ଛାତ୍ରଙ୍କୁ ବେଡ୍ ସେୟାର ଅର୍ଥାତ ଭାଗବଣ୍ଟା ଶଯ୍ୟା ପାଇଁ ମାସକୁ ପ୍ରାୟ ୮ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ରାଷ୍ଟ୍ରୀୟ ବାଣିଜ୍ୟ ମହାସଂଘର ଆକଳନ ଅନୁସାରେ, ଦିଲ୍ଲୀର ଭଡ଼ା ଆବାସରେ ରହୁଥିବା ଛାତ୍ରଛାତ୍ରୀମାନେ ପ୍ରାୟ ୪୫ ହଜାର କୋଟି ଟଙ୍କାର ଅର୍ଥନୈତିକ କାରବାର ସୃଷ୍ଟି କରୁଛନ୍ତି। ଏହି ବଜାର ଏବେ କେବଳ ଘରମାଲିକଙ୍କ ପାଇଁ ଅତିରିକ୍ତ ଆୟର ମାଧ୍ୟମ ନୁହେଁ, ବରଂ ଏକ ବଡ଼ ସମାନ୍ତରାଳ ଅର୍ଥନୀତିର ରୂପ ନେଇଛି। ସେପ୍ଟେମ୍ବର ୬ରେ ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନରେ ଏକ ପାଞ୍ଚ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ସେଠାରେ ଛାତ୍ରଙ୍କ ପାଇଁ ପେଇଂ ଗେଷ୍ଟ ଆବାସ ଚାଲୁଥିଲା। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅନେକ ଛାତ୍ର ନିଜେ ରହୁଥିବା ଘରର ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। କାନ୍ଥରେ ଫାଟ, ଛାତରୁ ପାଣି ଝରିବା, ଦୁର୍ବଳ ସିଡ଼ି ଓ ଅନୁମୋଦନ ପରେ ଅବୈଧ ଭାବେ ଯୋଡ଼ାଯାଇଥିବା ଘର ଭଳି ସମସ୍ୟା ନେଇ ଛାତ୍ରମାନେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର କଲେଜଗୁଡ଼ିକରେ ଛାତ୍ରାବାସ ଆସନର ଅଭାବ ରହିଛି। ପ୍ରତିବର୍ଷ ବାହାର ରାଜ୍ୟରୁ ହଜାର ହଜାର ଛାତ୍ର ଦିଲ୍ଲୀ ଆସୁଥିବା ବେଳେ ତାଙ୍କ ମଧ୍ୟରୁ ଅଳ୍ପ କିଛିଙ୍କୁ ମାତ୍ର କ୍ୟାମ୍ପସ୍‌ରେ ରହିବାର ସୁଯୋଗ ମିଳୁଛି। କେତେକ ଛାତ୍ରାବାସ ମରାମତି ପାଇଁ ବନ୍ଦ ଥିବାରୁ ସମସ୍ୟା ଆହୁରି ବଢ଼ିଛି। ଫଳରେ ଛାତ୍ରମାନେ ବେସରକାରୀ ପେଇଂ ଗେଷ୍ଟ ବ୍ୟବସ୍ଥାକୁ ବାଧ୍ୟ ହେଉଛନ୍ତି। ଚାହିଦା ଅଧିକ ଓ ଯୋଗାଣ କମ୍ ଥିବାରୁ ଘରମାଲିକମାନେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରତିଯୋଗିତା କରିବା ପରିବର୍ତ୍ତେ ଅବସ୍ଥାନ ଓ ଭଡ଼ାକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ସମ୍ପ୍ରତି ପରାମର୍ଶଦାତା ଦୀପେଶ ଗର୍ଗଙ୍କ ଅନୁସାରେ, ଦିଲ୍ଲୀରେ କେବଳ ପେଇଂ ଗେଷ୍ଟ ଭଡ଼ା ପାଇଁ ପ୍ରତିବର୍ଷ ପ୍ରାୟ ୧୧ରୁ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏବେ ଭଡ଼ାଟିଆମାନେ କେବଳ କଲେଜ ନିକଟତା ଓ କମ୍ ଭଡ଼ା ଦେଖୁନାହାନ୍ତି। କୋଠାର ଗୁଣବତ୍ତା, ବାୟୁ ଚଳାଚଳ, ସୁରକ୍ଷା, ରକ୍ଷଣାବେକ୍ଷଣ, ସୁବିଧା ଏବଂ ଆଇନଗତ ଅନୁମୋଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ସତ୍ୟ ନିକେତନ ଘଟଣା ପରେ ସରକାର ପେଇଂ ଗେଷ୍ଟ ବ୍ୟବସ୍ଥାକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେବାକୁ ଯୋଜନା କରୁଛି। ପ୍ରସ୍ତାବିତ ନିୟମ ଅନୁସାରେ ପ୍ରତ୍ୟେକ ପେଇଂ ଗେଷ୍ଟ ପରିଚାଳକଙ୍କୁ ଲାଇସେନ୍ସ ନେବା ସହ ପୁଲିସ୍ ଓ ପୌରସଂସ୍ଥାର ଯାଞ୍ଚ କରାଇବାକୁ ପଡ଼ିପାରେ।



# ଏମ୍ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବିରେ ରାଜଧାନୀରେ ଗର୍ଜିଲା ବିଜେଡି






## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ରାଜଗାଙ୍ଗପୁର, ୯।୯(ସମିସ): ରାଜଗାଙ୍ଗପୁର ଥାନା ଅଧୀନ ରାଜ୍ୟ ରାଜପଥ ନଂ.-୧୦ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ନିକଟରେ ବୁଧବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୃସିଂହ ଚରଣ ଦାସ ଓ ଜୀବନ ବଲ୍ଲଭ ଖଣ୍ଡୁଆଳ। ସୂଚନା ଅନୁଯାୟୀ, ୨ ଜଣ ଏକ ବାଇକ୍‌ରେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ଘଟଣା ସ୍ଥଳରୁ ତୁରନ୍ତ ଫେରାର ହୋଇଯାଇଥିଲା। ଦୁଇ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବାକୁ ପୁଲିସ ତନାଘନା ଆରମ୍ଭ କରିଛି।

### ପାରିବାରିକ କଳହର କରୁଣ ପରିଣତି

## ଛୁରୀ ଭୁସି ଏକମାତ୍ର ପୁଅକୁ ହତ୍ୟା କଲା ବାପା

ଭଦ୍ରକ, ୯।୯(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବାପା ତା' ନିଜ ପୁଅକୁ ତାଙ୍କ ବୋହୂ ସମ୍ମୁଖରେ ସାବତ ମାଆ ସହ ମିଶି ଛୁରୀ ଭୁସି ବୀଭତ୍ସ ହତ୍ୟା କରିଛି। ଏଭଳି ଅଭାବନୀୟ ଘଟଣା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନିଦା ବଳଭଦ୍ରପୁର ଗାଁରେ ଘଟିଛି। ବୁଧବାର ସକାଳେ ଚୁନିଦା ଗାଁରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ବିକାଶ କୁମାର ସାହୁ(୩୫)।



ସାବତ ମାଆ ଓ ଅଭିଯୁକ୍ତ ବାପା ଅଟକ

ମୃତ ବିକାଶଙ୍କ ପତ୍ନୀ ସ୍ମୃତିରେଖା ଦାସ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏନେଇ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ସକାଳ ପ୍ରାୟ ୮ଟା ୩୦ରେ ସ୍ମୃତିରେଖା ନିଜ ଘରେ ଝାଡୁ ମାରୁଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଶଶୁର ରବୀନ୍ଦ୍ର ସାହୁ(୬୫) ସ୍ୱାମୀ ବିକାଶଙ୍କ ପେଟକୁ ଏକ ଧାରୁଆ ଛୁରୀରେ ଭୁସି ଦେଇଥିଲେ। ଏହି ଆକ୍ରମଣବେଳେ ସେଠାରେ ଉପସ୍ଥିତ ସାବତ ଶାଶୂ ମମତା ସାହୁ ସ୍ମୃତିରେଖା(ବୋହୂ)ଙ୍କୁ ଜାବୁଡ଼ି ଧରିଥିଲେ। ପରେ ଅନ୍ୟ କେତେକ ସମ୍ପର୍କୀୟ ଏହି ଘଟଣାରେ ସହାୟତା କରୁଥିବା ମଧ୍ୟ ସେ ଦର୍ଶାଇଛନ୍ତି। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗ୍ରାମବାସୀମାନେ ବିକାଶଙ୍କୁ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ହତ୍ୟା ଅଭିଯୁକ୍ତ ରବୀନ୍ଦ୍ରଙ୍କ ପ୍ରଥମ ପତ୍ନୀର ଏକମାତ୍ର ପୁତ୍ର ହେଉଛନ୍ତି ବିକାଶ। ବାପା ରବୀନ୍ଦ୍ର ଓ ସାବତ ମାଆ ମମତା ସାହୁଙ୍କ ସହ ବିକାଶଙ୍କର ଜମିଜମାକୁ କେନ୍ଦ୍ର କରି ପୂର୍ବରୁ ବିବାଦ ଲାଗି ରହିଥିଲା। ବିକାଶ ଗତ ମାର୍ଚ୍ଚ ୧୧ ତାରିଖରେ ବିବାହ କରିଥିଲେ। ଏହି ଘଟଣାରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏକ ହତ୍ୟା ମାମଲା(ନଂ-୬୩୫/୨୬) ରୁଜୁ କରି ହତ୍ୟା ଅଭିଯୁକ୍ତ ବାପା ରବୀନ୍ଦ୍ର ଓ ସାବତ ମାଆ ମମତାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ପିଏ ପରିଚୟ ଦେଇ କୋଟିଏ ଠକେଇ

## ବିଭିନ୍ନ ମନ୍ତ୍ରୀ ଓ ନେତାଙ୍କ ସହ ଫଟୋ ଉଠାଇ ଲୋକଙ୍କୁ ଭୁଆଁ ବୁଲାଉଥିଲା

ଭଦ୍ରକ, ୯।୯(ସମିସ): ଉପମୁଖ୍ୟମନ୍ତ୍ରୀଙ୍କ ପିଏ ପରିଚୟ ଦେଇ ଠକେଇ। କେବଳ ସେତିକି ନୁହେଁ ବିଭିନ୍ନ ମନ୍ତ୍ରୀ, ବିଧାୟକଙ୍କ ସହ ଫଟୋ ଉଠାଇ ଚାକିରିଦେବା ନାଁରେ ରାଜ୍ୟର ବିଭିନ୍ନ ଥାନାଞ୍ଚଳରୁ କୋଟିଏରୁ ଅଧିକ ଠକେଇ କରି ଫେରାର୍ ରହି ଶେଷରେ ଦୀଘା ଅଞ୍ଚଳରୁ ଭଦ୍ରକ ଟାଉନ୍ ପୁଲିସ ହାତରେ ଗିରଫ ହୋଇଥିବା ଠକ ଯୁବକ ଜଗନ୍ନାଥ ବାହାଲିଆ(୪୦)କୁ ବୁଧବାର ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଭାବରେ ନିଜକୁ ପରିଚୟ ଦେଇ ଚାକିରି ଆଶାୟୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କା ଠକି ନେଇଥିବା ଏହି ଯୁବକକୁ ଟାଉନ ପୁଲିସ ଗତ ସୋମବାର କରିଥିଲେ। ଅଭିଯୁକ୍ତ ଜଗନ୍ନାଥ ବାହାଲିଆଙ୍କ ନିଜ ଘର ଭଦ୍ରକ ଜିଲ୍ଲା ଧାମନଗର ଥାନା ଚୂଡ଼ାକୁଟି ଅଞ୍ଚଳରେ। ସେ ରେଳବାଇ ଓ ବିଭିନ୍ନ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭାଗରେ ଚାକିରି କରାଇଦେବା ନାଁରେ ଭଦ୍ରକ, ବାଲେଶ୍ୱର, କଟକ, ପୁରୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରୁ ଗତ କିଛି ବର୍ଷ ହେବ କୋଟିଏରୁ ଅଧିକ ଟଙ୍କା ଠକି ନେଇଥିଲା। ପରେ ସେ ଭଦ୍ରକ ସହରର ବିଭିନ୍ନ ଅଞ୍ଚଳରେ ଭଡ଼ାଘରେ ସପରିବାରେ ରହୁଥିଲା।



ତେବେ ସିମୁଳିଆ ଅଞ୍ଚଳର ଯୁବକ ସୌରଭ ମହାପାତ୍ରଙ୍କୁ ଠକ ଜଗନ୍ନାଥ ରେଳବାଇରେ ନିଯୁକ୍ତିର ପ୍ରଲୋଭନ ଦେଖାଇ ଗତ ୩ ମାସ ତଳେ ୧୫ଲକ୍ଷ ଟଙ୍କା ନେଇଯାଇଥିଲା। ସେ ନିଯୁକ୍ତି ଆଶାୟୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ପିଏ ବୋଲି ପରିଚୟ ଦେବା ସହ ଶାସକ ଦଳର ବିଭିନ୍ନ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଧାୟକ ଓ ନେତାଙ୍କ ସହ ଉଠାଇଥିବା ଫଟୋକୁ ଦେଖାଇ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ଏଭଳି ଠକି ଆସୁଥିଲା। ତେବେ ସୌରଭଙ୍କୁ ନିଯୁକ୍ତି ନ ମିଳିବାରୁ ସେ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ ଜଗନ୍ନାଥ ଫେରାର୍ ହୋଇ ପଶ୍ଚିମବଙ୍ଗ ଦୀଘା ଅଞ୍ଚଳରେ ଲୁଚି ରହିଥିଲା। ପରେ ଟାଉନ ଥାନାରେ ସୌରଭ ଏନେଇ ଏତଲା

**■ ଦୀଘାରୁ ଠକକୁ ଗିରଫ କଲା ଭଦ୍ରକ ଟାଉନ ପୁଲିସ**
**■ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ**

ଦେବା ପରେ ଟାଉନ ପୁଲିସ ଘଟଣାରେ ଏକ ମାମଲା(ନଂ-୫୪୪/୨୬) ରୁଜୁ କରି ଏକ ସ୍ୱତନ୍ତ୍ର ଟିମ୍ ପଠାଇ ଦୀଘାରୁ ଜଗନ୍ନାଥକୁ ଗିରଫ କରିଥିଲେ। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

ଧାମନଗର ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ ଭଦ୍ରକ ଟାଉନ ଥାନା ଅଧୀନ ଜଗନ୍ନାଥପୁର ଅଞ୍ଚଳରେ ଭଡ଼ାଘରେ ରହି ନିଜର ଜାଲ ବିଛାଉଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସହ ଅନେକ ହାଇପ୍ରୋଫାଇଲ୍‌ଙ୍କ ସହ ନିଜର ଫଟୋ ଦେଖାଇ ଠକୁଥିଲା। ବଡ଼ ବଡ଼ ଲୋକଙ୍କ ସହ ସମ୍ପର୍କ ଥିବା କହି ଅନେକ ଚାକିରି ଆଶାୟୀଙ୍କଠାରୁ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠିକିଥିଲା। ପୁଲିସ ତା' ଲୋକେସନ ଟ୍ରାକିଂ କରି ଶେଷରେ ତାକୁ ଦୀଘାରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଠକ ଜଗନ୍ନାଥର ଠକାମୀର ଚେର ରାଜ୍ୟ ତମାମ ମାଡ଼ିଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ଟାଉନ ଥାନା ଆଇଆଇସି ଶ୍ରୀ ମିଶ୍ରଙ୍କ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ସହ ବାଲେଶ୍ୱର, କଟକ, ଭୁବନେଶ୍ୱର, ପୁରୀ ଆଦି ବିଭିନ୍ନ ଥାନାରେ ଏହି ଠକାମୀ ଜନିତ ମାମଲା ରୁଜୁ ହୋଇଛି।

### ଘରୋଇକରଣ ପରେ ବହୁଗୁଣା ହୋଇପାରେ ବିମାନବନ୍ଦର ସେବା ଦେୟ

## ୬୦ରୁ ୨୦୦ ଟଙ୍କା ହୋଇପାରେ ପାର୍କିଂ ଫି'

ଭୁବନେଶ୍ୱର, ୯।୯ (ସମିସ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)କୁ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଏହାର ପ୍ରଭାବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦେଶର ୧୧ଟି ବିମାନବନ୍ଦରକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରି ପିପିପି ମୋଡ୍‌ରେ ଦୀର୍ଘମିଆଦୀ ଲିଜ୍‌ରେ ଦେବା ପାଇଁ ଯୋଜନା ରହିଥିବାବେଳେ ଭୁବନେଶ୍ୱର ସହ ହୁବ୍‌ଲି ବିମାନବନ୍ଦରକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି।

ତେବେ ଲାଭଜନକ ଭାବେ ପରିଚାଳିତ ହେଉଥିବା ଭୁବନେଶ୍ୱର ବିମାନବନ୍ଦରକୁ ଘରୋଇ ପରିଚାଳନାକୁ ଦେବା ପରେ ଏହାର ସିଧାସଳଖ ପ୍ରଭାବ ଯାତ୍ରୀଙ୍କ ଉପରେ ପଡ଼ିବା ଆଶଙ୍କା କରାଯାଉଛି। ବିଶେଷକରି ପାର୍କିଂ ଫି, ଲାଉଞ୍ଜ ସେବା, ଖାଦ୍ୟପେୟ ଏବଂ ବିମାନବନ୍ଦର ସହ ଜଡ଼ିତ ବିଭିନ୍ନ ଦେୟ ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। ହାଇଦରାବାଦ ବିମାନବନ୍ଦରରେ ଯାତ୍ରୀଙ୍କଠାରୁ ବହୁ ଅଧିକ 'ୟୁଜର ଡେଭଲପମେଣ୍ଟ ଫି' (ୟୁଡିଏଫ୍) ଆଦାୟ ହେଉଥିବାବେଳେ ଅନ୍ତର୍ଜାତୀୟ ଯାତ୍ରୀଙ୍କ କ୍ଷେତ୍ରରେ ଏହି ଦେୟ ଆହୁରି ଅଧିକ। ବର୍ତ୍ତମାନ ଭୁବନେଶ୍ୱରରେ ଗାଡ଼ି ପାର୍କିଂ ପାଇଁ ପ୍ରାୟ ୬୦ ଟଙ୍କା ଦେବାକୁ ପଡୁଥିବାବେଳେ ହାଇଦରାବାଦରେ ଏହା ପ୍ରାୟ ୨୫୦ ଟଙ୍କା ଥିବା ଉଦାହରଣ ଦିଆଯାଉଛି। ତେଣୁ ଘରୋଇ ପରିଚାଳନାକୁ ଯିବା ପରେ ଭୁବନେଶ୍ୱରରେ ମଧ୍ୟ ପାର୍କିଂ ଫି ବଢ଼ିବା ନେଇ ଆଶଙ୍କା ରହିଛି। ସେହିପରି ବିମାନବନ୍ଦର



**■ ବଢ଼ିପାରେ ଲାଉଞ୍ଜରେ ଖାଦ୍ୟ ସାମଗ୍ରୀର ମୂଲ୍ୟ**
**■ ୫୦ ବର୍ଷିଆ ଲିଜ୍‌କୁ ନେଇ ସାଧାରଣରେ ପ୍ରଶ୍ନ**

ଲାଉଞ୍ଜରେ ମିଳୁଥିବା ଖାଦ୍ୟପେୟ ଓ ଅନ୍ୟାନ୍ୟ ସେବାର ମୂଲ୍ୟକୁ ନେଇ ମଧ୍ୟ ଯାତ୍ରୀଙ୍କ ଚିନ୍ତା ବଢ଼ିଛି।

ଭୁବନେଶ୍ୱର ବିମାନବନ୍ଦରର ଭିତ୍ତିଭୂମି ବିକାଶରେ ବର୍ଷ ବର୍ଷ ଧରି ସରକାରୀ ଅର୍ଥ ବ୍ୟୟ ହୋଇଛି। ନୂଆ ଟର୍ମିନାଲ, ରନ୍‌ୱେ, ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ବିପୁଳ ସରକାରୀ ନିବେଶ ହୋଇଥିବାବେଳେ ଏବେ ଏହାକୁ ଦୀର୍ଘମିଆଦୀ ଲିଜ୍‌ରେ ଘରୋଇ ଅପରେଟରଙ୍କୁ ଦେବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି। ଘରୋଇକରଣରୁ କେନ୍ଦ୍ର ସରକାର କେତେ ରାଜସ୍ୱ ପାଇବେ ଏବଂ ଭବିଷ୍ୟତରେ ଯାତ୍ରୀଙ୍କଠାରୁ କେତେ ଅଧିକ ଦେୟ ଆଦାୟ ହେବ ଆଦି ଦୁଇଟି ପ୍ରଶ୍ନ ଏବେ ଗୁରୁତ୍ୱ ବହନ କରୁଛି। ଏହାଛଡ଼ା ବିମାନବନ୍ଦରର ଭବିଷ୍ୟତ ବିକାଶର ଖର୍ଚ୍ଚ କିଏ ବହନ କରିବ ଏବଂ ତାହାର ଆର୍ଥିକ ଭାର ଶେଷରେ ଯାତ୍ରୀଙ୍କ ଉପରେ ପଡ଼ିବ କି ନାହିଁ, ସେ ନେଇ ମଧ୍ୟ ସ୍ୱଷ୍ଟତା ଆବଶ୍ୟକ। ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ଚାହିଦା ବଢୁଥିବାରୁ ନୂଆ ଟର୍ମିନାଲ ନିର୍ମାଣର ଆବଶ୍ୟକତା ରହିଛି। ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଟର୍ମିନାଲ-୩ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ଜଣାପଡ଼ିଛି। ଏପରି ସମୟରେ ବିମାନବନ୍ଦରକୁ ପ୍ରାୟ ୫୦ ବର୍ଷ ପାଇଁ ଘରୋଇ ସଂସ୍ଥାକୁ ଲିଜ୍ ଦେବା ଯୋଜନା କାହିଁକି ଆବଶ୍ୟକ ହେଲା, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଭୁବନେଶ୍ୱର ବିମାନବନ୍ଦର ଓଡ଼ିଶାର ବିମାନ ସଂଯୋଗର ପ୍ରମୁଖ ଦ୍ୱାର। ତେଣୁ ଏହାର ଘରୋଇକରଣ କେବଳ ଏକ ବାଣିଜ୍ୟିକ ନିଷ୍ପତ୍ତି ନୁହେଁ; ଏହାର ପ୍ରଭାବ ଯାତ୍ରୀଙ୍କ ଖର୍ଚ୍ଚ, ରାଜ୍ୟର ସଂଯୋଗ, ନିବେଶ ଓ ଭବିଷ୍ୟତ ବିକାଶ ଉପରେ ପଡ଼ିବ। ତେଣୁ ଲିଜ୍ ଚୁକ୍ତିରେ ଯାତ୍ରୀ ସ୍ୱାର୍ଥ ସୁରକ୍ଷା, ଫି ନିୟନ୍ତ୍ରଣ ଓ ସେବାର ମାନ ସମ୍ପର୍କରେ କେଉଁ ସର୍ତ୍ତ ରହିବ, ତାହା ସ୍ୱଷ୍ଟ କରିବାକୁ ଦାବି ଜୋର ଧରିଛି।

### ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

## ପତ୍ନୀ ବିଦ୍ୟାଭାରତୀଙ୍କ ଦୁଇ ଆବେଦନ ଖାରଜ

କଟକ, ୯।୯(ସମିସ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପାଇଁ ଅଡୁଆ ବଢିଛି। ଆଜି ବିଦ୍ୟାଭାରତୀଙ୍କ ପକ୍ଷରୁ ରୁଜୁ ହୋଇଥିବା ଦୁଇଟି ଆବେଦନକୁ ଖାରଜ କରିଦେଇଛନ୍ତି। ଗତ ୩ତାରିଖରେ ଜଷ୍ଟିସ ଶିବଶଙ୍କର ମିଶ୍ର ଏହି ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି। ମାମଲା ଖାରଜ ହୋଇଯିବା କାରଣରୁ ପୂର୍ବରୁ ବିଦ୍ୟାଭାରତୀଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ହଟିଛି। ସିଆରପିସିର ଧାରା ୨୦୫ରେ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ଗତ ୨୦୨୩ ଜୁନ ୨୩ ଓ ୨୦୨୪ ମାର୍ଚ୍ଚ୧୧ରେ ପ୍ରଦାନ କରିଥିବା ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ହାଇକୋର୍ଟ। ଆବେଦନକାରୀ ଆସନ୍ତା ଅକ୍ଟୋବର ୧ସୁଦ୍ଧା ଏସଡିଜେଏମଙ୍କ ଅଦାଲତରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ହାଜର ବେଳେ ତାଙ୍କୁ ହେପାଜତକୁ ନିଆଯାଇପାରେ ବୋଲି ଆବେଦନକାରୀ ଦର୍ଶାଇବାରୁ ସେ ନିମ୍ନ ଅଦାଲତରେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ।

**ଅକ୍ଟୋବର ୧ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ**

ପ୍ରକାଶଥାଉକି, ଏହି ଘଟଣାରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା ଗିରଫ ହୋଇଥିଲେ। ଦୌରା ଅଦାଲତରେ ଜାମିନ ଖାରଜ ହେବାପରେ ଜେଲରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଓ ଏତଲାକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡି ହୋଇ ଗୁରୁତର ହୋଇଥିଲେ। ପର ଦିନ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଂଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନର ଶୁଣାଣି କରି ଗତ ୨୦୨୩, ଏପ୍ରିଲ ୧୨ରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ଶ୍ରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲାକୁ ରଦ୍ଦ କରାଯାଉ ପ୍ରାର୍ଥନା କରିଥିଲେ ବି ଏହାକୁ ନିମ୍ନ ଅଦାଲତ ଖାରଜ କରିବାରୁ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଚୁଲିକୁ ଗଲାଣି ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣ

# ମିଳୁନି ପାଣି; ଶୁଖୁଛି ଭକ୍ତର ତଣ୍ଟି

ପୁରୀ, ୯।୯(ସମିସ): ଶ୍ରୀମନ୍ଦିରର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ନିର୍ମିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ତା'ର ପୂର୍ବ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ଗଛ ମରିଯାଉଥିବା ବେଳେ ଘାସ ଓ ଆବର୍ଜନା ଠିକ୍ ଭାବେ ସଫା ହେଉନାହିଁ। ତେବେ ସବୁଠାରୁ ବଡ଼ ସମସ୍ୟା ଏବେ ଭକ୍ତଙ୍କ ପାଇଁ ପାନୀୟ ଜଳ। ଶ୍ରଦ୍ଧାଳୁଙ୍କ ଶୋଷ ମେଣ୍ଟାଇବା ପାଇଁ ପରିକ୍ରମା ମାର୍ଗରେ ରହିଥିବା 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ମଧ୍ୟରୁ ଅଧାରୁ ଅଧିକ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ତୀବ୍ର ଖରା ଓ ଗହଳି ସମୟରେ ଭକ୍ତମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣି ବୋତଲ ଧରି ଟ୍ୟାପ୍ ନିକଟକୁ ଯାଉଥିବା ଭକ୍ତ ଅନେକ ସମୟରେ ଖାଲି ହାତରେ ଫେରୁଛନ୍ତି।

ଚାରିଦ୍ୱାର ପାର୍ଶ୍ୱରେ ପ୍ରାୟ ୯ଟି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଷ୍ଟାଣ୍ଡ ପୋଷ୍ଟ ରହିଥିବାବେଳେ ସେଥିମଧ୍ୟରୁ ୫ଟି ଅଚଳ ହୋଇପଡ଼ିଛି। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦକ୍ଷିଣ ଦ୍ୱାର ପାର୍ଶ୍ୱର ସ୍ଥିତି ସବୁଠୁ ଦୟନୀୟ ବୋଲି ଭକ୍ତମାନେ କହିଛନ୍ତି। ଏଠାରେ ଥିବା ଷ୍ଟାଣ୍ଡପୋଷ୍ଟଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଶ୍ରଦ୍ଧାଳୁଙ୍କୁ ପାଣି ମୁନ୍ଦିଏ ମିଳୁନାହିଁ। କେଉଁଠି ଟ୍ୟାପ୍ ଭାଙ୍ଗିଯାଇଛି ତ ଆଉ କେଉଁଠି ଷ୍ଟାଣ୍ଡପୋଷ୍ଟକୁ ଉଠାଇ ଦିଆଯାଇଛି। କିଛି ଜାଗାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆର୍‌ଓ୍ୟୁଭି ପ୍ରକ୍ରିୟାକୃତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଛୋଟ ଟ୍ୟାଙ୍କ ମଧ୍ୟ ରହିଛି। କିନ୍ତୁ ସେଠାରେ ମଧ୍ୟ ନିୟମିତ ପାଣି ଉପଲବ୍ଧ ନ ଥିବା ନେଇ ଭକ୍ତମାନେ ଅଭିଯୋଗ କରିଛନ୍ତି। ପାଣି ପାଇଁ ପ୍ରାୟ ୧୫ରୁ ୨୦ ଜଣ ଭକ୍ତ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଯେଉଁ ପରିକ୍ରମା ପ୍ରକଳ୍ପ ଭକ୍ତଙ୍କ ସୁବିଧା ପାଇଁ ନିର୍ମିତ, ସେଠାରେ ସାମାନ୍ୟ ପାଣି ପାଇଁ ଏଭଳି ଅବସ୍ଥା ଭକ୍ତଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି କରିଛି।

କେବଳ ପାନୀୟ ଜଳ ନୁହେଁ, ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣକୁ ନେଇ ମଧ୍ୟ ଅଭିଯୋଗ ରହିଛି। ବିଭିନ୍ନ ସ୍ଥାନରେ ଘାସ ଉଠି ପରିବେଶ ଅପରିଷ୍କାର ଦେଖାଯାଉଛି।

## ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଗଛ ମରୁଛି

ଗତ ସୋମବାର କାଳୀୟଦଳନ ଏକାଦଶୀରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ଭିତର ସମେତ ପରିକ୍ରମା ମାର୍ଗ ମଧ୍ୟ ଗହଳିରେ ଭରିଯାଇଥିଲା। ସନ୍ଧ୍ୟାରେ ଦକ୍ଷିଣ ଦ୍ୱାର ପେଜନଳା ନିକଟରେ କିଛି ଶ୍ରଦ୍ଧାଳୁ ଏକାଦଶୀ ମହାଦୀପ ଦର୍ଶନ ପାଇଁ ବସିଥିଲେ। ଏହି ସମୟରେ ଶୋଷ ଲାଗିବାରୁ କେତେଜଣ ଭକ୍ତ ପାଣି ପାଇଁ ନିକଟସ୍ଥ ଷ୍ଟାଣ୍ଡପୋଷ୍ଟ ନିକଟକୁ ଯାଇଥିଲେ। ହେଲେ ସବୁ ପୋଷ୍ଟ ଅଚଳ ଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶେଷରେ ଏକ ଛୋଟ ଆର୍‌ଓ୍ୟୁଭି ଟ୍ୟାଙ୍କ ନିକଟରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା କେତେକ ଗଛ ମଧ୍ୟ ଉପଯୁକ୍ତ ଯତ୍ନ ଅଭାବରୁ ମରିଯାଉଛି। ଏ ନେଇ ପୂର୍ବରୁ ଏକାଧିକଥର ଅଭିଯୋଗ ହୋଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଉ ନାହିଁ। ସଞ୍ଜ ନଇଁଲେ ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ଭକ୍ତମାନେ ବସି ଶ୍ରୀମନ୍ଦିରର ଆଧ୍ୟାତ୍ମିକ ପରିବେଶକୁ ଅନୁଭବ କରନ୍ତି। ଅନେକ ପରିବାର ପିଲାଛୁଆଙ୍କୁ ନେଇ ସେଠାରେ କିଛି ସମୟ ବିତାଇଥା'ନ୍ତି। ଏଭଳି ସମୟରେ ପାଣିର ଆବଶ୍ୟକତା ଅଧିକ ରହୁଥିବାବେଳେ ଟ୍ୟାପ୍‌ଗୁଡ଼ିକ ଅଚଳ ରହିବା ଭକ୍ତଙ୍କ ଅସୁବିଧାକୁ ବଢ଼ାଇ ଦେଉଛି।

ଏହି ଅବ୍ୟବସ୍ଥାକୁ ନେଇ ଭକ୍ତମାନେ ପ୍ରଶ୍ନ ଉଠାଇଛନ୍ତି। ବାଲେଶ୍ୱର ଭୋଗରାଇର ସନ୍ଦୀପ ସାହୁ କହିଛନ୍ତି, 'ଭକ୍ତଙ୍କ ସୁବିଧା ପାଇଁ ଏତେ ବଡ଼ ପ୍ରକଳ୍ପ କରାଯାଇଛି। ଏବେ ଏହାର ରକ୍ଷଣାବେକ୍ଷଣ କାହିଁକି ଠିକ୍ ଭାବେ ହେଉନାହିଁ? ପୂର୍ବ ସରକାର ଏହି ପ୍ରକଳ୍ପ କରିଥିବାରୁ ବର୍ତ୍ତମାନ ସରକାର ଏହାର ଯତ୍ନ ନେଉନାହାନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନୟାଗଡ଼ ରଣପୁରର ସୁମିତ୍ ନାୟକ କହିଛନ୍ତି, 'ଶ୍ରୀମନ୍ଦିର ହୁଣ୍ଡିରୁ ପ୍ରତିଦିନ ବହୁ ଅର୍ଥ ଆୟ ହେଉଛି। ଭକ୍ତଙ୍କ ସୁବିଧା ପାଇଁ ଅନ୍ତତଃ କିଛି ଅର୍ଥ ବିନିଯୋଗ କରାଯାଇପାରନ୍ତା। ଯଦି ଭକ୍ତଙ୍କୁ ସାମାନ୍ୟ ପାଣି ମୁନ୍ଦିଏ ମିଳୁନାହିଁ, ତେବେ 'ଅତିଥି ଦେବୋ ଭବଃ' କହିବାର ଅର୍ଥ କ'ଣ?' ଭକ୍ତଙ୍କ ଏହି ଅଭିଯୋଗ ଓ କ୍ଷୋଭ ମଧ୍ୟରେ ଏବେ ବଡ଼ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଐତିହାସିକ ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଦାୟୀ କିଏ? ଭକ୍ତଙ୍କ ସୁବିଧା ଓ ଶ୍ରୀକ୍ଷେତ୍ରର ମର୍ଯ୍ୟାଦା ଦୃଷ୍ଟିରୁ ଅଚଳ ଷ୍ଟାଣ୍ଡପୋଷ୍ଟଗୁଡ଼ିକର ତୁରନ୍ତ ମରାମତି, ନିୟମିତ ପାନୀୟ ଜଳ ଯୋଗାଣ ସହ ପରିକ୍ରମା ମାର୍ଗର ସଫେଇ ଓ ଉଦ୍ୟାନର ରକ୍ଷଣାବେକ୍ଷଣ ଉପରେ ତୁରନ୍ତ ଗୁରୁତ୍ୱ ଦେବାକୁ ଭକ୍ତମାନେ ଦାବି କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2026-27/15 (ନିୟମିତ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ବାଣିଜ୍ୟ ଆର୍ଥିକ ଅଧିକାରୀ - ଆଇବିଜି - (ଟିଏଫ୍ଓ -ଆଇବିଜି) - ଜେଏମ୍‌ଜିଏସ୍-1 | 14 | 21 | 30 |
| ବାଣିଜ୍ୟ ଆର୍ଥିକ ଅଧିକାରୀ - ଆଇବିଜି - (ଟିଏଫ୍ଓ -ଆଇବିଜି) - ଏମ୍ଏମ୍‌ଜିଏସ୍-II | 21 | 23 | 32 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.08.2026 ରୁ 19.09.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 29.08.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଧାରଣା



ବରୀ, ୯।୯ (ସମିସ): ସରକାର ଶିକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ ନିମନ୍ତେ ଗୁରୁତ୍ୱ ଦେଉଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବରୀ ଶିକ୍ଷା ମଣ୍ଡଳ ଅଧୀନସ୍ଥ କୃଷ୍ଣ ନଗର ପ୍ରାଥମିକ ବିଦ୍ୟାଳୟ ପରିସରରେ। ସୂଚନା ମୁତାବକ ଏହି ବିଦ୍ୟାଳୟରେ ୫ ଟି ଶ୍ରେଣୀ ଥିବା ବେଳେ ୪୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ଉକ୍ତ ବିଦ୍ୟାଳୟ ରେ ୩ ଜଣଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକଙ୍କୁ ବଦଳି କରାଯିବା ଘଟଣାକୁ ନେଇ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଦୀର୍ଘ ସମୟ ଧରି ବାରମ୍ବାର ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ପରବର୍ତ୍ତୀ ସମୟରେ ଧାରଣାରେ ବସିଥିବା ଖବର ପାଇ ବରୀ ଶିକ୍ଷା ମଣ୍ଡଳ ଅଧିକାରିଣୀ ପ୍ରତିଶ୍ରୁତି ସିଂହ ବଦଳି ହୋଇଥିବା ପ୍ରଧାନ ଶିକ୍ଷକଙ୍କୁ ପୁର୍ନବାର ଏହି ବିଦ୍ୟାଳୟରେ ଅବସ୍ଥାପିତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

### ମଙ୍ଗଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ନାହାନ୍ତି ଭିଏସ୍

# ଖାଲିପଡ଼ିଛି ପ୍ରାଣୀ ନିରୀକ୍ଷକ ପଦ

ମଙ୍ଗଳପୁର, ୯।୯ (ସମିସ):

ସରକାର ପ୍ରାଣୀ ସମ୍ପଦର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ଲୋକ ମାନେ କିପରି ଗୃହପାଳିତ ପଶୁ ପକ୍ଷୀ ପାଳି ନିଜର ପରିବାର ପ୍ରତିପୋଷଣ କରିପାରିବେ ସେଥିନେଇ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକ ମାନଙ୍କୁ ଋଣ ଯୋଗେଇ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ଲୋକ ମାନେ ଗାଇଗୋରୁ, ଛେଳିମେଣ୍ଢା, ମଇଁଷି ଆଦି ପାଳି ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ ସେମାନଙ୍କ ଦେହ ଖରାପ ହେଲେ ଭଗବାନ ଉପରେ ଭରଷା କରି ଚୁପ ରହୁଛନ୍ତି। ଏମିତି ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକରେ।

ଘଟଣାରୁ ପ୍ରକାଶ ଏହି ବ୍ଲକ ପାଇଁ ୩ ଜଣ ଭିଏସ୍ (ଭେଟେନାରୀ ସର୍ଜନ) ପୋଷ୍ଟ ଅନୁମୋଦନ ଥିବା ବେଳେ ଜଣେ ମାତ୍ର ଭିଏସ ଅଛନ୍ତି। ସେହିପରି ବ୍ଲକରେ ୧୧ ଗୋଟି ଏଲଆଇ ପଏଣ୍ଟ ଥିବା ବେଳେ ମାତ୍ର ୭ ଜଣ ଏଲଆଇ (ପ୍ରାଣୀ ନିରୀକ୍ଷକ) ନିଯୁକ୍ତି ଅଛନ୍ତି। ସେହିପରି




ବହୁ ପୁରୁଣା ମଙ୍ଗଳପୁର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରାଣୀ ଚିକିତ୍ସାଳୟରେ ମୂଳରୁ ଭିଏସ୍ ପୋଷ୍ଟ ଅନୁମୋଦନ ନାହିଁ। ଏହି ଚିକିତ୍ସାଳୟଟି ଉପରେ କୟାଁ ପଞ୍ଚାୟତ ଠାରୁ ଆରମ୍ଭ କରି କନିକାପଡା ପଞ୍ଚାୟତର ଗୋରୁଗାଈ ଓ ଅନ୍ୟାନ୍ୟ ପଶୁ ପକ୍ଷୀମାନେ ଚିକିତ୍ସା ପାଇଁ ଆସିଥାନ୍ତି। ମାତ୍ର ଏଠାରେ ଚିକିତ୍ସା ପାଇଁ ଜଣେ ଏଲଆଇଙ୍କ ଉପରେ ନିର୍ଭର କରିବା ପାଇଁ ପଡିଥାଏ। ମାତ୍ର ଏବେ ଏହି ଚିକିତ୍ସା କେନ୍ଦ୍ରରେ ଏଲଆଇ ମଧ୍ୟ ନାହାଁନ୍ତି। ଦୀର୍ଘଦିନ ହେବ ମଙ୍ଗଳପୁର ପ୍ରାଣୀ ଚିକିତ୍ସାଳୟରେ ଏଲଆଇ ପୋଷ୍ଟ ଫାଙ୍କା ପଡିଛି। ଯାହା ଫଳରେ ମଙ୍ଗଳପୁରକୁ ଚିକିତ୍ସା ପାଇଁ ଗୋରୁ ଗାଈ ଓ ଅନ୍ୟାନ୍ୟ ପଶୁ ପକ୍ଷୀ ଚିକିତ୍ସା ପାଇଁ ନେଇ ଆସୁଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା

### ଫୋନ୍ କଲେ ମିଳୁନି ଆମ୍ବୁଲାନ୍ସ ସେବା

ଦେଖିବା ପାଇଁ ମିଳିଛି। ସେହିପରି ଏହି ମଙ୍ଗଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପାରିପଦା ସେଣ୍ଟରର ଏଲଆଇ ଚାର୍ଜରେ ଥିବା ବେଳେ ଦୁଇଟି କେନ୍ଦ୍ରରେ ଜଣେ ମାତ୍ର ଏଲଆଇ ଚାର୍ଜରେ ଥିବାରୁ ଦୁଇଟି କେନ୍ଦ୍ରରେ ଲୋକମାନେ ପଶୁ ପକ୍ଷୀ ଚିକିତ୍ସା କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେଇ ଦିଆଯାଇ ଥିଲେ ମଧ୍ୟ ଜରୁରୀ କ୍ଷେତ୍ରରେ କେହି ଗୋରୁଗାଈଙ୍କର ଚିକିତ୍ସା ପାଇଁ ଫୋନ କଲେ ସେହି ଆମ୍ବୁଲାନ୍ସ କେବଳ ଷେଣ୍ଢ, ବୁଲା କୁକୁର, ବୁଲା ଗାଈଗୋରୁ ମାନଙ୍କର ଚିକିତ୍ସା ପାଇଁ ଉଦ୍ଦିଷ୍ଟ ବୋଲି ଦଶରଥପୁର ପ୍ରାଣୀ ଚିକିତ୍ସକ କହିବା ସହ ଆପଣମାନେ ଆପଣମାନଙ୍କ ଗାଈଗୋରୁଙ୍କୁ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ଆସନ୍ତୁ ବୋଲି କହିଥାନ୍ତି। ଭିଏସଙ୍କ କହିବା ଅନୁଯାଇ 'ବ୍ଲକରେ ମୁଁ ଜଣେ ମାତ୍ର ଭିଏସ୍ ଅଛି। ତେଣୁ ଡିଉଟି ସମୟରେ ହେଡ୍ କ୍ୱାଟର ଛାଡି ଯିବା ସମ୍ଭବ ନୁହେଁ। କାରଣ ମୁଁ ହେଡ୍‌କ୍ୱାଟର ଛାଡି ଗଲେ ବ୍ଲକର ଅନ୍ୟାନ୍ୟ ସ୍ଥାନରୁ ଚିକିତ୍ସା ପାଇଁ ଆସିଥିବା ପଶୁପକ୍ଷୀ ଅସୁବିଧାର ସମ୍ମୁଖୀନ ହେବା ସହ ମୁଁ ଫେରିବା ପର୍ଯ୍ୟନ୍ତ ସେମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପାଇଁ ପଡିବ। ସେହିପରି ଅନେକ ସମୟରେ ଆମ୍ବୁଲାନ୍ସ ଡିଉଟିରେ ମୁଁ ପଳାଉଥିବାରୁ ଚିକିତ୍ସାରେ ଅସୁବିଧା ସୃଷ୍ଟି ହେଉଛି' ବୋଲି ମଧ୍ୟ ଭିଏସ୍ ସ୍ୱୀକାର କରିଥିଲେ। ତେବେ ସର୍ବପୁରାତନ ମଙ୍ଗଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜଣେ ଭିଏସ ନିଯୁକ୍ତି କରିବା ସହ ଖାଲି ଥିବା ଏଲଆଇ ପଦବୀ ପୂରଣ କରିବା ପାଇଁ ଥାଲକୁଡ଼ିର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ସିପିଆଇ ନେତା ମଳୟ କୁମାର ପଣ୍ଡା, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ବିରଜା ମଲ୍ଲିକ, ଶଶୀଭୁଷଣ ବିଶ୍ୱାଳ, ଗଙ୍ଗାଧର ଯେନା ପ୍ରମୁଖଙ୍କ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନଶୁଣାଣି

ବିଞ୍ଝାରପୁର, ୯।୯ (ସମିସ): ବିଞ୍ଝାରପୁର ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା), ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ଏବଂ ମଧୁବାବୁ ପେନ୍‌ସନ ଯୋଜନା ଓ




ଜାତୀୟ ସାମାଜିକ ସହାୟତା ଯୋଜନା ଏପ୍ରିଲ୍ ୨୦୨୫ରୁ ମାର୍ଚ୍ଚ ୨୦୨୬ ଅବଧିର ସାମାଜିକ ସମୀକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ପରିଷଦର ପ୍ରଶାସନିକ ଅଧିକାରୀ ଲମ୍ବୋଦର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜନଶୁଣାଣିରେ ବିଡିଓ ଛବିରାଣୀ ସାହୁ, ଏପିଓ ଦୀପ୍ତିରଞ୍ଜନ ସେନାପତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅମର କିଶୋର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ପୃଷ୍ଟି ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ସେଠୀ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ ସାମାଜିକ ସମୀକ୍ଷା କରିଥିବା ଭିଆରପିମାନଙ୍କଠାରୁ ଯୋଜନା ସମ୍ପର୍କିତ ତଥ୍ୟ ଗ୍ରହଣ କରାଯାଇଥିଲା। ଭିଆରପିମାନଙ୍କ ଅଡିଟ୍ ରିପୋର୍ଟ ଅନୁଯାୟୀ, ଫତେପୁର ପଞ୍ଚାୟତରେ ଅବିବାହିତ ଝିଅ ଭତ୍ତା ପାଉଥିବା ଏବଂ ବାଛଳ ପଞ୍ଚାୟତରେ ଅକ୍ଷମ ଦର୍ଶାଇ ଭତ୍ତା ହାତେଇଥିବା ଅଭିଯୋଗ ଆସିଥିଲା। ସେହିପରି ଘଣ୍ଟିଆଳି ପଞ୍ଚାୟତରେ ଜଣେ ବ୍ୟକ୍ତି ପ୍ରାୟ ୬ ବର୍ଷ ଧରି ବିଧବା ଭତ୍ତା ନେଉଥିବା ବେଳେ ଏବେ ପ୍ରକୃତରେ ବିଧବା ହୋଇଥିବା ଜଣାପଡ଼ିଥିଲା। ଗୁହାଳି, ସୟିଦପୁର ଓ ପ୍ରୀତିପୁର ପଞ୍ଚାୟତରେ ଅଳ୍ପ ବୟସ୍କ ବ୍ୟକ୍ତି ଭତ୍ତା ନେଉଥିବା ଏବଂ କଲ୍ୟାଣପୁର ପଞ୍ଚାୟତରେ ବିଧବା ନ ହୋଇ ମଧ୍ୟ ବିଧବା ଭତ୍ତା ନେଉଥିବା ଅଭିଯୋଗ ହୋଇଥିଲା। ଏଥିସହ ୫୦ ପ୍ରତିଶତ ଶାରୀରିକ ଅକ୍ଷମତା ଦର୍ଶାଇ କେତେକ ହିତାଧିକାରୀ ୧୨୦୦ ଟଙ୍କା ଭତ୍ତା ନେଉଥିବା ମଧ୍ୟ ଅଭିଯୋଗ ଆସିଥିଲା। ଜରୀ ପଞ୍ଚାୟତରେ ଜଣ ମୃତ ହିତାଧିକାରୀଙ୍କ ନାମରେ ୮ ମାସର ଭତ୍ତା ହଡ଼ପ ହୋଇଥିବା ଭିଆର୍‌ପିମାନେ ବୈଠକରେ ତଥ୍ୟ ଦେଇଥିଲେ। ଏହିପରି ବିଭିନ୍ନ ପଞ୍ଚାୟତରେ ମିଥ୍ୟା ଶାରୀରିକ ଅକ୍ଷମତା, ମିଥ୍ୟା ବିଧବା ଓ ଭୁଲ ବୟସ ଦର୍ଶାଇ ଭତ୍ତା ହାତେଇବା ନେଇ ଅଭିଯୋଗ ଉଠିଥିଲା। ଅନ୍ୟପକ୍ଷରେ ମନରେଗା ଯୋଜନାରେ ବୃକ୍ଷରୋପଣ କାର୍ଯ୍ୟ ହୋଇଥିବା ଉତ୍ତରଙ୍ଗ ଓ କଲ୍ୟାଣପୁର ପଞ୍ଚାୟତରେ ହୋଇଥିବା ବୃକ୍ଷରୋପଣ ବର୍ତ୍ତମାନ ବୃକ୍ଷ ନଥିବା ନେଇ ଭିଆର୍‌ପିମାନେ ପ୍ରକାଶ କରିଥିଲେ। ନୂଆ ସ୍କିମ୍‌ରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ଗ୍ରାମସଭା କପି ଓ କେସ୍ ରେକର୍ଡ ପାଇବାରେ ଭିଆରପିମାନଙ୍କୁ ସମସ୍ୟା ହେଉଥିବା ମଧ୍ୟ ଜଣାଇଥିଲେ। ଏହାପରେ ବିଡିଓ ଛବିରାଣୀ ସାହୁ ବୈଠକରେ ଉପସ୍ଥିତ ପିଇଓ, ଏଡିଓ ଓ ଜିଆରଏସ୍‌ମାନଙ୍କୁ ତାଗିଦ କରିବା ସହ ଭିଆରପିମାନଙ୍କୁ ତୁରନ୍ତ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣିରୁ ମିଳିଥିବା ସମସ୍ତ ତଥ୍ୟ ସରକାରଙ୍କ ନିକଟକୁ ପଠାଯିବ। ତଥ୍ୟ ଯାଞ୍ଚ ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କି ପ୍ରକାର ପଦକ୍ଷେପ ନିଆଯିବ, ତାହା ସରକାର ସ୍ଥିର କରିବେ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅମର କିଶୋର ସାହୁ ପ୍ରକାଶ କରିଥିଲେ।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସ୍ୱାଗତ

ପ୍ରୀତିପୁର, ୯।୯ (ସମିସ): ଅବସର ପ୍ରାପ୍ତ ସେନା ଅଧିକାରୀ ଲେଫ୍ଟନାଣ୍ଟ କୈଳାଶ ଚନ୍ଦ୍ର ପତିଙ୍କୁ ନିଜ ଜନ୍ମମାଟିରେ ଭବ୍ୟ ସ୍ୱାଗତ କରାଯାଇଛି। ଅବସର ପରେ ବୁଧବାର ପୂର୍ବାହ୍ନରେ ସେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମରେ ପହଞ୍ଚିବା ପରେ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ସମେତ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେନା ବାହିନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ସହ ଅପରେସନ ବିଜୟ, କାର୍ଗିଲ ବିଜୟ, ଅପରେସନ ମେଘଦୂତ, ଅପରେସନ ଓପି ପରାକ୍ରମ ଓ ଅପରେସନ ସିନ୍ଦୁର ଭଳି ବିଭିନ୍ନ ସାମରିକ ଅଭିଯାନରେ ଦାୟିତ୍ୱବୋଧର ସହ କାର୍ଯ୍ୟ କରିଛନ୍ତି। ଜନ୍ମମାଟିକୁ ଫେରିବା ଅବସରରେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇଥିଲା। ମାତାପିତା, ବନ୍ଧୁବାନ୍ଧବ ଓ ପରିଚିତଙ୍କ ଗହଣରେ ସୃଷ୍ଟି ହୋଇଥିଲା ଭାବବିହ୍ୱଳ ପରିବେଶ। ଦୀର୍ଘଦିନ ପରେ ନିଜ ଲୋକଙ୍କ ମଧ୍ୟରେ ତାଙ୍କୁ ପାଇ ପରିଜନଙ୍କ ଆଖିରେ ଖୁସିର ଲୁହ ଦେଖିବାକୁ ମିଳିଥିଲା। ସେନା ସେବାରୁ ଅବସର ନେବା ପରେ ଗାଁରେ ରହି ପରିବେଶ ସୁରକ୍ଷା ଓ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲ ସେ କହିଛନ୍ତି।

● ଡାକ୍ତର ନିଯୁକ୍ତି ଦାବି

## ଅଙ୍ଗାଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନଶନ



ସିଂହପୁର, ୯।୯ (ସମିସ): ବିଞ୍ଝାରପୁର ଥାନା ଅଙ୍ଗାଲୋ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି କରି ଅଞ୍ଚଳବାସୀ ଅନଶନ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ୨୦୦୯ ମସିହାରେ ପ୍ରତିଷ୍ଠା ହେବା ଦିନଠାରୁ ଏହା ଅବହେଳିତ ଅବସ୍ଥାରେ ରହିଛି। ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଅଣଦେଖା ଯୋଗୁଁ ଦୀର୍ଘ ୪ ବର୍ଷ ହେଲା ଡାକ୍ତର ନାହାନ୍ତି। ଫଳରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଲୋକେ ବାଧ ହୋଇ ବିଞ୍ଝାରପୁର କିମ୍ବା ଯାଜପୁରକୁ ଚିକିତ୍ସା ପାଇଁ ଯାଇଥାନ୍ତି। ଏଠାରେ ଆଟେଣ୍ଡାଣ୍ଟ ପଦ ଖାଲି ପଡ଼ିଛି। ନର୍ସିଂ ଅଫିସର ନିଯୁକ୍ତି ଥିଲେ ମଧ୍ୟ ସେ ଏଠାକୁ ନ ଆସି ଅନ୍ୟତ୍ର ଡ୍ୟୁଟି କରୁଛନ୍ତି। ଏହି ତିନୋଟି ଦାବି ପାଇଁ ବାରମ୍ବାର ବରୀ ମେଡିକାଲ ଅଧିକାରୀ, ଯାଜପୁର ସିଡିଏମଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ନିରାଶ ହେବା ପରେ ବାଧ ହୋଇ ଆଜି ଅଞ୍ଚଳବାସୀ ଅନଶନକୁ ଓହ୍ଲାଇଲେ। ସମାଜସେବୀ ଧର୍ମେନ୍ଦ୍ର ସାମଲ, ବସନ୍ତ ରାଉତ, ଦିଗାମ୍ବର ପରିଡ଼ା, ରାଘବ ଚରଣ ଜେନା, ବାସନ୍ତୀ ସାମଲ, ପ୍ରସନ୍ନ ରଥ, ଚନ୍ଦ୍ରଶେଖର ସାମଲ, ଅଭିଜିତ ରାୟ, ୱାର୍ଡସଭ୍ୟ ମହେଶ୍ୱର ସେଠୀ, ଆଶୀର୍ବାଦ ସାମଲ, ସ୍ମୃତିରେଖା ମଲ୍ଲିକ, ହେମନ୍ତ ମଲ୍ଲିକ, ପ୍ରଶାନ୍ତ ସାମଲ, ପ୍ରମୋଦ ସାମଲ, ନିମାଇ ଚରଣ ପଣ୍ଡା, କୁଞ୍ଜ ବିହାରୀ ସାମଲଙ୍କ ସମେତ ବହୁ ବ୍ୟକ୍ତି ଅନଶନରେ ସାମିଲ ହୋଇଥିଲେ। ଖବର ପାଇ ଯାଜପୁର ସିଡିଏମଓଙ୍କ ନିର୍ଦ୍ଦେଶରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସର କ୍ଷିତିସ ନାୟକ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ସିଡିଏମଓଙ୍କ ନିର୍ଦ୍ଦେଶ ମତେ ୩ଟି ଦାବି ଶୀଘ୍ର ପୂରଣ ହେବ ବୋଲି ଶ୍ରୀ ନାୟକ କହିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ଚଣ୍ଡିଖୋଲ କଲେଜ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବଡଚଣା, ୯।୯ (ସମିସ): ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ନବମାଳତୀ ପ୍ରେକ୍ଷାଳୟରେ ଅଧକ୍ଷ ଡ. ପ୍ରିୟବ୍ରତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ଯତୀନ୍ଦ୍ର ପ୍ରସାଦ ନାୟକ, ପରିଚାଳନା ସମିତି ପ୍ରାକ୍ତନ ସଭାପତି ବିନାୟକ ପଣ୍ଡା, ପ୍ରାକ୍ତନ ସଭ୍ୟ ପ୍ରିୟନାଥ ମହାପାତ୍ର ଓ ନିରଞ୍ଜନ ସେନାପତି, ପୁରାତନ ଛାତ୍ର ସଂଘ ସଭାପତି ପ୍ରାଧ୍ୟାପିକ ପବିତ୍ର ମୋହନ ମାହାଲା, ସାଧାରଣ ସଂପାଦକ ଆଇନଜୀବୀ ଦେବରାଜ ବେହେରା, ସମ୍ପାଦକ ବିନୟ କେତନ ସାମଲ, ସାଙ୍ଗଠନିକ ସମ୍ପାଦକ ପ୍ରମୋଦ କୁମାର ଜେନା, ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ଶୈଳେନ୍ଦ୍ର ନାୟକ, ଟ୍ରକ ମାଲିକ ସଂଘ ସଭାପତି ଚନ୍ଦନ ନାୟକ, ଅବସରପ୍ରାପ୍ତ ଅଧକ୍ଷ ଡ. କେଦାରନାଥ ଦାଶ, ଡ.ବିରେନ୍ଦ୍ର କୁମାର ମିଶ୍ର, ଡ.ପ୍ରିୟନାଥ ମହାପାତ୍ର, ଡ.ଅଜୟ କୁମାର ଲେଙ୍କା, ପ୍ରାଧ୍ୟାପକ ବସନ୍ତ କୁମାର ନାୟକ, ମେଜର ଦିଲ୍ଲିପ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସମାବର୍ତ୍ତନ ଉତ୍ସବ ଆସନ୍ତା ଡିସେମ୍ବର ମାସରେ ୩ଦିନ ଧରି ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ରାଷ୍ଟ୍ରପତି ଯୋଗ ଦେବାକୁ ଅନୁରୋଧ କରିବାକୁ ଓ ଏ ଦିଗରେ ଉଦ୍ୟମ ପାଇଁ ବିଧାୟକ ଶ୍ରୀ ନାୟକଙ୍କୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାରମ୍ଭରେ ବିଧାୟକଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଏବଂ କଲେଜ ଅଧକ୍ଷଙ୍କୁ କମିଟିର ଆବାହକ ଭାବେ ସର୍ବସମ୍ମତି ପ୍ରସ୍ତାବ ଆଗତକରାଯାଇ ଗୃହୀତ ହୋଇଥିଲା। ଅଧ୍ୟାପକ ସଲିଳରାଜ ନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ରେ ଯାଜପୁରରେ ତୃତୀୟ ଲୋକ ଅଦାଲତ

ଯାଜପୁର, ୯।୯ (ସମିସ): ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଆସନ୍ତା ୧୨ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ସମାଧାନ ଯୋଗ୍ୟ, ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା ଶ୍ରମ ଓ ନିଯୁକ୍ତି ବିବାଦ, ପାରିବାରିକ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି, ଯାଜପୁର ରୋଡ ଏବଂ ଚଣ୍ଡିଖୋଲ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

## ବରୀରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବରୀ, ୯।୯ (ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ବରୀ ବ୍ଲକ ପରିସରରେ ଚଳିତବର୍ଷ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବରୀ ବିଡିଓଙ୍କ ଉପସ୍ଥିତିରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଏବଂ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଥିଲେ। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ



ପାରିନଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଡାକ୍ତରୀ ଟିମ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଯାଞ୍ଚ କରିଥିଲେ। ଉପଯୁକ୍ତ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସହ ବିଭିନ୍ନ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବରୀ ବିଡିଓ ମୀନତି ଜଗଦେବ, ବରୀ ବ୍ଲକ ସାମାଜିକ ସୁରକ୍ଷା ଅଧକାରୀ ରଞ୍ଜିତ ଜେନା, କନିଷ୍ଠ ଯନ୍ତ୍ରୀ ରାକେଶ ମଲ୍ଲିକ, ସରୋଜ କୁମାର ପଣ୍ଡା, ଚିରାଦ ପ୍ରସାଦ, ଶିବ ପ୍ରସାଦ ମଲିକ, ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ସୁରେଶ କୁମାର ପଣ୍ଡାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୨୫୧ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଛନ୍ତି ବୋଲି ବରୀ ବ୍ଲକ ତରଫରୁ ସୂଚନା ମିଳିଛି।

## ଚଉଷଠିପଡ଼ାରେ ନୂତନ ସାପ୍ତାହିକ ହାଟ

କବାଟବନ୍ଧ, ୯।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚଉଷଠିପଡ଼ାଠାରେ ନୂତନ ଭାବେ ଏକ ସାପ୍ତାହିକ ହାଟ ଆରମ୍ଭ ହୋଇଛି। ମର୍ଜିତାପୁର



ପଞ୍ଚାୟତ ଅଧୀନରେ ରହିଥିବା ଏହି ଚଉଷଠିପଡ଼ା ଗାଁରେ ବୁଧବାର ସକାଳେ ଆରମ୍ଭ ହୋଇଥିବା ଏହି ହାଟକୁ ପ୍ରଥମ ଦିନରେ ମଧ୍ୟ ବହୁ ବ୍ୟବସାୟ ଆସିଥିବା ଦେଖିବାକୁ ମିଳିଥିଲା। ଏହି ହାଟରେ ପ୍ରଥମ ଦିନରେ ପ୍ରାୟ ୫୦ରୁ ଅଧିକ ପରିବା ବ୍ୟବସାୟୀ ଏବଂ ଚାଷୀ ସମେତ ଅନ୍ୟାନ୍ୟ ବ୍ୟବସାୟୀ ଆସିଥିଲେ। ଏହି ହାଟ ସପ୍ତାହରେ ଦୁଇ ଥର ବୁଧବାର ଏବଂ ଶନିବାର ବ୍ରାହ୍ମଣୀ ନଦୀ କୂଳରେ ସକାଳ ପ୍ରାୟ ୬ ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଫଳରେ ଆଖପାଖ ପଞ୍ଚାୟତ ଏବଂ ବିଭିନ୍ନ ଗ୍ରାମରୁ ଗ୍ରାହକ ଏବଂ ବ୍ୟବସାୟୀମାନେ ଏହାର ଫାଇଦା ନେଇ ଲାଭବାନ ହେବେ। ଏହି ହାଟରେ ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପଲବ୍ଧ ହେବ। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିଜ ନିଜର ଫସଲକୁ ବିକ୍ରି କରିବା ପାଇଁ ଏହା ବେଶ ସହାୟକ ହେବ। ଅନ୍ୟ ପକ୍ଷରେ ଗ୍ରାହକମାନେ ମଧ୍ୟ ସିଧା ସଳଖ ଚାଷୀମାନଙ୍କ ଠାରୁ କ୍ରୟ କରିପାରିବେ। ଅନ୍ୟ ପକ୍ଷରେ ଛୋଟ ଛୋଟ ବ୍ୟବସାୟୀ ମାନେ ନିଜର ବ୍ୟବସାୟ ଫଳରେ ସେମାନଙ୍କ ରୋଜଗାର ମଧ୍ୟ ବୃଦ୍ଧି କରିପାରିବେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସିଂହପୁର, ୯।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କୁ ଚଣ୍ଡିଆଗଡି ସରସ୍ୱତୀ ବିଦ୍ୟାମନ୍ଦିରରେ ଏକ ସାରସ୍ୱତ ଉତ୍ସବରେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କର ପ୍ରାକ୍ତନ ଆସିଷ୍ଟାଣ୍ଟ ମ୍ୟାନେଜର ଚକ୍ରଧର ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ପ୍ରମୁଖ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଜଳ ନିଷ୍କାସନ ପଥ ଅବରୋଧ
# ୪୦ଏକର ଚାଷ ଜମି ପଡ଼ିଆ

ବଡ଼ଚଣା, ୯।୯ (ସମିସ):

ଲଗାଣ ବର୍ଷା ଓ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ଦୀର୍ଘଦିନ ଧରି ଚାଷ ଜମିରେ ବର୍ଷାଜଳ ବୁଡ଼ି ରହିବା ଫଳରେ ଧାନ ତଳି ପଚିଯିବା ସହିତ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଜାତୀୟ ରାଜପଥର କଟକ-ଡୁବୁରୀ ବାଇପାସ୍ ଦକ୍ଷିଣ ପାଶ୍ୱର୍ରେ ଥିବା ପ୍ରାୟ ୪୦ ଏକର ଜମିରେ ନିଷ୍କାସନ ପଥ ଅବରୋଧ ହୋଇଛି। ଡ୍ରେନେଜ ନିର୍ମାଣରେ ତ୍ରୁଟି ଯୋଗୁ ଚାଷୀମାନେ ଏପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେସରକାରୀ ଭାବେ ନିର୍ମାଣ ହୋଇଥିବା ଘର ନିର୍ମାଣ ସମୟରେ ଡ୍ରେନେଜ୍ ନିର୍ମାଣ ନ କରି ସରକାରୀ ଜମି ଜବରଦଖଲ କରି ରାସ୍ତା ନିର୍ମାଣ କରିବା ଫଳରେ ଏପରି ଅସୁବିଧା ହେଉଛି ବୋଲି ଜଣାଯାଇଛି। ଏ ସଂପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜଳ ସେଚନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଓ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଜଣାଯାଇଛି। ୨୦ରୁ ଊର୍ଦ୍ଧ୍ୱ ଚାଷୀ ଚାଷ କାର୍ଯ୍ୟ କରିବା ପାଇଁ ଜମି ପ୍ରସ୍ତୁତି କରିବା ସହିତ ତଳି ପକା କାର୍ଯ୍ୟ କରିଥଲେ। ତଳି ରୋଇବା ପାଇଁ ବିଲ ପ୍ରସ୍ତୁତି କାର୍ଯ୍ୟ ସାରିଥିଲେ। ମାତ୍ର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଚାଷ ଜମିରେ ବର୍ଷା ଜଳରେ ବୁଡ଼ି ରହିଥିଲା। ଦୀର୍ଘ ଦିନ ଧରି ଏହି ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ତଳି ଗୁଡିକ ପଚି ଯାଇଥିଲା। ଫଳରେ ଚଳିତ ବର୍ଷ ପାଇଁ ଏହି ୪୦ଏକର ଜମିରେ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। କଟକ ଡୁବୁରୀ ବାଇପାସ ନିର୍ମାଣ ସମୟରେ ଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରା ଯାଇ ନ ଥିଲା। ଏଥିସହିତ ରାସ୍ତା ପାଶ୍ୱର୍ରେ ଗଢ଼ି ଉଠି ଥିବା ବ୍ୟକ୍ତିଗତ ଘର ମାଲିକମାନେ ଡ୍ରେନେଜ୍ ବ୍ୟବସ୍ଥା ନକରି ଗୃହ ନିର୍ମାଣ କରିବା ସହିତ ଜଳ ନିଷ୍କାସନ ପଥ ଅବରୋଧ କରି ଥିବାରୁ ଚାଷୀମାନେ ଆଜି ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି କୁହାଯାଉଛି। ପ୍ରାୟ ୪୦ ଏକର ଜମିରେ ଫସଲ ନଷ୍ଟ ଯୋଗୁଁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ତୁରନ୍ତ ଚାଷୀମାନଙ୍କୁ ଚାଷ କାର୍ଯ୍ୟର କ୍ଷୟକ୍ଷତି ଆକଳନ କରି ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ସହିତ ଜଳ ନିଷ୍କାସନ ପଥ ନିର୍ମାଣ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

## ଓଡିଶୀ ଶିକ୍ଷା କେନ୍ଦ୍ର ନୃତ୍ୟାଙ୍ଗନା ଉଦ୍‌ଘାଟିତ

ଯାଜପୁର, ୯।୯ (ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡରା ଗ୍ରାମ ପଞ୍ଚାୟତ ଅଧିନସ୍ଥ ସୁଧଗୋବିନ୍ଦା ଗ୍ରାମରେ ଓଡ଼ିଶୀ ନୃତ୍ୟ ଶିକ୍ଷା କେନ୍ଦ୍ର "ନୃତ୍ୟାଙ୍ଗନା' ଉଦ୍‌ଘାଟିତ ହୋଇଯାଇଛି।



ଗ୍ରାମାଞ୍ଚଳରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାରରେ ଏହି ଅନୁଷ୍ଠାନ ସହାୟକ ହେବ ବୋଲି ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ମୁଖ୍ୟ ଅରବିନ୍ଦ ଦାସ, କେନ୍ଦ୍ରାପଡ଼ା ବଜରଙ୍ଗ ଦଳ ସଂଯୋଜକ ଟିକୁନି ଭାଇ, କଳିଙ୍ଗ ଭାରତୀ ଲୋକନୃତ୍ୟ ଅତିଷ୍ଠାତା ଡ. କୈଳାସ ଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଖଣ୍ଡରା ଗ୍ରାମ ପଞ୍ଚାୟତ ସରପଞ୍ଚ କୁଞ୍ଜ ବିହାରୀ ଦାସ, ପ୍ରାକ୍ତନ ସରପଞ୍ଚ ଅଜୟ କୁମାର ଓଝା, ତପନ କୁମାର ଜେନା ଓ ଆନନ୍ଦ ମହଲ ଉପସ୍ଥିତ ରହି ଓଡ଼ିଶୀ କଳା ଓ ସଂସ୍କୃତି ଉପରେ ସାରସ୍ୱତ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଗ୍ରାମର ସ୍ୱେଚ୍ଛାସେବୀ ଓ ସମାଜସେବୀ ସୁରେନ୍ଦ୍ର ପାଣିଗ୍ରାହୀ ଅନୁଷ୍ଠାନକୁ ଉଦଘାଟନ କରିଥିଲେ। ନୃତ୍ୟଗୁରୁ ଗଙ୍ଗୋତ୍ରୀ ପାଣିଗ୍ରାହୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନର ବାର୍ଷିକ ଉତ୍ସବ

# ଗଣମାଧ୍ୟମକୁ ବଦନାମ କରୁଛି ଅପଶବ୍ଦ

ବ୍ୟାସନଗର, ୯।୯ (ସମିସ):



ଯାଜପୁର ଜିଲ୍ଲାର ଅତ୍ୟତମ ପ୍ରମୁଖ ସାମ୍ବାଦିକ ସଂଘ ବ୍ୟାସନଗର ପ୍ରିଣ୍ଟ ମିଡିଆ ଆସୋସିଏସନର ୮ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ବ୍ୟାସନଗର ସହରସ୍ଥିତ ବ୍ୟାସଦେବ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉଦଘାଟକ ଭାବେ ଯୋଗଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ବିଶିଷ୍ଟ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ସଂଘର ଉପଦେଷ୍ଟା ହାରାଧନ ବାନାର୍ଜୀ ଅତିଥିମାନଙ୍କୁ ସଭାସ୍ଥଳକୁ ସ୍ୱାଗତ କରିବା ସହିତ ସଭାପତି ଶରତ ପଥାଳ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ସଙ୍ଗଠନ ସମ୍ପାଦକ ଉମାକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ଚିନ୍ତାମଣୀ ପାଢ଼ି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଉଦଘାଟକ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ବର୍ତ୍ତମାନ ବିଭିନ୍ନ ସାମାଜିକ ଗଣମାଧ୍ୟମ ଚ୍ୟାନେଲରେ ଥିବା ସାମ୍ବାଦିକମାନଙ୍କ ଭାଷାଗତ ଜ୍ଞାନ ନଥିବା ଏପରିକି ଅପଶବ୍ଦ ପ୍ରୟୋଗ ଯୋଗୁଁ ପୁରା ଗଣମାଧ୍ୟମ ବଦନାମ ମୁଣ୍ଡାଉଥିବା କହିଥିଲେ। ସେହିପରି ସେ ନିଶା ଏବଂ ମଦ ନିବାରଣ ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବ୍ୟାସନଗର ପୌରାଧ୍ୟକ୍ଷ ସାମ୍ବାଦିକମାନଙ୍କୁ ତୃତୀୟ ନୟନ କହିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଭୁଲ ଖବର ପ୍ରକାଶ କଲେ ଖବରକାଗଜ ଲୋକପ୍ରିୟତା ହରାଇ ବନ୍ଦ ହୋଇଯିବା ବୋଲି କହିଥିଲେ।

ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରକାଗଜ ବିତରକ ଅଶୋକ କୁମାର ବେହେରା, ଜୀବନବ୍ୟାପି ସାମ୍ବାଦିକତା କ୍ଷେତ୍ରରେ ସାଧନା ପାଇଁ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମିଶ୍ର, ଯୁବ ସାମ୍ବାଦିକ ପବିତ୍ର ରଂଜନ ମହାନ୍ତି, ଡାକ୍ତର ଗୌରୀ ଶଙ୍କର ଷଡ଼ଙ୍ଗୀ, ଶିକ୍ଷାବିତ୍ ଦେବୀପ୍ରସନ୍ନ ମହାନ୍ତି, ବ୍ୟାସନଗରର ପ୍ରଥମ ମହିଳା ପୌରାଧ୍ୟକ୍ଷା ସରୋଜିନୀ ବଳ, ବିଳାସିନୀ ଗୋପବନ୍ଧୁ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାମଲ, ଯୁବ ହୋମିଓପାଥି ଡାକ୍ତର ଡା. ସନ୍ତୋଷ କୁମାର ଧଳ, ଫେରୋକ୍ରମ ୟୁନିଟ ହେଡ ଇଂ. ରଶ୍ମିରଂଜନ ପରିଡା, ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଅବସରପ୍ରାପ୍ତ ସୁବେଦାର ମେଜର ପ୍ରଦୀପ୍ତ କୁମାର ସାହୁ, ସମାଜସେବୀ ଚନ୍ଦ୍ରମଣୀ ସାମଲ, ଯୁବ ଶିଳ୍ପଦ୍ୟୋଗୀ ଶ୍ରୀକାନ୍ତ କୁମାର ବଳ, ଶାନ୍ତି ସେନା ଯାଜପୁର କିନ୍ନର ସଂଘ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଇଂ. ଯଜ୍ଞଦତ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ସହ ସମ୍ପାଦକ ଭରତ ରାଉତ, କୈଳାସ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, ବିଜୟ କୁମାର ସାହୁ, ପବିତ୍ର ରଂଜନ ମହାନ୍ତି, ଦୁଷ୍ମନ୍ତ କୁମାର ରାଉତ, ରୋଟାରିଆନ ସୁଦୀପ କୁମାର ମିଶ୍ର, ଶ୍ରୀକାନ୍ତ ବ୍ରହ୍ମ, ପ୍ରଶାନ୍ତ କୁମାର ପାତ୍ର, ଜ୍ଞାନରଂଜନ ରାଉତ ପ୍ରମୁଖ ପରିଚାଳନା କରିଥିବା ବେଳେ ବରିଷ୍ଠ ସଭ୍ୟ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାମ୍ବାଦକ, ବୁଦ୍ଧିଜୀବି, ଆଇନଜୀବୀ, ସାହିତ୍ୟିକ, ବରିଷ୍ଠ ନାଗରିକ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏହି ଉତ୍ସବରେ ସାମିଲ ହୋଇଥିଲେ।

- **ଭୁଲ ଖବର ପ୍ରକାଶ କଲେ ଖବରକାଗଜ ଲୋକପ୍ରିୟତା ହରାଏ**
- **ସାମ୍ବାଦିକମାନେ ସମାଜର ତୃତୀୟ ନୟନ**

## ବନ୍ୟାଞ୍ଚଳରେ ଗୋ ଚିକିତ୍ସା କରୁଛି ବନ୍‌ତାରା



ଯାଜପୁର, ୯।୯ (ସମିସ): ଯାଜପୁରରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଗୋ ସଂପଦ ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟାର ପ୍ରଭାବ ୩୫ ଦିନରୁ ଅଧିକ ହେବା ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି ଗୋରୁଗାଇ। ଏହି ପ୍ରତିକୂଳ ପରିସ୍ଥିତିରେ ସାହାଯ୍ୟର ହାତ ବଢ଼ାଇଛି ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ସଂଗଠନ ବନତାରା। ଏହି ସଂଗଠନର ଏକ ଟିମ ଯାଜପୁର ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ଯାଇ ବିଭିନ୍ନ ଗୋ ଚିକିତ୍ସା ଶିବିର ଆୟୋଜନ କରୁଛି। ଏବେ ବିଶେଷ କରି ଚରାଭୂମି ଅଭାବରୁ ଏବଂ ଚରାଭୂମି ଜଳମଗ୍ନ ହୋଇଯିବା ଫଳରେ ମୁହଁ ଓ ଖୁରା ରୋଗ ଦେଖାଦେଇଛି। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀଙ୍କ ସହ ମିଶି ଗୁଜୁରାଟରୁ ଆସିଥିବା ଏହି ପ୍ରତିନିଧିମାନେ ପ୍ରଶଂସାମୂଳକ ସେବା କାର୍ଯ୍ୟ ଜାରି ରଖିଛନ୍ତି। ସେମାନଙ୍କ ଟିମ୍ ଅତି କମ୍‌ରେ ୫ଦିନ ପର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ପ୍ରାଣୀମାନଙ୍କ ଯତ୍ନ ଓ ଚିକିତ୍ସା ଯୋଗାଇବେ ବୋଲି ଜଣାପଡିଛି।

## ଛାତ୍ରଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଶୋକ ସଭା

ପାଣିକୋଇଲି, ୯।୯ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଆଦିଶ କୁମାର ସାହୁ ତାଙ୍କ ପିତା ଅଶୋକ କୁମାର ସାହୁଙ୍କ ସହିତ ବିଦ୍ୟାଳୟକୁ ଅସୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ଉଭୟେ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଦ୍ୟାଳୟ ପରିସରରେ ଏକ ଶୋକ ସଭା ଆୟୋଜନ କରାଯାଇଥିଲା। ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବାସୁଦେବ ପରିଡା, ସମ୍ପାଦକ ବିଷ୍ଣୁଚରଣ ଧଳ, ଯୁଗ୍ମ ସମ୍ପାଦକ ମଦନ ମୋହନ ମାଝୀ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ଧଳ, ଶରତ ଚନ୍ଦ୍ର ଧଳ, ଦୈତାରୀ ଧଳ, ଗୋଲକ ଚନ୍ଦ୍ର ମାଝୀ, ନିତ୍ୟାନନ୍ଦ ପରିଡା, ମାନସ ରଞ୍ଜନ ଧଳ ଓ ସମସ୍ତ ସଦସ୍ୟ ତଥା ଶିଶୁ ମନ୍ଦିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ରାଜକିଶୋର ମଲ୍ଲିକ, ଶଙ୍କର୍ଷଣ ପରିଡା, କୈଳାସ ସାହୁ, ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା'ଉପସ୍ଥିତ ଥିଲେ। ଏଥି ସହିତ ସେମାନଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇବାକୁ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା।

## ମଧୁବନ ହାଟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଆଖିଆ, ୯।୯ (ସମିସ): କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ପରିବା ହାଟରେ ଥିବା ଏକ ବରଗଛରେ ଜଣେ ଯୁବକର ମୃତଦେହ ଝୁଲୁଥିବା ଆଜି ସକାଳେ ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଅଁଳାପାଳ ଗ୍ରାମର ବିଜୟ ମଳିକ (୪୧) କୁଆଖିଆ ଥାନା ଅଞ୍ଚଳ ଓଡ଼ିଶୋ ପଞ୍ଚାୟତ ବାହାବଳପୁର ଗ୍ରାମର ଗନ୍ଧି ମଳିକ ଝିଅ ଅଞ୍ଜଳି ମଳିକକୁ ଗତ ୧୨ ବର୍ଷ ତଳେ ବିବାହ କରିଥିଲେ। ବିଜୟ ବୁଲି ବୁଲି କାମଧନ୍ଦା କରି ପରିବାର ଚଳାଉଥିବା ବେଳେ ବିଜୟ ମଦ ପିଇବାକୁ ନେଇ ଅନେକ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ହେଉଥିଲା। ଏଥିପାଇଁ ଅଞ୍ଜଳି ନିଜ ଶାଶୁ ଘର ଅଁଳାପାଳ ଛାଡି ମଧୁବନ ଅଞ୍ଚଳର ଏକ ଗାଁରେ ପିଲାଛୁଆ ସହ ଘରଭଡ଼ା ନେଇ ରହୁଥିଲା ବେଳେ ସ୍ୱାମୀ ବିଜୟ ମଧ୍ୟ ଅଞ୍ଜଳି ସହିତ ରହୁଥିଲା। ସ୍ତ୍ରୀ ଅଞ୍ଜଳିର ଅଭିଯୋଗ ମତେ ଗତକାଲି ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହେବାପରେ ଏହାକୁ ନେଇ ଭଡ଼ା ଘର ମାଲିକ ସେମାନଙ୍କୁ ଘରୁ ବିଦା କରିଦେଇଥିଲା। ଏହାପରେ ସ୍ତ୍ରୀ ଅଞ୍ଜଳି ବିଜୟକୁ ଛାଡି ଚାଲିଯିବା ପରେ ବିଜୟ ହାଟ ମଧ୍ୟରେ ଥିବା ଏକ ବରଗଛରେ ଟେଣ୍ଡ କପଡା ସାହାଯ୍ୟରେ ଝୁଲି ଆତ୍ମହତ୍ୟା କରିଛି ବୋଲି ମୃତ ବିଜୟର ସ୍ତ୍ରୀ ଅଞ୍ଜଳି କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛି। ମୃତ ବିଜୟର ୨ଟି ପିଲା ଅଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। ଧର୍ମଶାଳା ଗୋଷ୍ଠୀ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ କେସ ନଂ ୨୩/୨୬ରେ ମାମଲା ରୁଜୁ କରି ଘଟଣା କରୁଥିବା ଏସଆଇ ସୁଧାଂଶୁ ଶେଖର ରାଉତଙ୍କ ଠାରୁ ପ୍ରକାଶ।

## ବିଞ୍ଝାରପୁର ମେଡିକାଲ ଅଧିକାରୀ ଭାବେ ଯୋଗଦେଲେ ଡ. ଚିତ୍ତରଞ୍ଜନ ନାୟକ



ବିଞ୍ଝାରପୁର, ୯।୯ (ସମିସ): ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ଚିତ୍ତରଞ୍ଜନ ନାୟକ ମେଡିକାଲ ଅଧିକାରୀ ଭାବେ ଯୋଗଦେଇଛନ୍ତି। ଡ. ନାୟକ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ହୋଇଥିବାରୁ ତାଙ୍କ ଯୋଗଦାନ ପରେ ବିଞ୍ଝାରପୁର ଅଞ୍ଚଳର ସ୍ୱାସ୍ଥ୍ୟସେବା, ବିଶେଷକରି ମହିଳା ଓ ପ୍ରସୂତି ସେବା କ୍ଷେତ୍ରରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଭାବେ ଉମାକାନ୍ତ ମଲ୍ଲିକ ମଧ୍ୟ କାର୍ଯ୍ୟରତ ଅଛନ୍ତି। ମେଡିକାଲ ଅଧିକାରୀ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଡ. ନାୟକ ପୂର୍ବରୁ ଠାକୁରମୁଣ୍ଡା ମେଡିକାଲରେ ମେଡିକାଲ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଯୋଗଦାନକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ତାଙ୍କ ଯୋଗଦାନ ଫଳରେ ରୋଗୀମାନେ ଆହୁରି ଉନ୍ନତ ଚିକିତ୍ସା ସେବା ପାଇପାରିବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଯାଜପୁର, ୯।୯ (ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ଉଚ୍ଚଶିକ୍ଷାନୁଷ୍ଠାନ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ, କନିକାପଡ଼ାଠାରେ "ଶକ୍ତିଶ୍ରୀ ମହିଳା ସଶକ୍ତୀକରଣ ପ୍ରକୋଷ୍ଠ' ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରରେ ମହାବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ସପ୍ତାହବ୍ୟାପୀ ଶିବିରରେ ତାଲିମ ଦାତ୍ରୀ ସୁଶ୍ରୀ କାଜଲ ଛାତ୍ରୀମାନଙ୍କୁ ବିପଦ ସମୟରେ ନିଜକୁ କିପରି ସୁରକ୍ଷିତ ରଖିହେବ, ସେ ନେଇ ବିଭିନ୍ନ ବ୍ୟାବହାରିକ କୌଶଳ ଶିଖାଇଥିଲେ। ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସମାରୋହରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଏବଂ ଶିଶୁ ସୁରକ୍ଷା ସହାୟତା କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ବୀରେନ୍ଦ୍ର କୃଷ୍ଣ ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଦୀପ କୁମାର ଶତପଥୀ, ରସାୟନ ବିଭାଗ ମୁଖ୍ୟ ନିର୍ମଳ କୁମାରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ମହିଳା ସଶକ୍ତୀକରଣ ପ୍ରକୋଷ୍ଠର ସଂଯୋଜିକା ଡ. ସୁମତି ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ତାଲିମ ଗ୍ରହଣ କରିଥିବା ଛାତ୍ରୀ ପିପାଲିସା ସାହୁ, ଅର୍ପିତା ନାୟକ, ପାୟଲ ପଣ୍ଡା, ଶୁଭଲକ୍ଷ୍ମୀ ରଥ ଓ ସୋପ୍ନା ସୋନାଲୀ ନାୟକ ନିଜ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ଦୁର୍ଯ୍ୟୋଧନ ମଲ୍ଲିକ ସମସ୍ତ ଅତିଥି, ପ୍ରଶିକ୍ଷିକା ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ




ପାଣିକୋଇଲି, ୯।୯ (ସମିସ): ପାଣିକୋଇଲିର ଅଗ୍ରଣୀ ସଙ୍ଗଠନ ବରିଷ୍ଠ ନାଗରିକ ମଞ୍ଚର ୯ମ ବାର୍ଷିକ ପ୍ରତିଷ୍ଠା ଦିବସ ନବନିର୍ମିତ ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳନ ହୋଇଛି। ଯାଜପୁରର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ସମ୍ମିଳନୀ କକ୍ଷକୁ ସାଂସଦ ଉଦ୍‌ଘାଟନ କରିଥିଲେ। ଏଥି ସହିତ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି ଯୋଗ ଦେଇଥିଲେ। ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମଞ୍ଚର ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଇତି ମଧ୍ୟରେ ମଞ୍ଚ ତରଫରୁ ସାଂସଦଙ୍କ ନିକଟରେ ୮ ଗୋଟି ଦାବି ଉପସ୍ଥାପନ କରାଯାଇଥିଲା। ସମସ୍ତ ଦାବି ଗୁଡ଼ିକୁ ପୂରଣ କରିବା ଲାଗି ସାଂସଦ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମଞ୍ଚର କାର୍ଯ୍ୟକାରୀ ସଭାପତି ଡ. ଦାମୋଦର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସମ୍ପାଦକ ସତ୍ୟ ରଂଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ମଦନ ମୋହନ ବେହେରା, କୋଷାଧ୍ୟକ୍ଷ ବୃନ୍ଦାବନ ଜେନା, ସଭ୍ୟ ନିରଂଜନ ରାଉତ, ଗୌରାଙ୍ଗ ସାହାଣୀ, ଗୌରାଙ୍ଗ ବାରିକ, ରାମଚନ୍ଦ୍ର ମଲିକ,ଭରତ ଚନ୍ଦ୍ର ବାରିକ, ଚନ୍ଦ୍ରମଣୀ ସ୍ୱାଇଁ, ଦାମୋଦର ସ୍ୱାଇଁ, ମୁରଲୀଧର ଖଣ୍ଡାଇ, ପ୍ରତିମା ସୁନ୍ଦରୀ ମହାପାତ୍ର, ଅକ୍ଷୟ କୁମାର ବାରିକ, ରାମଚନ୍ଦ୍ର ମଲିକ,ଗୋକୁଳାନନ୍ଦ ମହାପାତ୍ର, ନିରଞ୍ଜନ ରାଉତ, ଚିନ୍ତାମଣୀ ସ୍ୱାଇଁ, ସୁଦର୍ଶନ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ଶିଆଳ ଆକ୍ରମଣରେ ୮ ଗୁରୁତର

ଯଖପୁରା, ୯।୯ (ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଗୋଟିଏ ପାଗଳା ଶିଆଳ ଆକ୍ରମଣର ଶିକାର ହୋଇଛନ୍ତି। ଦୁଇଦିନ ଧରି ଶିଆଳଟି କୌଣସି କାରଣବଶତଃ ପାଗଳ ହୋଇ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳୁଥିଲା। ମାତ୍ର ଆଜି ଶିଆଳଟି ପାଗଳ ହୋଇ ଉଗ୍ରରୂପ ଧାରଣ କରି ଗୋରୁଗାଇ ସମେତ ମନୁଷ୍ୟଙ୍କୁ ଆକ୍ରମଣ କରିଛି। ଆଜି ଶିଆଳ କାମୁଡ଼ାରେ ୧୫ ଗୋରୁ ସମେତ ପଙ୍କପାଳ ଗ୍ରାମର ୫ଜଣ ଲୋକଙ୍କୁ କାମୁଡ଼ି ଥିବାର ଜଣାଯାଏ। ପାଖରେ ଥିବା ବଡ଼ସୁଳି ପାହାଡ଼ରେ ବହୁ ସଂଖ୍ୟାରେ ଶିଆଳ ବସବାସ କରନ୍ତି। ଏବେ ପାହାଡରୁ ପ୍ରତିଦିନ ଜଙ୍ଗଲ ନଷ୍ଟ କାରଣରୁ ଶିଆଳ ସବୁ ଗ୍ରାମାଭିମୁଖୀ ହେଉଛନ୍ତି। ସେମାନେ ପୂର୍ବ ଭଳି ମନୁଷ୍ୟ ମାନଙ୍କୁ ଦେଖି ଭୟଭୀତ ହେଉନାହାନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ଶିଆଳ ପାଗଳ ହୋଇ ନିଜର ସାଥୀ ଶିଆଳ ଙ୍କୁ ଛାଡି ଏକୁଟିଆ ବୁଲୁଥିବା ଦେଖିବାକୁ ମିଳୁଛି। ଗ୍ରାମର ଅନେକ କୁକୁର, ଗୋରୁଗାଇ ଓ ମନୁଷ୍ୟ ମାନଙ୍କୁ ଆକ୍ରମଣ କରି ଧରାନଦେଇ ପଳାୟନ କରୁଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି। ଗ୍ରାମର ଛୋଟ ପିଲା ସ୍କୁଲ କଲେଜ ଯିବା ପାଇଁ ଭୟଭୀତ ଅବସ୍ଥାରେ ଅଛନ୍ତି। ତୁରନ୍ତ ବନବିଭାଗ ପକ୍ଷରୁ ପାଗଳା ଶିଆଳକୁ କାବୁକରି ନିଜ ଆୟତ୍ତରେ ରଖିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ରାତିରେ ପାଗଳା ଶିଆଳ କୁ କାବୁକରିବା ସମ୍ଭବ ନଥିବାରୁ ଆସନ୍ତା କାଲି ଦିନରେ ଶିଆଳକୁ ଧରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବନବିଭାଗ ଅଧିକାରୀ ଜଣାଇଛନ୍ତି।

## ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁ

ଦାନଗଦି, ୯।୯ (ସମିସ): ଡୁବୁରୀ- ଟମକା ରାସ୍ତା ଡୁବୁରୀ ହାଟ ନିକଟରେ ହାଇୱା ଧକ୍କାରେ ଡୁବୁରୀ ଗ୍ରାମ ଖଣ୍ଡିଆ ସାହିର ଅନକ ଦାସ ନାମକ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରିଦେଇଥିଲେ। ଯାହାଫଳରେ କିଛି ସମୟ ପାଇଁ ଉତ୍ତେଜନା ଲାଗିରହିଥିଲା। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଘଟଣାରୁ ପ୍ରକାଶ ଯେ ଆଜି ଦିନ ୨ଟା ସମୟରେ ଡୁବୁରୀ ଗ୍ରାମ ନିକଟରେ ଥିବା ଏକ ସେଲୁନ ସମ୍ମୁଖରେ ପ୍ରବଳ ବର୍ଷା ଯୋଗୁ ଅନକ ଦାସ ସେଠାରେ ଅଟକି ଥିଲେ। ଏହି ସମୟରେ ଟମକା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ଗାଡି ନିଜ ଭାରସ୍ୟାମ ହରାଇ ସିଧାସଳଖ ସେ ଦୋକାନ ଉପରେ ଚଢିଯାଇଥିଲା। ଯାହା ଫଳରେ ଘଟଣାସ୍ଥଳରେ ଅନକ ଦାସଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କଳିଙ୍ଗନଗର ପୁଲିସ ପହଞ୍ଚି ଗାଡିର ମଦ୍ୟପ ଡ୍ରାଇଭରକୁ କାବୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡିଛି। ଧକ୍କା ଦେଇଥିବା ଗାଡିର ନୂଆ ଚେଚିଶ ଜାମସେଦପୁରରୁ ବାହାରି ବିଶାଖାପାଟଣା ଆଡେ ଗସ୍ତ କରୁଥିଲା। ଅନକ ଦାସଙ୍କ ବୟସ ପାଖାପାଖି ୫୮ ବର୍ଷ ହେବ ବୋଲି ଜଣାପଡିଛି। ଅନକ ଦାସଙ୍କ ସ୍ୱାମୀ ସ୍ୱର୍ଗତ ଦିଲ୍ଲୀପ ଦାସ ଏବଂ ତାଙ୍କର ଗୋଟେ ପୁଅ, ଗୋଟେ ଝିଅ ଅଛି ବୋଲି ଜଣାପଡିଛି। ଅପରପକ୍ଷେ ଡୁବୁରୀ ଗ୍ରାମବାସୀ ମାନେ ଧାରଣା ଦେବା ପାଇଁ ବାହାରୁଥିବା ବେଳେ କଳିଙ୍ଗନଗର ପୁଲିସ ତାଙ୍କୁ ବୁଝାସୁଝା କରିବା ପରେ ରାସ୍ତାରେ ଚଳପ୍ରଚଳ ସ୍ୱାଭାବିକ ହୋଇଥିଲା।

## ବିଞ୍ଝାରପୁର ଥାନାର ୩ ପୁଲିସଙ୍କ ବିରୋଧରେ ଏତଲା

ବିଞ୍ଝାରପୁର, ୯।୯ (ସମିସ): ବିଞ୍ଝାରପୁର ଥାନାର ୩ ଜଣ ପୁଲିସ କର୍ମଚାରୀଙ୍କ ବିରୋଧରେ ମାଡ଼, ଦୁର୍ବ୍ୟବହାର, ଗାଳିଗୁଲଜ ଓ ଧମକ ଦେବା ଭଳି ସଙ୍ଗୀନ ଅଭିଯୋଗ ଆସିଛି। ଏନେଇ ବିଞ୍ଝାରପୁର ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ନିକଟରେ ଜଣେ ଯୁବକ ବିଞ୍ଝାରପୁର ଥାନାରେ ପୁଲିସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରି ଘଟଣାର ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗପତ୍ରରେ ଥାନାର କିଛି ପୁଲିସ କର୍ମଚାରୀଙ୍କ ନାମ ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ଘଟଣା ସମୟରେ ତାଙ୍କ ସହ ଦୁର୍ବ୍ୟବହାର କରାଯିବା ସହ ମାଡ଼ ମରାଯାଇଥିଲା। ଏପରିକି ଗାଳିଗୁଲଜ କରିବା ସହ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ତେବେ ଏହି ଘଟଣାର ତଦନ୍ତ ପରେ ଘଟଣାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି।

# ପଞ୍ଚାୟତ ପ୍ରତିନିଧି ଓ ବ୍ଲକ କର୍ମଚାରୀଙ୍କ କର୍ମଶାଳା




ଧର୍ମଶାଳା, ୯।୯ (ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ହଲରେ ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଗ୍ରମୀଣ ଅଜୀବିକା ମିଶନ ଭିବିଜି ରାମଜି ସମ୍ବନ୍ଧୀୟ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ କର୍ମଚାରୀମାନଙ୍କ ଏକଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଟି ପାଞ୍ଚୟତକୁ ନେଇ ଏହି କର୍ମଶାଳା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସିଡିଓ, ଏମଜିଏନଆରଜିଏସ କୋଅର୍ଡିନେଟର, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ରସୁଲପୁର ବିଡିଓ, ଏଇଇ ରସୁଲପୁର, ଏଇଇ ଧର୍ମଶାଳା, ସମସ୍ତ ବ୍ଲକ କର୍ମଚରୀ, ଲୋକପ୍ରତିନିଧି ଓ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତ ଭିବିଜି ରାମଜିର ଉପକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ୨୦୪୭ ସୁଦ୍ଧା ଭାରତକୁ ଓ ୨୦୩୬ ସୁଦ୍ଧା ଓଡିଶାକୁ କିଭଳି ବିକଶିତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାବାଦ ପଞ୍ଚାୟତ ପ୍ରତିନିଧିମାନେ ନିଜ ପଞ୍ଚାୟତରୁ ଟିକସ ଉଠାଇ ପାଞ୍ଚୟତରେ କିଭଳି ଉନ୍ନତିମୁଳକ କାର୍ଯ୍ୟ କରିପାରିବେ ଓ ଏମଜିଏନଆରଜିଏସରେ କିଛିଟା ପରିବର୍ତ୍ତନ ଅଣାଯାଇ ପୁର୍ବରୁ ୨୪୭ ପ୍ରୋଜେକ୍ଟ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏବେ ଏହି ଯୋଜନାରେ ଏହାକୁ ବୃଦ୍ଧି କରାଯାଇ ୩୦୦ ପର୍ଯ୍ୟନ୍ତ ପ୍ରୋଜେକ୍ଟ କରାଯାଇଛି। ଏଥିସହ ଶ୍ରମୀକମାନଙ୍କ ମଜୁରୀ ପୁର୍ବରୁ ୨୬୨ ରହିଥିବା ବେଳେ ଏବେ ଏହାକୁ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ୯ ଗୋଟି ପଞ୍ଚାୟତ ସମେତ ଧର୍ମଶାଳା ବ୍ଲକର ସମସ୍ତ ୪୫ ଗୋଟି ପାଞ୍ଚୟତର ଜନପ୍ରତିନିଧି ଉପସ୍ଥିତ ରହିଥିଲେ ବୋଲି ବିଡିଓ ଜ୍ୟୋତିର୍ମୟ କର ସୂଚନା ଦେଇଛନ୍ତି।


# 'ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ' କାର୍ଯ୍ୟକ୍ରମ

ଯଖପୁରା, ୯।୯ (ସମିସ):




ଇମ୍ଫାର କଳିଙ୍ଗ ନଗର ଶାଖା ତରଫରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ କକ୍ଷ, କଳିଙ୍ଗ ନଗର ଦ୍ୱାରା ନିର୍ଦ୍ଧାରିତ 'ଗୋଟିଏ ଗଛ ଲଗାନ୍ତୁ, ଗୋଟିଏ ଜୀବନ ବଞ୍ଚାନ୍ତୁ' ଶୀର୍ଷକ କାର୍ଯ୍ୟକ୍ରମ ସ୍ଥାନୀୟ ମାନତିରା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡିପି ଗ୍ରାମର କେଏନ୍ ବ୍ରହ୍ମଚାରୀ ସରକାରୀ ଉପ୍ରା ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୀତଳ କୁମାର ଶାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଇମ୍ଫାର ଡିଜିଏମ୍ ବାସୁଦେବ ମୁଣ୍ଡା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଇମ୍ଫା, କଳିଙ୍ଗ ନଗରର ପରିବେଶ ବିଭାଗର ମୁଖ୍ୟ ହିମାଂଶୁ ଶେଖର ପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ମାନେ ବୃକ୍ଷ ହିଁ ଜୀବନ ଓ ବୃକ୍ଷ ରୋପଣର ମୂଳ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବୁଝାଇଥିଲେ। ପରିଶେଷରେ 'ଗୋଟିଏ ଗଛ ଲଗାନ୍ତୁ, ଗୋଟିଏ ଜୀବନ ବଞ୍ଚାନ୍ତୁ' ଶୀର୍ଷକ ଡ୍ରଇଂ ଏବଂ କୁଇଜ ପ୍ରତିଯୋଗିତା ହେବା ସହ, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଏବଂ ଲେମ୍ବୁ, ଆମ୍ବ, ପିଜୁଳି, ବଉଳ ଇତ୍ୟାଦି ଫଳଗଛର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ସମ୍ବନ୍ଧୀୟ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ସଙ୍ଘମିତ୍ରା ଓଝା ଏବଂ ପୁଷ୍ପାଞ୍ଜଳି ବେହେରାଙ୍କ ସହ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ମ୍ୟାନେଜର ଆଶିଷ ଦାସ, ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ, ଅଞ୍ଜନା ଭୋଇ, ସୁଶ୍ରୀ ବର୍ଷାରାଣୀ ବାରିକ, ସୁଶ୍ରୀ ସୁଶ୍ରୀତା ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି। ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

## ଖାଦ୍ୟ ସାକ୍ଷରତା

**ଡ.ଅନ୍ତର୍ଜିତା ନାୟକ**

ଆଜିକା ପିଲାଙ୍କୁ ଯଦି ଚିପ୍ସ, କୋଲ୍ଡ଼ଡ୍ରିଙ୍କ୍ କିମ୍ବା ନୁଡୁଲ୍ସର ବ୍ରାଣ୍ଡ ଚିହ୍ନିବାକୁ କୁହାଯାଏ, ତେବେ ଉତ୍ତର ମୁହୂର୍ତ୍ତକରେ ମିଳିଯିବ। ପ୍ୟାକେଟ୍‌ର ରଙ୍ଗ, ଲୋଗୋ, ସ୍ଲୋଗାନ୍, ଏପରିକି ଜିଙ୍ଗଲ୍ ପର୍ଯ୍ୟନ୍ତ ଅନେକ ପିଲାଙ୍କ ମୁହଁରେ ଥିବ। କିନ୍ତୁ ସେଇ ପିଲାଙ୍କୁ ଯଦି ପଚରାଯାଏ 'କେଉଁ କେଉଁ ପ୍ରକାରର ମିଲେଟ୍ ଅଛି? ଡାଲି କେତେ ପ୍ରକାରର? କେଉଁ ପନିପରିବା କେଉଁ ଋତୁରେ ସ୍ୱାଭାବିକ ଭାବେ ମିଳେ?', ତା'ହେଲେ ଉତ୍ତର ହୁଏତ ଏତେ ନିଶ୍ଚିତ ଭାବେ ମିଳିବ ନାହିଁ। ଏହାକୁ କେବଳ ପିଲାମାନଙ୍କ ସାଧାରଣ ଜ୍ଞାନର ଅଭାବ ବୋଲି କହିବା ଠିକ ହେବ ନାହିଁ, ବରଂ ଏହା ଆମର ଖାଦ୍ୟ ସହିତ ସମ୍ପର୍କରେ ଘଟୁଥିବା ଏକ ବଡ଼ ପରିବର୍ତ୍ତନର ସଙ୍କେତ। ପିଲା କେବଳ ସେଇ ଖାଦ୍ୟକୁ ଚିହ୍ନି ପାରୁଛନ୍ତି, ଯାହା ବିଜ୍ଞାପନ, ବ୍ରାଣ୍ଡିଙ୍ଗ୍, ସାମାଜିକ ଗଣମାଧ୍ୟମରେ ସେମାନଙ୍କୁ ଦେଖା ହେଉଛି। ଏହି ପରିବର୍ତ୍ତନ ଆମକୁ 'ଖାଦ୍ୟ ସାକ୍ଷରତା' ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରେ।

'ଖାଦ୍ୟ ସାକ୍ଷରତା'ର ଅର୍ଥ କେବଳ କେଉଁ ଖାଦ୍ୟ ସ୍ୱାସ୍ଥ୍ୟକର ବା କେଉଁଟା ଅସ୍ୱାସ୍ଥ୍ୟକର, ଏତିକି ଜାଣିବା ନୁହେଁ; ଏହାର ଅର୍ଥ ହେଉଛି ଆମେ ଯାହା ଖାଉଛୁ, ତାହା କେଉଁଠାରୁ ଆସୁଛି, କିପରି ଉତ୍ପାଦିତ ହେଉଛି, କିପରି ସଂରକ୍ଷଣ ଓ ପ୍ରକ୍ରିୟାକରଣ ହେଉଛି, ତାହାର ଉପକାରିତା କ'ଣ, ପ୍ୟାକେଟରେ ଥିବା ଖାଦ୍ୟ କେତେ ଭଲ କେତେ ଖରାପ ଏବଂ ଆମ ଖାଦ୍ୟ, କୃଷି, ପରିବେଶ, ଅର୍ଥନୀତି, ସଂସ୍କୃତି ଓ ସ୍ୱାସ୍ଥ୍ୟ ସହିତ କିପରି ଜଡ଼ିତ ସେସବୁକୁ ବୁଝିବା। ଭାରତ ଭଳି ଦେଶର ଅର୍ଥନୀତି, ସଂସ୍କୃତି ଓ ଜୀବନଧାରା ଯେତେବେଳେ କୃଷି ସହିତ ଏତେ ଗଭୀର ଭାବେ ଜଡ଼ିତ, ସେତେବେଳେ ଯଦି ଆମ ପିଲାମାନେ ନିଜ ଖାଦ୍ୟର ଉତ୍ସକୁ ଭୁଲିଯାଆନ୍ତି, ତେବେ ତାହା କେବଳ ଖାଦ୍ୟ ଅଭ୍ୟାସର ପରିବର୍ତ୍ତନ ନୁହେଁ, ବରଂ ମାଟି, କୃଷକ, ପ୍ରକୃତି, ପରମ୍ପରା ଓ ନିଜ ଖାଦ୍ୟ ସଂସ୍କୃତି ସହିତ ସମ୍ପର୍କରେ ଆସୁଥିବା ଏକ ଦୂରତାର ସଙ୍କେତ। ସେଥିପାଇଁ ପିଲାଙ୍କୁ କେବଳ 'ଭଲ ଖାଅ' ବୋଲି କହିଦେଲେ ହେବ ନାହିଁ। ସେମାନଙ୍କୁ ଖାଦ୍ୟର କାହାଣୀ ମଧ୍ୟ ଶିଖାଇବାକୁ ପଡ଼ିବ।

ଦୀର୍ଘ ସମୟ ଧରି ଭାରତରେ, ଖାଦ୍ୟ ଜ୍ଞାନ କୌଣସି ବହି କିମ୍ବା ଶ୍ରେଣୀରୁ ମିଳୁନଥିଲା କି ଦିଆଯାଉନଥିଲା। ଏହା ଜୀବନର ଅଂଶ ହୋଇ ନିଜେ ନିଜେ ଶିଖାଯାଉଥିଲା। ଗାଁରେ ବଢୁଥିବା ଗୋଟିଏ ପିଲା ଦେଖୁଥିଲା କିପରି ଜମିରେ ଫସଲ ହେଉଛି, କିପରି ତାହା ଅମଳ ହେଉଛି, ଶୁଖାଯାଉଛି ଏବଂ ବର୍ଷସାରା ପାଇଁ ସାଇତି ରଖାଯାଉଛି। ଋତୁ ବଦଳିଲେ ଘରର ରୋଷେଇ ମଧ୍ୟ ବଦଳୁଥିଲା। ଗାଁର ହାଟ ଏକପ୍ରକାରର ଖୋଲା ପାଠଶାଳା ଥିଲା। ସେଠାରେ ନିଜ ଅଞ୍ଚଳର ବିଭିନ୍ନ ପ୍ରକାର ଧାନ, ଡାଲି, ପନିପରିବା, ଫଳ, ଶାଗ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦେଖି ପିଲାମାନେ ଜାଣୁଥିଲେ ଯେ ଆମ ଖାଦ୍ୟ କେତେ ବିବିଧ। ଜେଜେବାପା-ଜେଜେମାଆମାନେ ମଧ୍ୟ ଏହି ଜ୍ଞାନର ବଡ଼ ଭଣ୍ଡାର ଥିଲେ। କେଉଁ ଶସ୍ୟ କିପରି ରାନ୍ଧିବା, କେଉଁ ପତ୍ର କେମିତି ଖାଇବା, କେଉଁ ମୂଳ କିମ୍ବା ପନିପରିବା କେଉଁ ଋତୁରେ ଭଲ ମିଳେ, ଖାଦ୍ୟକୁ କିପରି ସାଇତି ରଖିବା-ଏସବୁ ଜ୍ଞାନ ପିଢ଼ିରୁ ପିଢ଼ିକୁ ଯାଉଥିଲା। କେବଳ ଗାଁର ପିଲା ନୁହେଁ, ସହରର ପିଲାମାନେ ମଧ୍ୟ ଖାଦ୍ୟ ସହିତ ଏକ ନିକଟ ସମ୍ପର୍କରେ ବଢୁଥିଲେ। ହୁଏତ ସେମାନେ ଚାଷ ଜମି ଦେଖୁ ନ ଥିଲେ, କିନ୍ତୁ ଘରେ ମୌଳିକ ସାମଗ୍ରୀରୁ ଖାଦ୍ୟ ପ୍ରସ୍ତୁତ ହେଉଥିବାର ଦେଖୁଥିଲେ। ରୋଷେଇଘର ଏକ ଛୋଟ ପାଠଶାଳା ଥିଲା। ସେଇଠି କେତେବେଳେ ଗହମ ପେସା ହୋଇ ଅଟା ହେଉଥିଲା ତ କେତେବେଳେ ଜିରା, ଧଣିଆ, ସୋରିଷ, ଲଙ୍କା ଶୁଖାହୋଇ ମସଲା ପ୍ରସ୍ତୁତ ହେଉଥିଲା। କିନ୍ତୁ ଆଜି ସହରୀକରଣ, ଆଧୁନିକୀକରଣ, ଚାକିରି ପାଇଁ ସ୍ଥାନାନ୍ତରଣ, ଛୋଟ ପରିବାର, କର୍ମଜୀବୀ ପିତାମାତା, ବଢୁଥିବା ଆୟ, ସମୟର ଅଭାବ ଏବଂ ଖାଦ୍ୟ ବଜାରର ବିସ୍ତାର ଆଦି ଆମ 'ଖାଦ୍ୟ ସାକ୍ଷରତା'କୁ ପ୍ରଭାବିତ କରୁଛି। ଏହି ପରିବର୍ତ୍ତନ ଆମ ଖାଦ୍ୟ ଖର୍ଚ୍ଚରେ ମଧ୍ୟ ସ୍ପଷ୍ଟ ଦେଖାଯାଉଛି।

ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ-୨୦୨୩-୨୪ଅନୁସାରେ, ପାନୀୟ, ଜଳଖିଆ ଓ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ଖର୍ଚ୍ଚ, ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ବଢ଼ିବାରେ ଲାଗିଛି। ଏହାପଛରେ ଅନେକ କାରଣ ରହିଛି। ଅଫିସ୍‌ରୁ ବିଳମ୍ବରେ ଫେରୁଥିବା ଜଣେ ମା' କିମ୍ବା ବାପାଙ୍କ ପାଖରେ ପ୍ରତିଦିନ ପାରମ୍ପରିକ ଭାବେ ଖାଦ୍ୟ ରାନ୍ଧିବା ପାଇଁ ସମୟ ନଥାଇପାରେ। ପିଲାମାନେ ମଧ୍ୟ ସ୍କୁଲ୍, ଟ୍ୟୁସନ୍, ଖେଳ ଓ ଅନ୍ୟାନ୍ୟ କାମରେ ବ୍ୟସ୍ତ। ଏପରି ସ୍ଥିତିରେ ଶୀଘ୍ର ମିଳୁଥିବା ଖାଦ୍ୟ ଏକ ସହଜ ବିକଳ୍ପ ହୋଇଯିବା ସ୍ୱାଭାବିକ। ତେଣୁ ପ୍ୟାକେଟ୍ ଓ ପ୍ରକ୍ରିୟାକୃତ ଖାଦ୍ୟର ବଢୁଥିବା ବ୍ୟବହାରକୁ କେବଳ ଲୋକଙ୍କ ଅସାବଧାନତା କିମ୍ବା 'ଖରାପ ଖାଇବା ଅଭ୍ୟାସ' ବୋଲି କହିଦେଲେ ସମସ୍ୟାର ସମ୍ପୂର୍ଣ୍ଣ ଚିତ୍ରଟି ବଖାଣି ହେବ ନାହିଁ। ପ୍ରକୃତ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ସେଇ ସୁବିଧା ଧୀରେ-ଧୀରେ ଖାଦ୍ୟ ସହିତ ଆମର ସମ୍ପର୍କକୁ ବଦଳାଇ ଦିଏ। ସମାସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ରୋଷେଇଘରୁ ମିଳୁଥିବା ଖାଦ୍ୟ ଜ୍ଞାନ ହ୍ରାସ ପାଏ ଏବଂ ତା' ସ୍ଥାନରେ ପ୍ୟାକେଟ୍, ବିଜ୍ଞାପନ ଓ ବ୍ରାଣ୍ଡ ଖାଦ୍ୟକୁ ଚିହ୍ନିବାର ନୂଆ 'ପାଠଶାଳା' ତିଆରି ହୋଇଯାଏ।

ଏବେ ଆମକୁ ସୁବିଧା ଓ ପରମ୍ପରା ମଧ୍ୟରେ ଗୋଟିଏ ସନ୍ତୁଳନ ଖୋଜିବାକୁ ପଡ଼ିବ। ଆମ ପିଲାମାନେ ପ୍ୟାକେଟ୍ ଖାଦ୍ୟକୁ ଚିହ୍ନନ୍ତୁ। କିନ୍ତୁ ତା' ସହିତ ଧାନ, ଡାଲି, ମିଲେଟ୍, ଶାଗ, ପନିପରିବା ଓ ଫଳର କାହାଣୀ ମଧ୍ୟ ଜାଣନ୍ତୁ। କାରଣ ଖାଦ୍ୟ କେବଳ ପେଟ ଭରିବାର ଜିନିଷ ନୁହେଁ; ଏହା ଆମ ସମାଜ, କୃଷି, ସଂସ୍କୃତି ଓ ଆମ ଜୀବନର ଏକ ଅଂଶ। ଖାଦ୍ୟ ସହିତ ବଦଳୁଥିବା ଆମ ସମ୍ପର୍କକୁ ନଜରରେ ରଖି, ଭାରତରେ ଦେଖାଦେଉଥିବା ପୋଷଣ ସମସ୍ୟାକୁ ବିଶ୍ଳେଷଣ କରିବାର ଆମ ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ହେବ। ପିଲା ଜାଣିବା ଦରକାର ଯେ, ଚାଉଳ ସୁପରମାର୍କେଟ୍‌ରୁ ଜନ୍ମ ନିଏ ନାହିଁ; ତାହାର ଆରମ୍ଭ ଧାନ କ୍ଷେତରୁ। କ୍ଷୀର ଟେଟ୍ରା ପ୍ୟାକ୍‌ରୁ ଆସେ ନାହିଁ; ତା' ପଛରେ ଅଛି ଗାଇ କିମ୍ବା ମଇଁଷି, ଦୁଗ୍ଧ ଚାଷୀ ଏବଂ ଏକ ସମ୍ପୂର୍ଣ୍ଣ ଦୁଗ୍ଧ ବ୍ୟବସ୍ଥା।

ବିଦ୍ୟାଳୟରେ ପୋଷଣ ବଗିଚା ପିଲାମାନଙ୍କ ପାଇଁ ଜୀବନ୍ତ ପାଠଶାଳା ହୋଇପାରେ। ପିଲାମାନେ ନିଜେ ମାଟିରେ ବୀଜ ପୋତିପାରିବେ ଏବଂ ଗଛ ବଢ଼ିବାର ପ୍ରତ୍ୟେକ ପର୍ଯ୍ୟାୟକୁ ଦେଖିପାରିବେ। ମାଟି, ପାଣି, ଆଲୋକ ଓ ପବନ ଗଛ ପାଇଁ କାହିଁକି ଜରୁରୀ, ତାହା ସେମାନେ କେବଳ ବହିରୁ ପଢ଼ିବେ ନାହିଁ; ନିଜେ କରି ଓ ଦେଖି ଶିଖିବେ। ବଗିଚାରେ କିଛି ଉତ୍ପାଦନ କରିବାର ଖର୍ଚ୍ଚ କେତେ ଏବଂ ବଜାରରେ ତାହା କେତେ ଦାମରେ ବିକ୍ରି ହେଉଛି, ତାହାର ହିସାବ କରି ପିଲାମାନେ ଅର୍ଥନୀତିର ଏକ ଛୋଟ ପାଠ ମଧ୍ୟ ଶିଖିପାରିବେ। ଖାଦ୍ୟ ବିଷୟରେ ପିଲା ଯେତେ ଜାଣିବେ, ସେମାନେ 'ଭଲ' କିମ୍ବା 'ଖରାପ' ଖାଦ୍ୟ ମଧ୍ୟରେ ତଫାତ ସେତେ ଜାଣିପାରିବେ।

ଭାରତ ଆଜି ଦୁଇପ୍ରକାରର ପୋଷଣ ସମସ୍ୟା ସହ ଲଢୁଛି। ଗୋଟିଏ ପଟେ ଅପପୋଷଣ, କମ୍ ଓଜନ ଓ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବ ଭଳି ସମସ୍ୟା ରହିଛି ଏବଂ ଅନ୍ୟପଟେ ଅଧିକ ଓଜନ ଓ ମେଦବହୁଳତା ମଧ୍ୟ ଚିନ୍ତାର ବିଷୟ। ଏଭଳି ପରିସ୍ଥିତିରେ ପିଲାମାନଙ୍କୁ ଖାଦ୍ୟକୁ ବୁଝିବା ଏବଂ ନିଜେ ସଚେତନ ଭାବେ ଖାଦ୍ୟ ବାଛିବା ଅତ୍ୟନ୍ତ ଜରୁରୀ। ଏହି କାମରେ ପ୍ରଯୁକ୍ତି ବିଦ୍ୟାକୁ ମଧ୍ୟ ସହଜରେ ଯୋଡ଼ାଯାଇପାରେ। ପିଲାମାନେ ମୋବାଇଲ୍ କିମ୍ବା ଅନ୍ୟ ଡିଜିଟାଲ୍ ଉପକରଣରେ ନିଜ ଅଞ୍ଚଳର କୃଷକଙ୍କ ସାକ୍ଷାତକାର ରେକର୍ଡ କରିପାରନ୍ତି, 'କ୍ଷେତରୁ ଥାଳି' ପର୍ଯ୍ୟନ୍ତ ଖାଦ୍ୟର ଯାତ୍ରା ଉପରେ ଛୋଟ ଭିଡିଓ ପ୍ରସ୍ତୁତ କରିପାରନ୍ତି କିମ୍ବା ନିଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ଓ ରନ୍ଧଣ ପ୍ରଣାଳୀର ଏକ ଡିଜିଟାଲ୍ ସଂଗ୍ରହ ତିଆରି କରିପାରନ୍ତି।

ଆଧୁନିକ ଶିକ୍ଷାର ଅର୍ଥ ପାରମ୍ପରିକ ଜ୍ଞାନକୁ ଛାଡ଼ି କେବଳ ନୂଆ ଜ୍ଞାନ ଆଡ଼କୁ ଦୌଡ଼ିବା ନୁହେଁ। ଜଣେ ପିଲା କୋଡିଂ ଶିଖିପାରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବୁଝିପାରେ, ରୋବୋଟ୍ ତିଆରି କରିପାରେ। କିନ୍ତୁ ତା'ସହିତ ମଞ୍ଜିରୁ କିପରି ଗଛ ହୁଏ, ଫସଲ କିପରି ଅମଳ ହୁଏ, କ୍ଷେତରୁ ଥାଳି ପର୍ଯ୍ୟନ୍ତ ଖାଦ୍ୟ କିଭଳି ଯାତ୍ରା କରେ, ଏସବୁ ମଧ୍ୟ ଜାଣିବା ଆବଶ୍ୟକ। ଭାରତର ପୋଷଣ ଭବିଷ୍ୟତ ଶିଶୁର ଥାଳିରେ କ'ଣ ପରଷା ଯାଉଛି, ତାହା ଉପରେ ଯେତିକି ନିର୍ଭର କରେ, ସେତିକି ନିର୍ଭର କରେ ଶିଶୁର ମନରେ ଖାଦ୍ୟ ବିଷୟରେ କି କାହାଣୀ ବୁଣାହେଉଛି।

ରାଉରକେଲା, ମୋ: ୬୩୭୦୯୦୫୯୪୭

## ରାଷ୍ଟ୍ରଶକ୍ତିର ନୂଆ ଇନ୍ଧନ ଯୁବଶକ୍ତି

**ସମୀର ବିଶ୍ୱାଳ**

ଭାରତର ବିଶାଳ ଯୁବ ଜନସଂଖ୍ୟା ଦେଶ ପାଇଁ ଏକ ବଡ଼ ଶକ୍ତି। ଯୁବକମାନଙ୍କ ପାଖରେ ସୃଜନଶୀଳତା, ନୂଆ ଚିନ୍ତାଧାରା, ପ୍ରଯୁକ୍ତି ଜ୍ଞାନ ଏବଂ ପରିବର୍ତ୍ତନ ଆଣିବାର ଇଚ୍ଛା ରହିଛି। ସମାଜକୁ ଗଠନମୂଳକ ପରିବର୍ତ୍ତନ କରିବାର ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଯୁବକମାନେ। ସାକ୍ଷରତା ବୃଦ୍ଧି, ନିଶା ନିବାରଣ, ମହିଳା ସଶକ୍ତୀକରଣ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା, ଗ୍ରାମୀଣ ବିକାଶ ଓ ଆର୍ଥିକ ଅନଗ୍ରସର ଅଞ୍ଚଳର ସହାୟତା ଭଳି କାର୍ଯ୍ୟରେ ଯୁବମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତେଣୁ ଯୁବକମାନେ କେବଳ ନିର୍ବାଚନ ସମୟରେ ଭୋଟ ଦେବାରେ ସୀମିତ ନ ରହି ସରକାରୀ ନୀତି, ଆଇନ, ଜନସମସ୍ୟା ଓ ପ୍ରଶାସନର ସହାୟତାରେ ସକ୍ରିୟ ଅଂଶଗ୍ରହଣ କରି ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇବା ଆବଶ୍ୟକ। ଦୁର୍ନୀତି, ପ୍ରଶାସନର ବିରୋଧରେ ସ୍ୱର ଉଠାଇବା, ନୀତି ନିର୍ମାଣରେ ଯୋଗଦେବା ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଆଗକୁ ଆସିବା ଯୁବମାନଙ୍କ ଗଣତାନ୍ତ୍ରିକ କର୍ତ୍ତବ୍ୟ। ଶିକ୍ଷିତ ଯୁବକମାନେ ରାଜନୀତିକୁ ଆସିଲେ ରାଜନୀତି କେବଳ କ୍ଷମତା ଦଖଲର ମାଧ୍ୟମ ନ ହୋଇ ଶିକ୍ଷା, ରୋଜଗାର, ଦୁର୍ନୀତି, କୃଷି, ପରିବେଶ, ସାମାଜିକ ନ୍ୟାୟ ଭଳି ପ୍ରସଙ୍ଗରେ ନିର୍ଣ୍ଣାୟକ ହେବ।

ଆମ ଦେଶର ଅର୍ଥନୈତିକ ଅଗ୍ରଗତିରେ ଯୁବକମାନଙ୍କ ଅବଦାନ ଅତ୍ୟନ୍ତ ସକ୍ରିୟ। ଷ୍ଟାର୍ଟଅପ୍, ଡିଜିଟାଲ ବ୍ୟବସାୟ, କୃଷି ଉଦ୍ୟୋଗ, ଇ-କମର୍ସ, ଫିନଟେକ୍, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଓ ନୂଆ ପ୍ରଯୁକ୍ତି କ୍ଷେତ୍ରରେ ଯୁବକମାନେ ନୂଆ ରୋଜଗାର ସୃଷ୍ଟି କରୁଛନ୍ତି। କେବଳ ଚାକିରି ପଛରେ ନ ଗୋଡ଼ାଇ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ଯୁବକ ହିସାବରେ ସମାଜରେ ଅନ୍ୟକୁ ରୋଜଗାର ଦେଉଛନ୍ତି। ଗ୍ରାମାଞ୍ଚଳର ଯୁବକମାନେ କୃଷି ସହିତ ପ୍ରସେସିଂ, ପ୍ୟାକେଜିଂ, ଡିଜିଟାଲ ମାର୍କେଟିଂ ଓ କୃଷି-ପର୍ଯ୍ୟଟନକୁ ଯୋଡ଼ିଲେ ଗ୍ରାମୀଣ ଅର୍ଥନୀତି ଆହୁରି ଶକ୍ତିଶାଳୀ ହୋଇପାରିବ। ଆଜିର ଯୁବପିଢ଼ି କେବଳ ଡିଗ୍ରୀ ପାଇବାରେ ସୀମିତ ନ ରହି ଦକ୍ଷତା, ଗବେଷଣା, ସୃଜନଶୀଳତା ଓ ନୂଆ ପ୍ରଯୁକ୍ତି ଶିଖିବା ଆବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, ରୋବୋଟିକ୍ସ, ସାଇବର ସୁରକ୍ଷା, ଡିଜିଟାଲ ମିଡିଆ ଓ ନୂଆ ଶିଳ୍ପ ଦକ୍ଷତାରେ ଯୁବମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ଏହାସହିତ ମାନବିକ ମୂଲ୍ୟବୋଧ, ନୈତିକତା, ସମାଜ ପ୍ରତି ଦାୟିତ୍ୱ ଓ ସମାଲୋଚନାତ୍ମକ ଚିନ୍ତା ମଧ୍ୟ ଶିକ୍ଷାର ଅଂଶ ହେବା ଉଚିତ। ଯୁବକମାନେ ନିଜେ ଶିକ୍ଷିତ ହେବା ସହିତ ନିଜ ଅଞ୍ଚଳର ଶିକ୍ଷାରୁ ମୁହଁ ଫେରାଉଥିବା ଲୋକଙ୍କୁ ସଠିକ୍ ଦିଗରେ ଶିକ୍ଷାଲାଭ କରିବାରେ ସହଯୋଗ କରିବା ଦରକାର।

ଭାରତର ଆତ୍ମା ଗ୍ରାମରେ ରହିଛି। ଜଣେ ଶିକ୍ଷିତ ଯୁବକ ଯଦି ନିଜ ଗାଁର ଦଶଜଣ ଛାତ୍ରଙ୍କୁ ମାର୍ଗଦର୍ଶନ କରନ୍ତି, ତେବେ ତାହା ଏକ ବଡ଼ ସାମାଜିକ ପରିବର୍ତ୍ତନର ଆରମ୍ଭ କରିପାରେ। ଗ୍ରାମୀଣ ଯୁବକମାନେ ନିଜ ଅଞ୍ଚଳର ବିକାଶରେ ସହଭାଗିତା ହୋଇ ପ୍ରଶାସନକୁ ସାହାଯ୍ୟ କରିବା ଦରକାର। କୃଷି ଉଦ୍ୟୋଗ, ଦୁଗ୍ଧ ଉତ୍ପାଦନ, ପଶୁପାଳନ, ମାଛଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ ଓ ଗ୍ରାମୀଣ ପର୍ଯ୍ୟଟନ ଭଳି କ୍ଷେତ୍ରରେ ଯୁବ ଉଦ୍ୟୋଗୀମାନେ ନୂଆ ସୁଯୋଗ ସୃଷ୍ଟି କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ନିଜର ପାରଦର୍ଶିତା ହାସଲ କରିବା ପାଇଁ ଆମ ଦେଶ ରାଜ୍ୟର ବିଭିନ୍ନ ଗାଁ, ଦୁର୍ଗମ ପାହାଡ଼ ଆଦିବାସୀ ଅଞ୍ଚଳରେ ଅନେକ ପ୍ରତିଭା ଯଥୋଚିତ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ ଆଜି ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା। ବନ୍ୟା, ମରୁଡ଼ି, ଅତ୍ୟଧିକ ତାପମାତ୍ରା, ଜଙ୍ଗଲ ନଷ୍ଟ, ଜଳ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ ଭଳି ସମସ୍ୟାର ପ୍ରଭାବ ଯୁବପିଢ଼ିର ଭବିଷ୍ୟତ ଉପରେ ପଡ଼ିବ। ତେଣୁ ଯୁବକମାନେ ପରିବେଶ ସୁରକ୍ଷାର ନେତୃତ୍ୱ ନେବା ଆବଶ୍ୟକ। ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଆବର୍ଜନା ପରିଚାଳନା, ସୌର ଶକ୍ତି ଓ ଅନ୍ୟାନ୍ୟ ସ୍ୱଚ୍ଛ ଶକ୍ତିର ପ୍ରଚାର ଭଳି କାର୍ଯ୍ୟରେ ଯୁବମାନେ ଆଗକୁ ଆସିବା ଦରକାର।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ହେଉଛି ବିକାଶର ମୁଖ୍ୟ ଚାବିକାଠି। ଆମଦେଶର ଯୁବକମାନେ ନୂଆ ଆବିଷ୍କାର, ଷ୍ଟାର୍ଟଅପ୍ ମାଧ୍ୟମରେ ଦେଶର ବିକାଶକୁ ଦ୍ରୁତ କରିପାରିବେ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ଶାସନ ଓ ପରିବେଶ ଭଳି କ୍ଷେତ୍ରର ସମସ୍ୟାର ସମାଧାନ ପାଇଁ ଯୁବକମାନେ ପ୍ରଯୁକ୍ତିଭିତ୍ତିକ ନୂଆ ମଡେଲ ତିଆରି କରିପାରିବେ। ତେଣୁ ଯୁବଶକ୍ତି ଠିକ୍ ଦିଗରେ ଅଗ୍ରସର ହେଲେ ଭାରତ ଅର୍ଥନୀତି, ଶିକ୍ଷାନୀତି, ବିଜ୍ଞାନ ଓ ପ୍ରଯୁକ୍ତି, କ୍ରୀଡ଼ା, ରାଜନୀତି, ପରିବେଶ ଓ ସାମାଜିକ ବିକାଶରେ ବିଶ୍ୱର ଅଗ୍ରଣୀ ଦେଶ ହୋଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମବିଶ୍ୱାସ, ଭଗତ ସିଂହଙ୍କ ସାହସ ଏବଂ ଆଜିର ଅନେକ ବୈଜ୍ଞାନିକ, କ୍ରୀଡ଼ାବିତ୍, ଉଦ୍ୟୋଗୀ ଓ ସମାଜସେବୀଙ୍କ କର୍ମନିଷ୍ଠା ଯୁବପିଢ଼ି ପାଇଁ ପ୍ରେରଣା। କିନ୍ତୁ ଆଦର୍ଶ ଯୁବକ ହେବା ପାଇଁ ପ୍ରସିଦ୍ଧ ହେବା ଆବଶ୍ୟକ ନୁହେଁ। ଗାଁର ଜଣେ ଶିକ୍ଷକ, ନୂଆ ପଦ୍ଧତି ଗ୍ରହଣ କରି ଚାଷ କରୁଥିବା କୃଷକ, ଗରିବ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ପଢ଼ାଉଥିବା ଯୁବକ କିମ୍ବା ଦାରିଦ୍ର୍ୟତା ସହ ଲଢ଼େଇ କରୁଥିବା ଲୋକଙ୍କୁ ରୋଜଗାର ଦେଉଥିବା ଜଣେ ଉଦ୍ୟୋଗୀ - ସମସ୍ତେ ଯୁବ ଭାରତର ନିରବ ନିର୍ମାତା। ବେକାରୀ, ଦକ୍ଷତା ଅଭାବ, ନିଶାସକ୍ତି, ଡିଜିଟାଲ ଆସକ୍ତି, ମାନସିକ ଚାପ, ସୁଯୋଗର ଅଭାବ ଓ ଭୁଲ ମାର୍ଗଦର୍ଶନ ଭଳି ସମସ୍ୟା ଯୁବମାନଙ୍କ ସାମ୍ନାରେ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଯୁବକମାନଙ୍କୁ ସୁଯୋଗ ଦେବା ସହିତ ସେମାନଙ୍କ ସମସ୍ୟା ଶୁଣିବା ମଧ୍ୟ ଆବଶ୍ୟକ। ଶିକ୍ଷା ଠାରୁ ରୋଜଗାର, ଦକ୍ଷତା ଠାରୁ ଉଦ୍ୟୋଗିତା, କ୍ରୀଡ଼ା ଠାରୁ ଗବେଷଣା - ପ୍ରତ୍ୟେକ କ୍ଷେତ୍ରରେ ଯୁବମାନଙ୍କ ପାଇଁ ସମାନ ଓ ସହଜ ସୁଯୋଗ ତିଆରି କରିବାକୁ ହେବ। ସୋସିଆଲ ମିଡିଆକୁ ଯୁବକମାନେ କେବଳ ମନୋରଞ୍ଜନ ପାଇଁ ବ୍ୟବହାର ନ କରି ସାମାଜିକ ସଚେତନତାର ମାଧ୍ୟମ ଭାବରେ ଗ୍ରହଣ କଲେ ସମାଜ ପାଇଁ ଅଧିକ ଲାଭପ୍ରଦ ହେବ। ଭୁଲ ଖବର ଓ ଘୃଣାର ପ୍ରଚାର ବଦଳରେ ଶିକ୍ଷା, ସଚେତନତା ଓ ସକାରାତ୍ମକ ଖବର ପ୍ରଚାର କରିବା ଆଜିର ଯୁବପିଢ଼ିର ଏକ ବଡ଼ ଦାୟିତ୍ୱ।

ମୋ: ୯୪୩୭୫୪୨୮୮୫

## ଜ୍ଞାନ-କୋଣାର୍କର ବିଶ୍ୱକର୍ମା: ବିନୋଦ କାନୁନଗୋ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ମଣିଷର ରହସ୍ୟମୟ ଜୀବନ, ପ୍ରକୃତିର ସୀମାହୀନ ବୈଚିତ୍ର୍ୟ, ବିଶ୍ୱ-ବ୍ରହ୍ମାଣ୍ଡର ଅଭେଦ୍ୟ ତତ୍ତ୍ୱକୁ ବ୍ୟାଖ୍ୟା କରିବାର ସାମର୍ଥ୍ୟ କାହାର ବା ରହିଛି? ଅନ୍ୟପକ୍ଷରେ ପ୍ରତିଟି ବିଷୟରେ ମଣିଷର ଅସଂଖ୍ୟ ଜିଜ୍ଞାସାକୁ ନିୟନ୍ତ୍ରିତ କରିବାର କ୍ଷମତା ମଧ୍ୟ କାହାରି ନାହିଁ। ଏହି କାରଣରୁ ହିଁ ବିକଶିତ ଓ ସମ୍ପ୍ରସାରିତ ହୋଇଉଠିଛି ଜ୍ଞାନ-ବିଜ୍ଞାନର ଅଚିନ୍ତନୀୟ ବିଶାଳ ଭଣ୍ଡାର। ପୁଣି ସାଧାରଣରୁ ଅତି ସାମାନ୍ୟ ତଥ୍ୟ ହେଉ ଅଥବା ଗଭୀରରୁ ଗଭୀରତର ସତ୍ୟ - ସେ ସବୁକୁ ଏକ ଅଭିନ୍ନ ଶୃଙ୍ଖଳାରେ ସଂରକ୍ଷିତ କରି ରଖିବାର ପ୍ରୟାସରୁ ୧୭୬୮ ମସିହାରେ ଜନ୍ମ ନେଇଛି ପୃଥିବୀର ସର୍ବପୁରାତନ ଜ୍ଞାନକୋଷ 'ଏନସାଇକ୍ଲୋପିଡିଆ ବ୍ରିଟାନିକା'।

'ଏନସାଇକ୍ଲୋପିଡିଆ ବ୍ରିଟାନିକା' ପ୍ରାୟ ଚାରିହଜାର ଲେଖକଙ୍କ ଅବଦାନରେ ବତିଶ ଖଣ୍ଡରେ ବିଧିବଦ୍ଧ ଭାବରେ ପ୍ରସ୍ତୁତ। କିନ୍ତୁ ଓଡ଼ିଶା ମାଟିରେ ଯେଉଁ ଅଦ୍ଭୁତ ବିସ୍ମୟକର ଘଟଣାଟି ଘଟିଲା ତାହା ସମସ୍ତଙ୍କୁ କରିଦେଲା ନିର୍ବାକ ଓ ସ୍ତବ୍ଧ। ଜଣେ ଜଣେ ମଣିଷର ଅଟଳ ଇଚ୍ଛାଶକ୍ତି ଆକାଶଚୁମ୍ବୀ ପର୍ବତକୁ ବି କରିଦେଇପାରେ ଟଳମଳ। ସେଭଳି ଅଦମ୍ୟ ଇଚ୍ଛାଶକ୍ତିର ଧାରକ ଥିଲେ ବିନୋଦ କାନୁନଗୋ, ଯିଏ ଏକାକୀ ଏକଟଙ୍କାର ସମ୍ବଳରୁ ଆରମ୍ଭ କରିଥିଲେ ସେପରି ଓଡ଼ିଆରେ ଜ୍ଞାନକୋଷ ଲେଖିବାର ଏକ ଦୁଃସାହସିକ ଅଭିଯାନ। କିଏ ଅବା ଚିନ୍ତା କରିଥିଲେ 'ଜ୍ଞାନମଣ୍ଡଳ' ନାମରେ ତାଙ୍କ ଆହୃତ ଜ୍ଞାନରାଶିକୁ ସେ ରୂପାୟିତ କରିପାରିବେ ପଚାଶଖଣ୍ଡ ଗ୍ରନ୍ଥରେ ବୋଲି! ନିଜେ ବିନୋଦ କାନୁନଗୋ ପ୍ରତ୍ୟକ୍ଷ କରିଛନ୍ତି ଅପରାଜେୟ ବ୍ରିଟିଶ ଶାସନ ମହାତ୍ମା ଗାନ୍ଧୀଙ୍କ ଅହିଂସ ସଂକଳ୍ପ ଆଗରେ ଭାରତରୁ କିପରି ହୋଇଗଲା ମୂଳୋତ୍ପାଟିତ। ବିନୋଦ କାନୁନଗୋ ସେହି ଅହିଂସ ସଂଗ୍ରାମର ଏକ ଅବିଚ୍ଛିନ୍ନ ସତ୍ୟାଗ୍ରହୀ। କାରାଗାର-ରୁଦ୍ଧ ଅବସ୍ଥାରେ ଥିବା ବେଳେ ହିଁ 'ଜ୍ଞାନମଣ୍ଡଳ'ର ସ୍ୱପ୍ନ ସନ୍ଦୀପିତ କରିଥିଲା ତାଙ୍କୁ। ଗାନ୍ଧିଜୀ ଯେଉଁ ରଚନାତ୍ମକ କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମ ତୁଲ୍ୟ ଦେଇଛନ୍ତି ଶ୍ରେଷ୍ଠ ମର୍ଯ୍ୟାଦା, ବିନୋଦ କାନୁନଗୋ ପରିଣତ ହୋଇଗଲେ ତାହାର ଏକ ଅନ୍ତର୍ଭେଦୀ ପ୍ରତୀକରେ। 'ଭାରତର ସ୍ୱାଧୀନତା ଲାଭ ପରେ ପ୍ରକୃତ ସତ୍ୟାଗ୍ରହୀମାନଙ୍କ ଦ୍ୱାରା ସ୍ୱଦେଶର ନବନିର୍ମାଣ ହେବ' ଏବଂ 'ସବୁସ୍ତରର ମଣିଷ ଭିତରେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ କରିଦେବାର ଆନ୍ତରିକତା ପ୍ରକାଶିତ ହେଲେ, ତାହା ହିଁ ଭାରତ-ଭୂମିକୁ ପ୍ରଦାନ କରିପାରିବ ପୃଥିବୀର ଶ୍ରେଷ୍ଠ ଦିଗଦର୍ଶକର ଚିରଇପ୍ସିତ ଗୌରବ' ବୋଲି ଗାନ୍ଧିଜୀ ଯେଉଁ ମର୍ମସ୍ପର୍ଶୀ ବାଣୀ ଉଚ୍ଚାରଣ କରିଥିଲେ ତାହାର ବଳିଷ୍ଠ ଅଭିବ୍ୟକ୍ତି ପ୍ରଦର୍ଶିତ ହୋଇପାରିଛି ବିନୋଦ କାନୁନଗୋଙ୍କ ଅସାମାନ୍ୟ ତପସ୍ୟା ବଳରେ।

କ୍ଷମତାର ଲେଲିହାନ ଶିଖା ବହୁ ଜନନାୟକଙ୍କୁ ଯେତେବେଳେ ଗ୍ରାସ କରୁଥିଲା, ସେଇ ସମୟରେ ବିନୋଦ କାନୁନଗୋ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ସରଳ ଓଡ଼ିଆ ଭାଷାରେ କେତେ କେତେ ଜଟିଳ ଜ୍ଞାନକୁ ସହଜ ଓ ସୁଖପାଠ୍ୟ ରୀତିରେ ପରିବେଷଣ କରିବା ନିମିତ୍ତ। ଏହା ହିଁ ଜ୍ଞାନର ମନ୍ଦିର ନିର୍ମାଣ, ସ୍ୱରାଜ୍ୟର ସୌନ୍ଦର୍ଯ୍ୟ ଏବଂ ରାଷ୍ଟ୍ରଗଠନର ସୁଦୃଢ଼ ଭିତ୍ତି। ଯାହାଙ୍କ ଆନୁଷ୍ଠାନିକ ଶିକ୍ଷା ସ୍କୁଲ ପ୍ରାଚୀର ଅତିକ୍ରମ କରି ପାରି ନ ଥିଲା ସେ ଜ୍ଞାନର ମହାସାଗର ମଧ୍ୟକୁ ପ୍ରବେଶ କରିପାରିଲେ କେମିତି? ବାହ୍ୟସ୍ତରର ଶିକ୍ଷାର୍ଜନ ଅନ୍ତରାଳରେ ଆହରଣର ଯେଉଁ ଅନ୍ତର୍ଜଗତ ପରିବ୍ୟାପ୍ତ, ସେଇଠି ସେ ଯେ ନିତ୍ୟ ଅବଗାହନ କରୁଥିଲେ ଏଥିରେ ଆଉ ସନ୍ଦେହ କାହିଁ? ମାତ୍ର ୩୦ ଟି ଫାଇଲରୁ ଆରମ୍ଭ କରିଥିଲେ ଯେଉଁ ମହନୀୟ କାର୍ଯ୍ୟକ୍ରମ, ତାହା ତିରିଶ ହଜାର ଫାଇଲରେ ପରିଣତ ହୋଇଯାଇଥିଲା। ଜ୍ଞାନମଣ୍ଡଳର ୪୦ ଖଣ୍ଡ ପ୍ରକାଶିତ ଗ୍ରନ୍ଥ ମଧ୍ୟରୁ ଯେଉଁମାନେ ଗୋଟିଏ ଭାଗ ଉପରେ ମଧ୍ୟ ଦୃଷ୍ଟି ନିବଦ୍ଧ କରିବେ ସେମାନେ ଜାଣିପାରିବେ ଯେ କଳା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ପରମ୍ପରା, ଐତିହ୍ୟ, ବିଜ୍ଞାନ, ଭୂଗୋଳ, ବାଣିଜ୍ୟ, ନୃତତ୍ତ୍ୱ, ରାଜନୀତି, ଅର୍ଥନୀତି, ସମାଜତତ୍ତ୍ୱ, ମହାକାଶ ବିଜ୍ଞାନ ଆଦି କେଉଁ ବିଷୟରେ ଅବା ସେ ଉପାଦାନ ସଂଗ୍ରହ ପୂର୍ବକ ତାହାକୁ ଆତ୍ମସ୍ଥ କରିନାହାନ୍ତି! ଚିରପୂଜ୍ୟ କୃତୀ ସନ୍ତାନମାନଙ୍କର ଜୀବନାଦର୍ଶ ବ୍ୟାଖ୍ୟା କରିଦେବାରେ କି ପ୍ରଖର ଅନ୍ତଃଦୃଷ୍ଟି ତାଙ୍କର ଉନ୍ମୀଳିତ! 'ଜ୍ଞାନମଣ୍ଡଳ'ର ଆହୁରି କେତେ ଖଣ୍ଡ ପ୍ରକାଶିତ ହୋଇ ପାରିନାହିଁ। ଏହି ବିସ୍ମୟଦୀପ୍ତ ସାଧନା ସହ ସେପୁଣି ଶିଶୁମାନଙ୍କ ପାଇଁ ଲେଖିଛନ୍ତି ଅନେକ ପୁସ୍ତକ। 'ଋଣ ପରିଶୋଧ', 'ପାଠ ପଛେ ପଛେ ଅପାଠୁଆ' ନାମରେ ନିଜ ପ୍ରେରଣାଗର୍ଭିତ ଆତ୍ମଜୀବନୀ ସେ ଛାଡ଼ି ଯାଇଛନ୍ତି।

ଓଡ଼ିଶାର ପ୍ରତିଭାଶାଳୀ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କୋଣାର୍କ ଯେପରି ବିଶ୍ୱର ଏକ ବିସ୍ମୟ, 'ଜ୍ଞାନମଣ୍ଡଳ'ର ବିଶ୍ୱକର୍ମା ଭାବରେ ବିନୋଦ କାନୁନଗୋ ସେହିପରି ସମଗ୍ର ପୃଥିବୀ ପାଇଁ ଏକ ଅପୂର୍ବ ଅଲୌକିକ ଶକ୍ତିର ନଭଶ୍ଚୁମ୍ବୀ ସ୍ଫୁରଣ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାଟେଲାଇଟ୍‌ଭିତ୍ତିକ ଇଣ୍ଟରନେଟ୍...

ବର୍ଷ ବୃଦ୍ଧି କରାଯାଇପାରିବ । ଏହାର ଅର୍ଥ ହେଉଛି ସାଟେଲାଇଟ୍ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକ ଅଧିକ ସମୟ ପାଇଁ ସ୍ପେକ୍ଟ୍ରମ୍ ବ୍ୟବହାର କରିପାରିବେ । ବଦଳରେ କମ୍ପାନୀଗୁଡ଼ିକୁ ସରକାରଙ୍କୁ ସ୍ପେକ୍ଟ୍ରମ୍ ବ୍ୟବହାର ଚାର୍ଜ (ଏସ୍‌ୟୁସି) ଦେବାକୁ ପଡ଼ିବ । ସୂତ୍ର ଅନୁଯାୟୀ, ଏହି ଚାର୍ଜ କମ୍ପାନୀର ସମନ୍ୱିତ ମୋଟ ରାଜସ୍ୱ (ଏଜିଆର)ର ୫% ହେବ । ତଥାପି, ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ସାଟେଲାଇଟ୍ ସଂଯୋଗ ବିସ୍ତାର କରିବା ପାଇଁ ସରକାର କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିପାରନ୍ତି । ଏପରି କ୍ଷେତ୍ରରେ ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ପାଇଁ ସ୍ପେକ୍ଟ୍ରମ୍ ବ୍ୟବହାର ଚାର୍ଜ ହ୍ରାସ କରାଯାଇପାରେ ।

## ପ୍ରତ୍ୟାହାର ହେଉ...

ଏହି ବିଷୟରେ ବିସ୍ତୃତ ଭାବେ ରାଜ୍ୟପାଳଙ୍କୁ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ୨୫ ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ । ଉକ୍ତ ରାୟରେ ରାଜ୍ୟ ସରକାରମାନଙ୍କର ଖଣି ଓ ଖଣିଜ ସମୃଦ୍ଧ ଜମି ଉପରେ କର ଓ ଶୁଳ୍କ ଲାଗୁ କରିବାର କ୍ଷମତାକୁ ସ୍ୱୀକୃତି ଦିଆଯାଇଥିବା ସହ ୧ ଏପ୍ରିଲ ୨୦୦୫ରୁ ବକେୟା ଅର୍ଥ ଆଦାୟ ସମ୍ପର୍କରେ ମଧ୍ୟ ରାୟରେ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ରାୟ ପରେ ଓଡ଼ିଶା ଖଣି ସମ୍ପର୍କିତ କର ଓ ଶୁଳ୍କ ବାବଦରେ ବିପୁଳ ପରିମାଣର ବକେୟା ଅର୍ଥ ପାଇବାକୁ ହକ୍‌ଦାର ହୋଇଥିଲା । ଏହାଦ୍ୱାରା ଓଡ଼ିଶାକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବକେୟା ଅର୍ଥ ମିଳିଥା'ନ୍ତା ଏବଂ ରାଜ୍ୟ ବାର୍ଷିକ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ପାଇଥା'ନ୍ତା । ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ । ଏହାଦ୍ୱାରା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି । ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତି ବସବାସ କରୁଥିବା ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକର ସାମ୍ବିଧାନିକ ଗୁରୁତ୍ୱ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧିମଣ୍ଡଳୀ । ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି କରାଯାଉଥିବା ଦାବି ଉପରେ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଥିଲା । ଓଡ଼ିଶା ସମୀକ୍ଷାରେ ପ୍ରକାଶିତ ପୂର୍ବତନ ଆକଳନ ଏବଂ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ମଧ୍ୟ ଖଣି ସମ୍ପର୍କିତ ବକେୟା ଓ ରାଜସ୍ୱର ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରାଯାଇଥିବା ବିଜେଡି ପକ୍ଷରୁ ଉଲ୍ଲେଖ କରାଯାଇଥିଲା । ତେଣୁ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଓଡ଼ିଶା ଉପରେ ପକାଇବାକୁ ଥିବା ଆର୍ଥିକ ପ୍ରଭାବର ଏକ ସ୍ପଷ୍ଟ, ସ୍ୱଚ୍ଛ ଓ ପ୍ରାମାଣିକ ଆକଳନର ଆବଶ୍ୟକତା ରହିଛି । ପ୍ରତିନିଧିମଣ୍ଡଳୀର କଥା ଦୀର୍ଘ ସମୟ ଧରି ଶୁଣିବା ପରେ ଓଡ଼ିଶାର ରାଜ୍ୟପାଳ ଆଶ୍ୱାସନା ଦେଇଥିଲେ ଯେ ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ସେ ନିଶ୍ଚିତ ଭାବେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ । ଏହି ପ୍ରସଙ୍ଗରେ ବିସ୍ତୃତ ଭାବେ ମତ ରଖିବା ପାଇଁ ସୁଯୋଗ ଦେଇଥିବାରୁ ବିଜେଡି ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାସହ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏମ୍‌ଏମଡିଆର୍ ସଂଶୋଧନ ବିଲ୍ ପାରିତ ହେବା ନେଇ ପୂର୍ବରୁ ହିଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା କଥା ବିଜେଡି ଏହି ଅବସରରେ ସ୍ମରଣ କରାଇଛି । ବିଜେଡିର ସାଂସଦମାନେ ମଧ୍ୟ ସଂସଦରେ ଏହି ବିଲ୍‌କୁ ଦୃଢ଼ ଭାବେ ବିରୋଧ କରିବା ସହ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ଓ ସ୍ୱାର୍ଥ ଉପରେ ଏହାର ପ୍ରଭାବ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ବିସ୍ଫୋରକ ହେଉଛି...

ସମୁଦ୍ର ଜଳର ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲା । ଏହା ଏକ ପୁରୁଣା ମଡେଲ୍ ଏବଂ ଏଥିରେ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବାର ବ୍ୟବସ୍ଥା କିମ୍ବା ଗୋପନୀୟ ସୋନାର୍ ଓ ରାଡାର୍ ଉପକରଣ ନାହିଁ । 'ଡାଇଭ୍-ଏଲ୍‌ଡି' ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଘାଟିକୁ ଫେରିନଥାଇ କାର୍ଯ୍ୟ କରିପାରେ ଏବଂ ପ୍ରାୟ ୬, ୦୦୦ ମିଟର ଗଭୀରତାକୁ ଯାଇପାରେ । ଏହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଆମେରିକୀୟ ଡଲାର୍ ବୋଲି ୨୦୨୪ର ଏକ ରିପୋର୍ଟରେ କୁହାଯାଇଥିଲା ।

## ୟୁଏଇ ନିବେଶକ...

ଖଣିଜ, କୋଇଲାରୁ ରସାୟନ ଉତ୍ପାଦନ, ବନ୍ଦରଭିତ୍ତିକ ଏସଇଜେଡ୍ ଏବଂ ଶିଳ୍ପ ଭିତ୍ତିଭୂମି କ୍ଷେତ୍ରରେ ନିବେଶ ସମ୍ଭାବନା ଉପରେ ଆଲୋଚନା ହୋଇଥିଲା । ଆଦାନୀ ଗ୍ରୁପ ଏବଂ ଆଇଏଚସି ଗ୍ରୁପ ମଧ୍ୟରେ ଏହି ଅବସରରେ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ମୋଟ ୧୪ଟି ପ୍ରକଳ୍ପରେ ନିବେଶ ସମ୍ଭାବନା ଅନୁସନ୍ଧାନ ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୨.୧୦୫ ଟ୍ରିଲିୟନ୍ ନିବେଶ ହେବାର ଆକଳନ ରହିଛି । ଏଥିରୁ ପ୍ରାୟ ୦.୧୯ ମିଲିୟନ୍ ପ୍ରତ୍ୟକ୍ଷ/ଅନ୍-ସାଇଟ୍, ୦.୪୦ ମିଲିୟନ୍ ପରୋକ୍ଷ ଏବଂ ୦.୨୮ ମିଲିୟନ୍ ନିର୍ମାଣ କାର୍ଯ୍ୟ ସୁଯୋଗ, ଅର୍ଥାତ୍ ମୋଟ ପ୍ରାୟ ୦.୮୭ ମିଲିୟନ୍ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆକଳନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା, ରଣନୀତିକ ଅବସ୍ଥାନ ଏବଂ ବିକଶିତ ହେଉଥିବା ଭିତ୍ତିଭୂମିର ଅନନ୍ୟ ସମନ୍ୱୟ ଓଡ଼ିଶାରେ ରହିଛି । ଗୁରୁତ୍ୱପୂର୍ଣ୍ଣ ଖଣିଜ, ଧାତୁ ଶିଳ୍ପ, ବନ୍ଦରଭିତ୍ତିକ ବିକାଶ ଏବଂ ଉଦୀୟମାନ ଶିଳ୍ପ କ୍ଷେତ୍ରରେ ଦୀର୍ଘମିଆଦୀ ନିବେଶ ସୁଯୋଗ ଅନ୍ୱେଷଣ ପାଇଁ ଆମେ ଓ ଆଇଏଚସି ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରୁଛୁ । ମୁଖ୍ୟମନ୍ତ୍ରୀ ଓଡ଼ିଶାର ନିବେଶ-ଅନୁକୂଳ ପରିବେଶ ଉପରେ ଆଲୋକପାତ କରିବା ସହ ରଣନୀତିକ ନିବେଶ ଓ ସହଭାଗିତାକୁ ସୁଗମ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଆଇବିପିଜି ସହ ଏକ ରାଉଣ୍ଡଟେବୁଲ୍ ଆଲୋଚନାରେ ମଧ୍ୟ ଯୋଗ ଦେଇଛନ୍ତି । ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକ୍‌ଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାର ଦକ୍ଷ ମାନବ ସମ୍ବଳ ପାଇଁ ମଧ୍ୟ ସୁଯୋଗ ଆଲୋଚନା ହୋଇଥିଲା । ଓଡ଼ିଶାରୁ ରୁଚି, ଫାର୍ମ ବି, ବି ୱାନ , ଓରି କ୍ଲିନ୍ ଭଳି କମ୍ପାନୀ ଯୋଗଦେଇଥିଲେ ।

## କଳା ଥାର୍ ଗାଡ଼ିକୁ...

ଶାବକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇଥିଲା । ପରେ ସ୍ୱତନ୍ତ୍ର ଗାଡ଼ି ଯୋଗେ ସେମାନଙ୍କୁ ନନ୍ଦନକାନନ ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଏତେ ସଂଖ୍ୟକ ବିରଳ ପ୍ରଜାତିର ଶାବକ ଏକାସାଙ୍ଗରେ ଏହି ଅଞ୍ଚଳକୁ କିପରି ଆସିଲେ, ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି । ଘଟଣାରେ ବନ୍ୟପ୍ରାଣୀ ଚୋରାଚାଲାଣ ଚକ୍ରର ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ ହେବା ପରେ ତଦନ୍ତ ଅଧିକ ଗୁରୁତ୍ୱ ପାଇଛି ।

ସ୍ଥାନୀୟ ଲୋକଙ୍କ ସୂଚନା ଓ ଉପଲବ୍ଧ ସିସିଟିଭି ଫୁଟେଜ୍ ଅନୁସାରେ ଘଟଣାର ପୂର୍ବଦିନ ମଧ୍ୟରାତ୍ରିରେ ଅଞ୍ଚଳରେ ଏକ କଳା ରଙ୍ଗର ଥାର୍ ଗାଡ଼ି ଯାତାୟାତ କରିଥିବା ଚର୍ଚ୍ଚା ହେଉଛି । ଏହି ଗାଡ଼ିର ଗତିବିଧି ସହ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାର କୌଣସି ସମ୍ପର୍କ ରହିଛି କି ନାହିଁ, ତାହା ଏବେ ତଦନ୍ତର ବିଷୟ ହୋଇଛି । ସିସିଟିଭି ଫୁଟେଜ୍‌ର ସମୟ, ଗାଡ଼ିର ଗତିପଥ ଓ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ ପରେ ହିଁ ଏହାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ । ଘଟଣାସ୍ଥଳ ପରିଦର୍ଶନ ସମୟରେ ଏସ୍‌ଟିଏଫ୍ ଏସ୍‌ପି ସଞ୍ଜୀବ ଶତପଥୀ, ଡ଼ିଏସପି ମାନସ କୁମାର ବାରିକ, ଏସିଏଫ୍ ରଞ୍ଜନ ତାଲୁଖ, ଜଳେଶ୍ୱର ଏସ୍‌ଡିପିଓ ସୁରେଶ କୁମାର ତ୍ରିପାଠୀ, ଜଳେଶ୍ୱର ରେଞ୍ଜ ଅଫିସର ଶିଶିର କୁମାର ବେହେରା, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ, ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ବିଚିତ୍ରପୁର ଇକୋ ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ, ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମଣିଷକୁ ଧ୍ୱଂସ...

ମଣିଷର ନିୟନ୍ତ୍ରଣ ମଧ୍ୟରେ ରଖିବା କେତେ ସମ୍ଭବ ହେବ; ତାହା ଅକଳ୍ପନୀୟ ।

ସେ କହିଛନ୍ତି ଯେ ଆନ୍ଥ୍ରୋପିକ୍ ସଂସ୍ଥା ଏଆଇ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱର ସହ କାମ କରୁଛି । ମାତ୍ର ଅତ୍ୟଧିକ ଉନ୍ନତ ବା 'ସୁପରଇଣ୍ଟେଲିଜେନ୍ସ' ଏଆଇକୁ କିପରି ନିରାପଦ ଭାବେ ନିୟନ୍ତ୍ରଣ କରାଯିବ, ତାହାର ସମାଧାନ ଏପର୍ଯ୍ୟନ୍ତ ମଣିଷ ପାଖରେ ନାହିଁ । ଏହି କାରଣରୁ ଏଆଇର କ୍ଷମତା ଯେଉଁ ଗତିରେ ବଢ଼ୁଛି, ତାହା ସହ ତାହାକୁ ବୁଝିବା, ନିରୀକ୍ଷଣ କରିବା ଓ ନିୟନ୍ତ୍ରଣ କରିବାର ମାନବୀୟ କ୍ଷମତା ସମାନ ଗତିରେ ବଢ଼ୁନାହିଁ । ଏଆଇର ବିକାଶ ଏବେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଶିଳ୍ପ, ପ୍ରତିରକ୍ଷା, ଅର୍ଥନୀତି ଓ ଯୋଗାଯୋଗ ଭଳି ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରୁଛି । ଏଆଇ ଆଧାରିତ ବ୍ୟବସ୍ଥା ଅଧିକ ସ୍ୱୟଂଚାଳିତ ଓ ନିଷ୍ପତ୍ତି ନେବାରେ ସକ୍ଷମ ହେବା ସହିତ ଏହାର ଭୁଲ ବ୍ୟବହାର, ନିୟନ୍ତ୍ରଣ ହରାଇବା କିମ୍ବା ମଣିଷର ଉଦ୍ଦେଶ୍ୟ ବିପରୀତ ଭାବେ କାର୍ଯ୍ୟ କରିବା ଭଳି ବିପଦକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି । ଆନ୍ଥ୍ରୋପିକ୍ ଗବେଷକଙ୍କ ଏଭଳି ଚେତାବନୀ ଏଆଇର ବିକାଶ ସହ ସୁରକ୍ଷା ବ୍ୟବସ୍ଥା, ନିୟମାବଳୀ ଓ ମାନବୀୟ ନିୟନ୍ତ୍ରଣକୁ ସମାନ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ପୁଣି ସାମ୍ନାକୁ ଆଣିଛି । ଏଆଇକୁ ବନ୍ଦ କରିଦେବା ନୁହେଁ, ବରଂ ଏହାର ବିକାଶକୁ ଦାୟିତ୍ୱଶୀଳ ଓ ସୁରକ୍ଷିତ କରିବା ବର୍ତ୍ତମାନ ଆହ୍ୱାନ ପାଲଟିଛି । ଶକ୍ତିଶାଳୀ ଏଆଇ ପ୍ରଣାଳୀ ବିକାଶ ପୂର୍ବରୁ ତାହାର ବିପଦର ପରୀକ୍ଷଣ, ସ୍ୱଚ୍ଛ ନିରୀକ୍ଷଣ ଓ ଆନ୍ତର୍ଜାତୀୟ ସୁରକ୍ଷା ମାନଦଣ୍ଡ ନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଛନ୍ତି ।

ଏହି ଚେତାବନୀ ମଧ୍ୟରେ ଆନ୍ଥ୍ରୋପିକ୍‌ର ଅନ୍ୟଜଣେ ବଡ଼ ଗବେଷକ ଜାକବ୍ କକ୍ସନ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ମାନବ ଜାତିପ୍ରତି ବିପଦ ସୃଷ୍ଟି କରି ପାରୁଥିବା ଓ ନିଜକୁ ନିଜେ ବିକଶିତ କରିବାକୁ ସକ୍ଷମ ଏଆଇ ସିଷ୍ଟମ ନିର୍ମାଣ କ୍ଷେତ୍ରରେ ପ୍ରତିଯୋଗିତାକୁ ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.33/ET/SBP/ENGG/2026-27, ତା.01.09.2026ରିଖ

(1)ଇ-ଟେଣ୍ଡର ସଂ.08-eT-SETT-SBP-26

**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ(ADEN)/ ସେଟେଲମେଣ୍ଟ / ସମ୍ବଲପୁର (SBP) ପରିସୀମା ଅଧୀନସ୍ଥ ସମ୍ବଲପୁର ଷ୍ଟେସନ ଠାରେ ଜବରଦଖଲ ରୋକିବା ପାଇଁ ଏବଂ ରେଳବାଇ ସମ୍ପତ୍ତିର ସୁରକ୍ଷା ନିମନ୍ତେ ପରିସର ପାଚେରୀ ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,27,98,754.05, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,56,600.00 ।

(2)ଇ-ଟେଣ୍ଡର ସଂ.06-eT-BRIDGE-SBP-26

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ନିମନ୍ତେ "ଆର୍ଥିକ ବର୍ଷ 2026-27 ପାଇଁ ମୋଡେମ୍ ଟେକ୍ନୋଲୋଜି ସାମଗ୍ରୀଗୁଡ଼ିକ" ସମ୍ବନ୍ଧୀୟ ଦେଓବାହାଲ(DOBH)-ବରଗଡ଼ ରୋଡ଼(BRGA)ରେ ପୋଲ ନଂ.160UP, ସଇଁତଳା(SFC)-ଦେଓଗାଁ ରୋଡ଼(DFR)ରେ ପୋଲ ନଂ.406DN, ବଡ଼ମାଳ (BUDM)- ସଇଁତଳା (SFC) ରେ ପୋଲ ନଂ.438 DN ଠାରେ ଜଗୁଆଳୀ ବିହୀନ ଏରିଏଲ ପ୍ରଣାଳୀ ଡ୍ରୋନ୍ ସର୍ଭେକ୍ଷଣ (ସାଧାରଣ)ର ପରିଚାଳନା ଏବଂ ହୀରାକୁଦ (HKG)-ସମ୍ବଲପୁର (SBP)ରେ ପୋଲ ନଂ.76 DN (ପୁରୁଣା), ଟିଟିଲାଗଡ଼ (TIG)-କେସିଙ୍ଗା (KSNG) ରେ ପୋଲ ନଂ.343 UP, ବଲାଙ୍ଗୀର (BLGR)-ଲୋଇସିଙ୍ଗା (LSX) ରେ ପୋଲ ନଂ.331 DN ଠାରେ ଜଗୁଆଳୀ ବିହୀନ ଏରିଏଲ ପ୍ରଣାଳୀ ଡ୍ରୋନ୍ ସର୍ଭେକ୍ଷଣ (LIDAR) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 32,70,520.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 65,500.00 ।

କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ (କ୍ରମ ସଂ.1 ପାଇଁ) ଏବଂ 04 (ଚାରି)ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.09.2026ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-429/R/26-27



32001/839/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**ANANDAPUR BARRAGE DIVISION, SALAPADA.**
**(E-Mail Id: eeabd.anandapur@gmail.com)**

**E-procurement Notice No. SEABD-08 of 2026-27**

| E-Procurement officer | Name of the work | Bid id No. | Amount put to tender (in lakhs) (approx) | EMD (Online) | Cost of Bid Document (Online) | Class of Cont-ractor | Period of Comple-tion | Availability of tender online for bidding | | Date of opening |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Anandapur Barrage Division, Salapada | Repair and Rehabilitation of Electrical Installations work to Administrative Building of Chief Construction Engineer, Anandapur Barrage Project at Salapada in the District of Keonjhar. | ABP-ABD-08 of 2026-27 | 13.50 | 13,500/- | 6000/- | "D Class" | 01 (One) Month. | 11.09.2026 11.00 A.M | 24.09.2026 05.00 P.M | 25.09.2026 11.30 A.M |

Further details can be seen from the Govt. website www.tendersorissa.gov.in/www.dowrodisha.gov.in **Addendum/ corrigendum/ cancellation** if any required will be published in Govt. website only.

Superintending Engineer
Anandapur Barrage Division
Salapada.

OIPR-32001/32177/1/26-27/0008



**GOVERNMENT OF ODISHA** 32001/855/2627
**DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDC-20 to 23/2026-27**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : | ACEM/MDC-20 to 23/2026-27 |
| 5. | Estimated Cost | : | Rs. 11,56,774 /- to Rs. 18,34,525 /- |
| 6. | Period of Completion | : | 01 (One) calendar month. (Each) |
| 7. | Date & time of availability of bid documents in the Portal | : | From dt.17.09.2026 (10.00 AM) to dt.30.09.2026 (5.30 PM) |
| 8. | Last date/ time for receipt of bid In the Portal | : | dt.30.09.2026 (up to 5.30 PM) |
| 9. | Date and Place of opening of Bid | : | dt.01.10.2026 (11.00 AM onwards in the O/o the undersigned) |
| 10. | Name of the Officer inviting bid | : | Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR-32001/32405/1/26-27/0019



25001/1115/2627 E-mail: rw_bhawanipatna@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHABANIPATNA**
**INVITATIONS FOR BIDS THROUGH e-Procurement**

No- **3393** Date- **02.09.2026**

**Bid Identification No- SERWBPT-Online-09/2026-27**
**e - Procurement Notice No. 09 Of 2026-27**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Total No of works | : | 03 Nos Road Works |
| 3 | Estimated Cost | : | Rs. 69.15 Lakh to Rs.98.93 lakh |
| 4 | Class of Contractor | : | 'B' Class |
| 5 | Period of Completion | : | 6 Months |
| 6 | Type of Tender | : | Double cover System Tender |
| 7 | Date & time of availability of bid document in the portal | : | Dt. 02.09.2026 10.00 AM to 23.09.2026 17.00 PM |
| 8 | Last Date & Time for Receipt of bids in the Portal | : | Dt. 23.09.2026 at 17.00 PM |
| 9 | Opening of Bid through online | : | Dt. 24.09.2026 at 11.00 AM |
| 10 | Name & Address of the Officer inviting Bid | : | Superintending Engineer, Rural Works Division, Bhabanipatna |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

**N.B: Subsequent corrigendum/addendum if required shall be available in the website as indicated above**

Superintending Engineer
Rural Works Division, Bhabanipatna

OIPR-25001/25070/1/26-27/0006



**GOVERNMENT OF ODISHA** 32001/844/2627
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID: - **midivmalkangiri@gmail.com**
**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 07/2026-27**
**Letter No. 1624 Dt. 08.09.2026**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single & Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1. | Name of the work | : | Improvement to 03 nos. MIPs under Imp. To D/W Scheme and Improvement to 16 nos. Check Dam under Imp. To CD Scheme in different Blocks of Malkangiri District for the year 2026-27. |
| 2. | Total Number of work | : | 19 (Nineteen) Nos. |
| 3. | Estimated cost | : | Approximately from Rs. 04.65 to Rs. 60.14 lakh . |
| 4. | Period of completion | : | 02 (Two) to 05(Five) Calendar Months |
| 5. | Class of Contractor | : | "B" "C" & "D" Class Contractor |
| 6. | Date and time of availability of bid documents in the portal | : | From 10.00 A.M of 12.09.2026 to 5.00 PM of 29.09.2026 |
| 7. | Last date /time for receipt of bids in the portal | : | 5.00 pm on 29.09.2026 |
| 8. | Date of opening of bid | : | At 11.00 am on 30.09.2026 in website (www.tendersorissa.gov.in) |
| 9. | Submission of Bids | : | Online mode |
| 10. | Name of the Officer inviting Bid | : | Superintending Engineer, Minor Irrigation Division,Malkangiri |

11. Further details can be seen from the Government of Odisha Web-site:www.tendersorissa.gov.in

Superintending Engineer
M.I. Division, Malkangiri

OIPR-32001/32364/1/26-27/0001



**GOVT. OF ODISHA** 32001/851/2627
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
**e-procurement Notice No. SEDD-JSPUR-06/2026-27**
email Id :- eeddjspur@gmail.com

| | | | |
|---|---|---|---|
| 1. | Total number of works | : | 09(Nine) nos. of Package |
| 2. | Bid Identification No. | : | As per DTCN |
| 3. | Estimated Cost | : | Rs.13.26 lakhs to 82.94 lakhs |
| 4. | Period of completion | : | 03 (Three) &10 (Ten) Calendar Month |
| 5. | Availability of Tender On - Line. | : | From 11.09.2026 at 16.30 Hours to 27.09.2026 upto 17.30 Hours. |
| 6. | Date of Opening of Technical Bid. | : | 28.09.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 7. | Class of Contractor | : | "C" & "B" Class & "C" & "D" Class |
| 8. | EMD required | : | As per DTCN. |
| 9. | Cost of Tender paper | : | Rs.10,000/- & Rs.6,000/- |
| 10. | Procurement Officer | : | Superintending Engineer, Drainage Division, Jagatsinghpur-754103 |

- Tender will be accepted if registered in the CDMS Portal.
- Further details can be seen from the Govt. web site www.tendersorissa.gov.in. Addendum / Corrigendum / Cancellation if any required will be published only in Govt. web site www.tendersorissa.gov.in

**Superintending Engineer**
Drainage Division, Jagatsinghpur

OIPR-32001/32378/1/26-27/0004



**GOVERNMENT OF ODISHA** 25001/1109/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAYAPUR**
email- eerwdjeypore@gmail.com

Letter No.4265 Date:05.09.2026

**NATIONAL COMPETITIVE BIDDING THROUGH GePNICe_Procurement Notice**

1. Name of the work : Construction of **Building** Works - **15 Nos.**
2. Class of contractor : "D","C","B" Class &"A" Class of (Odisha PWD) or relevant class of other licensing authority.
3. Estimated Cost : Various from Rs.8.47 Lakhs to Rs.1.27 Lakhs (Approximately).
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Jayapur | EERWDJYP - Online - 09/2026-27 | 11.09.2026 at 10.00 A.M. | 21.09.2026 up to 5.00 P.M. | 21.09.2026 up to 1.30 P.M. | 22.09.2026 at 11.00 A.M. - |

5. The details of works can be seen from the web site **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender web site.

Executive Engineer,
Rural Works Division, Jayapur.

OIPR-25001/25160/1/26-27/0009



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: ETELCONBBST-388E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାଘୁଆପାଳର ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧାର ନିର୍ମାଣ ନିମନ୍ତେ ଆନୁଷଙ୍ଗିକ PSI କାର୍ଯ୍ୟ ସହିତ ପ୍ରଚଳିତ ସବ୍‌ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ(SSP) ର ବୃଦ୍ଧିକରଣ ସହ 1X25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 10,74,95,098.92, ଅମାନତ ରାଶି(ଟଙ୍କାରେ) : 21,49,900.00, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.09.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.10.2026 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ www. ireps.gov.in ରେ ଉପଲବ୍ଧ ଅଟେ ।

ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-୩, ଭୁବନେଶ୍ୱର

PR-185/CJ/26-27



**FOR SALE**

1 Number of Tractor – NEW HOLAND 3230 2WD, Registration No.- OD-01- BB – 0750, Model- 2025, ENGINE NO – S325P39746, CHASSIS NO - PNE03230ZRJ007737, For Details, contact – 94370 55763, 7656852396, SUNDARAM FINANCE LTD., First floor, Choudhury Nivas, SAHADEV KHUNTA, BALASORE,756001, PH. NO- 06782-266658



**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dtd 09.09.2026, I, PRAKASH NAYAK, S/o Chaitanya Nayak, resident of Mandirasahi, Haripur, Nayagarh, Odisha, PIN-752092, do hereby declare that I have changed my name from PRAKASH NAIK to PRAKASH NAYAK. Henceforth, I shall be known as **PRAKASH NAYAK** for all purposes.

**Sd/- PRAKASH NAYAK**

**AFFIDAVIT**

I, Makabul Sek, S/O- Sek Barkanda, resident of At-Routrapur, Po-Bishnupur, Dist-Baleswar, Odisha, PIN-756026, declare by this affidavit No.3945, dated: 09/09/2026, that now onwards I shall be known as **SK. MAKBUL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1042, dated 03.09.2026, I, PUNAM DEVI, Wife of - Bijay Mehta, permanent resident of Village - Mundiguda, PO - Mahendri, PS - Papadahandi, Dist - Nabarangpur, Odisha, Pin - 764072, declare that I have changed my name from PUNAMDEBI MEHETA to PUNAM DEVI. Henceforth, I shall be known as **PUNAM DEVI** for all purposes.

**Sd/- Punam Devi**

**AFFIDAVIT**

By virtue of an affidavit sworn before The Executive Magistrate, Titilagarh on dtd- 09/09/2026. I, **Lalit Suna** (applicant name), S/o Jada Suna, permanent resident of At- Pudapali, PO- Dedgaon, PS- Sindhekela, Subdivision-Titilagarh, Dist- Balangir, PIN-767035, Odisha declare that I have changed my minor son's name from **Kartik Soni** (old name) to **Kartika Suna** (new name). Henceforth, he shall be known as **Kartika Suna** (new name) for all purposes.

**Lalit Suna**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated-09/09/2026. I, **Ramakanta Das,** Address: Village: Badadogada, Po- Mirchandpur, Ps- Jajpur, Dist- Jajpur, Pin-755062, Odisha declare that I have changed my name from **Kamalakanta Das** to **Ramakanta Das**. Henceforth, I shall be known as **Ramakanta Das** for all purposes.

**Ramakanta Das**

**AFFIDAVIT**

By virtue of an affidavit sworn before Notary Public, Bhubaneswar, affidavit No-437, dtd- 05/09/2026. I, **Snigdhamayee Sahoo,** W/o-Nishikanta Sahoo, resident of Duplex No- 102, Plot No-393/1637/4494/393/4495, Nandan Villa, Po- Kalarahanga, Raghunathpur, Ps- Infocity, Bhubaneswar, Dist- Khurda, Pin-751024, Odisha declare that I have changed the name of my daughter from **Nishidha Navya Sahoo** to **Nishidha Sahoo**. Henceforth, she shall be known as **Nishidha Sahoo** for all purposes.

**(Snigdhamayee Sahoo)**

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2661/2026, dated 31.08.2026, I, SANO BHATRA, W/o - Jagamohan Bhatra, permanent resident of Village - Kadabhata, PO - Ghadadhanua, PS - Kosagumuda, Dist - Nabarangpur, Odisha, Pin - 764061, declare that I have changed my name from SON BHATRA to SANO BHATRA. Henceforth, I shall be known as **SANO BHATRA** for all purposes.

**Sd/- Sano Bhatra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1050, dated 07-09-2026, I, BHISMA MALI, S/o - Asman Mali, permanent resident of Village - Ambadola, PO - Ambadola, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Son from KRISHANA MALI to SOMYA RANJAN MALI. Henceforth, he shall be known as **SOMYA RANJAN MALI** for all purposes.

**Sd/- Bhisma Mali**

**AFFIDAVIT**

By virtue of an affidavit sworn before the Notary Public, Rayagada, No. 9166, dated 09.09.2026, I, Bindusagar Dandasena, S/o- Late Trinath Dandasena, resident of Beheraguda, PO- Pitamahal, PS-Seskhal, Block/ Dist- Rayagada, Pin- 765002, Odisha, declare that I have changed my name from Sagar Dandasen to Bindusagar Dandasena. Henceforth, I shall be known as **Bindusagar Dandasena** for all purposes.

**Bindusagar Dandasena**

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2662/2026, dated 31.08.2026, I, DURJAN RANDHARI, S/o - Arjun Randhari, permanent resident of Village - Kujaguda, PO - Kodinga, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from DURJYAN RANDHARI to DURJAN RANDHARI. Henceforth, I shall be known as **DURJAN RANDHARI** for all purposes.

**Sd/- Durjan Randhari**

**AFFIDAVIT**

I, Sekh Jyotibur Rehman/ Jyotibur Rehman, S/o- Abdul Rehaman, At/Po- Pithapur, Ps-Bhograi, Dist- Baleswar, Pin - 756038 , Odisha, declare by this Affidavit No. 998/2026, dt.09.09.2026, that now onwards I shall be known as **JYOTIBORE REHAMAN** for all features purposes.

**AFFIDAVIT**

I, KESHAB SAWDIA aged about 49 years, S/o- Radheshyam Sawadia, At- Ambapali, Po-Bargarh, Ps- Bargarh Town, Dist-Bargarh- 768028, Odisha, declared by this Affidavit No.997/2026 Dated.08.09.2026, that now onwards I shall Be Known As **KESHAB SAWADIA** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Muniguda, dated 08.09.2026, I, MAHANTI BAG, Ambadala (Indrapada), P.O.-Ambadala, P.S.-Ambadala, Dist.-Rayagada, being the father of the minor, declare that my minor son's name has been changed from **NIHUR BAG to NIURU BAG.** Henceforth, he shall be known as **NIURU BAG** for all purposes.

**Sd/- MAHANTI BAG**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1063, dated 08.09.2026, I, PADMA MAJHI, W/o.- Nilambar Majhi & D/o - Narayan Bhatra, permanent resident of Village - Sindhigam, PO - Sindhigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from PADMABATI MAJHI to PADMA MAJHI. Henceforth, I shall be known as **PADMA MAJHI** for all purposes.

**Sd/-Padma Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1176, dated 02.09.2026, I, PADMINI JANI, W/o - Krushna Jani & D/o - Hari Jhodia, permanent resident of Village - Chitrakot, PO - Anchalguma, PS - Tentulikhunti, Dist - Nabarangpur, Odisha, Pin - 764049, presently residing At - Lamataguda, PO - Bejuguda, PS - Khatiguda, Dist - Nabarangpur, Odisha, Pin - 764070, declare that I have changed my name from PADMANI JHADIA to PADMINI JANI. Henceforth, I shall be known as **PADMINI JANI** for all purposes.

**Sd/- Padmini Jani**

### ଆଦାନୀ କମ୍ପାନୀର ସ୍ୱେଚ୍ଛାଚାରିତା ବିରୋଧରେ ରେଲରୋକ

# ରେଲଧାରଣାରେ ଆନ୍ଦୋଳନକାରୀ; ଅଟକିଲାନି ଟ୍ରେନ୍

ତିହିଡ଼ି/ଚାନ୍ଦବାଲି, ୯।୯ (ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଗଦୀର ଗୁରୁଦାସପୁର ନିକଟରେ ଆଦାନୀ କମ୍ପାନୀ ବିରୋଧରେ ଭଦ୍ରକ ଜିଲ୍ଲା ବିକାଶ ପରିଷଦ ଓ ଚାନ୍ଦବାଲି, ତିହିଡ଼ି ବ୍ଲକ୍‌ର ୪୨ ପଞ୍ଚାୟତ ପକ୍ଷରୁ ତୀବ୍ର ପ୍ରତିବାଦ ସହ ରେଲରୋକ ଆନ୍ଦୋଳନ ଅନୁଷ୍ଠିତ ହୋଇଛି। ଭଦ୍ରକ ଜିଲ୍ଲା ବିକାଶ ପରିଷଦ ସହ ଚାନ୍ଦବାଲି ଓ ତିହିଡ଼ି ବ୍ଲକ୍‌ର ବିଭିନ୍ନ ଅଞ୍ଚଳର ପ୍ରତିନିଧି ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସତ୍ୟାନନ୍ଦ ରାଉତ ଓ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜୋର୍‌ଦାର୍ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ହିତ, ଯୁବକଯୁବତୀଙ୍କ ରୋଜଗାର, ବନ୍ୟାପ୍ରଭାବିତ ଅଞ୍ଚଳର ବିକାଶ ଏବଂ ଜିଲ୍ଲାର ଅର୍ଥନୈତିକ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ଦାବିକୁ ନେଇ ପରିଷଦ ପକ୍ଷରୁ ଏହି ରେଲରୋକ ଡକରା ଦିଆଯାଇଥିଲା। ଆନ୍ଦୋଳନକାରୀମାନେ ରେଲଧାରଣା ଉପରେ ବସି ନାରାବାଜି କରିବା ସହ ନିଜ ଦାବି ପ୍ରତି ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ରେଲରୋକ ସମୟରେ ରେଲଧାରଣା ଉପରେ ଆନ୍ଦୋଳନକାରୀ ଉପସ୍ଥିତ ଥିବା ସତ୍ତ୍ୱେ ଏକ ଟ୍ରେନ୍ ଚଳାଚଳ କରିଥିବା ଅଭିଯୋଗ ଘଟଣାକୁ ନୂଆ ମୋଡ଼ ଦେଇଛି। ଲୋକେ ରେଲଧାରଣାରେ ବସି ପ୍ରତିବାଦ କରୁଥିବାବେଳେ ଟ୍ରେନ୍ କିପରି ଚଳାଚଳ କଲା, ଆନ୍ଦୋଳନକାରୀଙ୍କ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଥିଲା ଏବଂ




### ସୁରକ୍ଷାକୁ ନେଇ ଉଠିଲା ବଡ଼ ପ୍ରଶ୍ନ

କାହା ନିର୍ଦ୍ଦେଶରେ ଟ୍ରେନ୍ ଚଳାଚଳ କରାଗଲା, ଏହି ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଦାନା ବାନ୍ଧିଛି।

ଆନ୍ଦୋଳନକାରୀଙ୍କ ଅଭିଯୋଗ, ରେଲଧାରଣାରେ ଲୋକ ଉପସ୍ଥିତ ଥିବା ସମୟରେ ଟ୍ରେନ୍ ଚଳାଚଳ ଏକ ଅତ୍ୟନ୍ତ ଗମ୍ଭୀର ବିଷୟ। ଏପରି ସ୍ଥିତିରେ ସାମାନ୍ୟ ଅସାବଧାନତା ମଧ୍ୟ ବଡ଼ ଅଘଟଣର କାରଣ ହୋଇପାରେ। ତେଣୁ ଘଟଣାର ସମସ୍ତ ପରିସ୍ଥିତିର ନିରପେକ୍ଷ ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି। ୪ ଦଫା ଦାବିରେ ଆନ୍ଦୋଳନ ପରିଷଦ ପକ୍ଷରୁ ଉଠାଯାଇଥିବା ଦାବି ମଧ୍ୟରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ଯୋଗ୍ୟତା ଅନୁଯାୟୀ, ରୋଜଗାର ସୁଯୋଗ ପ୍ରଦାନ ପ୍ରମୁଖ ଦାବି ରହିଛି। ବାହାର ଅଞ୍ଚଳରୁ କର୍ମଚାରୀ ଆଣିବା ପରିବର୍ତ୍ତେ ସ୍ଥାନୀୟ ଯୁବପିଢ଼ିଙ୍କୁ କର୍ମ ସୁଯୋଗ ଦେଇ ଅଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବାକୁ ଦାବି ହୋଇଛି। ସେହିପରି ବନ୍ୟା ଦ୍ୱାରା ପ୍ରଭାବିତ କୋଠଲୀ ଅଞ୍ଚଳର ବିକାଶ ଓ ଆବଶ୍ୟକ ସହାୟତା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିସହ ଜିଲ୍ଲାର ଅର୍ଥ ବାହାରକୁ ଚାଲିଯିବା ପରିବର୍ତ୍ତେ ସ୍ଥାନୀୟ ଲୋକଙ୍କ କଲ୍ୟାଣ, ଭିତ୍ତିଭୂମି ବିକାଶ ଓ ଜନସ୍ୱାର୍ଥମୂଳକ କାର୍ଯ୍ୟରେ ଖର୍ଚ୍ଚ କରିବା ନେଇ ମଧ୍ୟ ଦାବି ରଖାଯାଇଛି। ପରିଷଦର ଯୁକ୍ତି ହେଉଛି, ବିକାଶ ନାଁରେ ଯଦି ସ୍ଥାନୀୟ ଲୋକଙ୍କ ଜୀବନଜୀବିକା, ରୋଜଗାର ଓ ଅଧିକାର ପଛକୁ ଠେଲି ଦିଆଯାଏ, ତେବେ ସେହି ବିକାଶର ଅର୍ଥ କ'ଣ ଅଞ୍ଚଳର ସମ୍ପଦ ଓ ସୁଯୋଗର ପ୍ରଥମ ଅଧିକାର ସ୍ଥାନୀୟ ଲୋକଙ୍କର ହେବା ଉଚିତ୍ ବୋଲି ପରିଷଦ ପକ୍ଷରୁ ମତ ପ୍ରକାଶ ପାଇଛି। ଚାନ୍ଦବାଲି ଓ ତିହିଡ଼ି ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧି ଓ କର୍ମୀମାନେ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଜନସ୍ୱାର୍ଥ ସମ୍ପର୍କିତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ବେହେରା, ପ୍ରମିଳା ମାଝୀ, ଆଶିଷ ମାହୁନ୍ତ, ସୁରେନ୍ଦ୍ର ପାଢ଼ୀ, ପୃଥ୍ୱୀରାଜ ନାୟକ, ସୀତାଂଶୁ ଶେଖର ନାୟକ, ବଦ୍ରିନାରାୟଣ ନାୟକ, ସୌମ୍ୟ ବାରିକ, ପ୍ରଫୁଲ୍ଲ ପୃଷ୍ଟି, ଚନ୍ଦନ ନାୟକ, ଇଲିୟାସୀ ଖାନ୍ ଓ ରିୟାଜ୍ ଖାନଙ୍କ ସମେତ ବହୁ କର୍ମୀ ଓ ସ୍ଥାନୀୟ ଲୋକ ସାମିଲ୍ ହୋଇଥିଲେ।

## ରାସନ ହିତାଧିକାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଉଦ୍ୟମ

ଧାମନଗର, ୯।୯ (ସମିସ): ରାସନ ଚାଉଳ ନ ଦେବାକୁ କେନ୍ଦ୍ରକରି ଜଣେ ହିତାଧିକାରୀଙ୍କୁ ଗାଳିଗୁଲଜ, ଠେଲାପେଲା, ଆକ୍ରମଣ ଉଦ୍ୟମ ଓ ଜୀବନରୁ ମାରିଦେବା ଧମକ ଦିଆଯାଇଥିବା ଅଭିଯୋଗ ନେଇ ଧାମନଗର ଥାନାରେ ମାମଲା ରୁଜୁ ହୋଇଛି। ଧାମନଗର ଥାନା ଅନ୍ତର୍ଗତ ସ୍ୱାମୀପାଟଣା ଗ୍ରାମର ଦେବାଶିଷ ନାୟକ (୨୫)ଙ୍କ ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୩ ତାରିଖରେ ସେ ନିଜର ରାସନ ଚାଉଳ ଆଣିବାକୁ ସ୍ଥାନୀୟ ଡିଲର ସଂଘମିତ୍ରା ସାହୁଙ୍କ ନିକଟକୁ ଯାଇଥିଲେ। ତେବେ ଚାଉଳ ନ ଦେଇ ତାଙ୍କୁ ଗାଳିଗୁଲଜ କରାଯିବା ସହ ସଂଘମିତ୍ରା ସାହୁ, ଧନେଶ୍ୱର ସାହୁ ଓ ବାସନ୍ତୀ ସାହୁ ମିଶି ଠେଲାପେଲା କରିଥିବା ସେ ଅଭିଯୋଗ କରିଛନ୍ତି। ଘଟଣାର ସମାଧାନ ପାଇଁ ଅଗଷ୍ଟ ୩୧ରେ ଗାଁରେ ବୈଠକ ବସିଥିଲା। ତେବେ ସେଠାରେ ଆପୋଷ ସମାଧାନ ହୋଇ ନ ଥିବାବେଳେ ଦେବାଶିଷ, ତାଙ୍କ ମାଆ ଓ ସାନଭାଇଙ୍କୁ ଅଭିଯୁକ୍ତମାନେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗତ ୮ ତାରିଖ ଅପରାହ୍ଣ ପ୍ରାୟ ୩ଟାରେ ଦେବାଶିଷ ରାସ୍ତାରେ ଯାଉଥିବାବେଳେ ବିପକ୍ଷ ଗୋଷ୍ଠୀ ତାଙ୍କୁ ଅଟକାଇଥିଲେ। ଲୁହାରଡ୍ ଓ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଦେବାଶିଷ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ଧାମନଗର ପୁଲିସ ଏକ ମାମଲା ରୁଜୁ କରିଛି। ଆଇଆଇସି ଶୁଭ୍ରଜିତ୍ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଶିବଶଙ୍କର ଖିଲାର ଉକ୍ତ ଘଟଣାର ତଦନ୍ତ ଭାର ନେଇଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର




ବନ୍ତ/ଆଗରପଡ଼ା, ୯।୯ (ସମିସ): ଶକ୍ତିଶ୍ରୀ ଦ୍ୱାରା ଆୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଗରପଡ଼ା କଲେଜରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶାନ୍ତନୁ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଅଧ୍ୟକ୍ଷା ଡ. ଚପଳା ନାୟକ, ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସାବିତ୍ରୀ ମଞ୍ଜରୀ ଦାସ, ମନ୍ଦାକିନୀ ଦାସ, କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ବ୍ରଜମୋହନ ପତି, ପ୍ରାଧ୍ୟାପିକା ସନ୍ଧ୍ୟାରାଣୀ ନାୟକ, ବରିଷ୍ଠ ଅଧ୍ୟାପିକା ପ୍ରେମଲତା ଦାଶ, ମହେଶ୍ୱର ମଲ୍ଲିକ, ଡ. ଗୌତମ ତରିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ତ ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା




ବନ୍ତ/ଆଗରପଡ଼ା, ୯।୯ (ସମିସ): ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଦୁଇଦିନିଆ ବନ୍ତ ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆଗରପଡ଼ା ପ୍ରାଣୀ ଚିକିତ୍ସକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ୪ଟି ଜୋନ୍‌ର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଏଥିରେ ୪ଟି ଜୋନ୍‌ରୁ ୨୫୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୩୫ ଜଣ ଖେଳ ଶିକ୍ଷକ ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଏହା ଦୁଇଦିନ ଧରି ଚାଲିବ। ଏହିଠାରୁ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ବନ୍ୟା କ୍ଷତିଗ୍ରସ୍ତଙ୍କ ଘରେ ପହଞ୍ଚିବ ସରକାରୀ ସର୍ଭେ ଟିମ୍

ଧାମନଗର, ୯।୯ (ସମିସ): ଗତ ଜୁଲାଇ ଓ ଅଗଷ୍ଟ ମାସରେ ପ୍ରବଳ ବର୍ଷା ଓ ଲଗାତାର ବନ୍ୟାରେ ଧାମନଗର ଅଞ୍ଚଳର ବହୁ ପରିବାର ପ୍ରଭାବିତ ହୋଇଥିବାବେଳେ ଧନ ଜୀବନ ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ତହସିଲ୍ ପ୍ରଶାସନ ପକ୍ଷରୁ ସର୍ଭେ ଆରମ୍ଭ ହେବ। ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ନିୟମାବଳୀ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପଞ୍ଚାୟତୱାରୀ ସର୍ଭେ ଟିମ୍ ଗଠନ କରାଯାଇଛି। ପ୍ରତି ପଞ୍ଚାୟତରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ସ୍ତରର ନୋଡାଲ ଅଧିକାରୀ, ଗ୍ରାମ ରୋଜଗାର ସେବକଙ୍କ ସମେତ କ୍ଷେତ୍ରୀୟ କର୍ମଚାରୀଙ୍କୁ ନେଇ ଟିମ୍ ଗଠିତ ହୋଇଛି। ସର୍ଭେ ଟିମ୍ ଘରକୁ ଘର ବୁଲି ବନ୍ୟାଜଳ ବାସଗୃହରେ ପ୍ରବେଶ କରିଥିଲା କି ନାହିଁ ଓ ପରିବାର କ୍ଷତିଗ୍ରସ୍ତ ହୋଇଛି କି ନାହିଁ, ତାହାର କ୍ଷେତ୍ରସ୍ତରୀୟ ଯାଞ୍ଚ କରିବେ। ଯାଞ୍ଚ ପରେ ସହାୟତା ପାଇବାକୁ ଯୋଗ୍ୟ ପରିବାରଙ୍କ ତାଲିକା ପ୍ରସ୍ତୁତ କରି ତହସିଲ୍ କାର୍ଯ୍ୟାଳୟରେ ଦାଖଲ କରାଯିବ। ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ତାଲିକା ଦାଖଲ କରିବାକୁ ଟିମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଭଦ୍ରକ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ଉପଜିଲ୍ଲାପାଳ ଓ ଧାମନଗର ବିଡିଓଙ୍କୁ ମଧ୍ୟ ଅବଗତ କରାଯାଇଛି।

## ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସାର ଦୋକାନ ଯାଞ୍ଚ

ବାରିକପୁର, ୯।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ରାସାୟନିକ ସାରର କଳାବଜାରୀ ରୋକିବାକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ବୁଧବାର ଯାଞ୍ଚ ଆରମ୍ଭ ହୋଇଛି। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସାର କଳାବଜାରୀ, ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି ଏବଂ ବିନା ବୈଧ ଲାଇସେନ୍ସରେ ସାର ବିକ୍ରୟ ରୋକିବା ପାଇଁ ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅତିରିକ୍ତ ତହସିଲ୍‌ଦାର ବିକ୍ରମ ମଲ୍ଲିକ ଓ ଭାରପ୍ରାପ୍ତ କୃଷି ଅଧିକାରୀ ସଞ୍ଜୀବ କୁମାର ମଲ୍ଲିକଙ୍କ ସମେତ ପୁଲିସ କର୍ମଚାରୀମାନେ ବାରିକପୁର, ତେସିଙ୍ଗା, କହରାପୋଖରୀ ପ୍ରମୁଖ ସ୍ଥାନରେ ସାର ଦୋକାନଗୁଡ଼ିକରେ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ବିଭିନ୍ନ ସାର ବିକ୍ରୟ କେନ୍ଦ୍ରର ବୈଧ ଲାଇସେନ୍ସ, ଗଚ୍ଛିତ ରେଜିଷ୍ଟର, ବିକ୍ରି ରେଜିଷ୍ଟର, ମହଜୁଦ ସାର ଏବଂ ବିକ୍ରୟ ମୂଲ୍ୟକୁ ନେଇ ତନଖି କରାଯାଇଛି। ଯାଞ୍ଚ ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ଚାଷୀମାନଙ୍କୁ ସାର ବିକ୍ରୟ କରିବା ସହିତ ସମସ୍ତ ନିୟମାବଳୀ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



## ଆଦର୍ଶ ପ୍ରଧାନଶିକ୍ଷକ ପଞ୍ଚାନନ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା



ଦୋବଲ, ୯।୯ (ସମିସ): ମୁସ୍ତଫାପୁର ଗ୍ରାମର ଆଦର୍ଶ ପ୍ରଧାନଶିକ୍ଷକ ପଞ୍ଚାନନ ଦାସଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନ ପ୍ରାଙ୍ଗଣରେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ଶିକ୍ଷାବିତ୍ କୃତିବାସ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ବରିଷ୍ଠ ନାଗରିକ ପରିଷଦ ସମ୍ପାଦକ ଶଚ୍ଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ନିରାକାର ଧଳ, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ହୃଦାନନ୍ଦ କର, ଶରତ ଚନ୍ଦ୍ର ସାହୁ, ପ୍ରମୋଦ ନାୟକ, ଶ୍ରୀକାନ୍ତ ସାହୁ, ଗୋବିନ୍ଦ ତ୍ରିପାଠୀ, ସେକ୍ ତାଜୁଉଦ୍ଦିନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିଥିମାନେ ସ୍ୱର୍ଗତ ଦାସଙ୍କ ଜୀବନୀ ଓ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ, ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇ ତାଙ୍କର ପବିତ୍ର ଅମର ଆତ୍ମର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ପଞ୍ଚାନନ ଦାସଙ୍କ ପୁତ୍ର ପ୍ରସନ୍ନ କୁମାର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

# ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପୁନର୍ଗଠିତ

### ■ କମିଟିରେ ୫୧ କର୍ମକର୍ତ୍ତା: ୨୫ କାର୍ଯ୍ୟକାରିଣୀ କମିଟିକୁ ମନୋନୀତ

ଭଦ୍ରକ, ୯।୯ (ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ଅଧିନିୟମ ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ପୂର୍ବ ଜିଲ୍ଲା କଂଗ୍ରେସ କମିଟିକୁ ରଦ୍ଦ କରାଯାଇ ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ନୂତନ କମିଟି ଗଠନ କରାଯାଇଛି। ନବନିଯୁକ୍ତ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଭାବେ ରଜନୀକାନ୍ତ ଚାନ୍ଦ, ଅଭିଷେକ ରାଉତ, ନିଶିକାନ୍ତ ନାୟକ, ଦେବବ୍ରତ ମହାନ୍ତି, ରମେଶ ଚନ୍ଦ୍ର ନାୟକ ମନୋନୀତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ବିଜୟକୁମାର ବାରିକଙ୍କୁ ମନୋନୀତ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ନାରାୟଣ ଚନ୍ଦ୍ର ବେହେରା, ନିରଞ୍ଜନ ପଲେଇ, ସରୋଜ କୁମାର ରାଉଳ, ସଞ୍ଜୟ ମିଶ୍ର, ରାଜକିଶୋର ପଣ୍ଡା, ଏନାମୁଲ୍ ହକ୍, ଗୟାଧର ସେଠୀ, ବଦ୍ରିନାଥ ନାୟକ, ଗଣେଶ ପ୍ରସାଦ ମଲ୍ଲିକ, ପ୍ରମିଳା ମାଝୀ, ନିରାକାର ଧଳ, ମହେଶ କୁମାର ମିଶ୍ର, ରଞ୍ଜନ କୁମାର ଜେନା ଉକ୍ତ କମିଟିରେ ସ୍ଥାନ ପାଇଛନ୍ତି। ସେହିପରି ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର, ଦିଲ୍ଲୀପ ପୁହାଣ, ପବିତ୍ର ପୃଷ୍ଟି, ରାଜେନ୍ଦ୍ର ଭଳ, ସର୍ବେଶ୍ୱର ବେହେରା, ମନୋଜ ମଲ୍ଲିକ, ସିଦ୍ଧାର୍ଥ ଜେନା, ସୁଶାନ୍ତ ପଲେଇ, ସୁଶାନ୍ତ ମହାକୁଡ଼, ନିତ୍ୟାନନ୍ଦ ବାରିକ, ଦେବଦତ୍ତ ଜେନା, ପ୍ରଦୀପ୍ତ କିଶୋର ଦାସ, ଶ୍ରୀକାନ୍ତ ପଣ୍ଡା, ଗୁରୁପ୍ରସାଦ ଗିରି, ବିବେକାନନ୍ଦ ମଲ୍ଲିକ, ମହେଶ୍ୱର ଦାସ, ମୀର୍ ସାହାଜନ, ଦୀନବନ୍ଧୁ ଦାସ, ପଦ୍ମଲୋଚନ ବେହେରା, ଅଲେଖ ରାଉତ, ଶିଶିର ଦତ୍ତ, ମନୋଜ ଭୂୟାଁ, ପ୍ରଫୁଲ୍ଲ ବାରିକ, ସେକ୍ ଫୈଜାନ ଅଲ୍ଲୀ, ଚନ୍ଦନ ଦାସ, ସୁରେନ୍ଦ୍ର ଜେନା, ପ୍ରତାପ ସାମଲ, ଅକ୍ଷୟ ରାଉତ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟିରେ ୨୫ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଅଶୋକ ଦାସ, ନବଜ୍ୟୋତି ପଟ୍ଟନାୟକ, ପଞ୍ଚାନନ ମଣ୍ଡଳ, ମୁରଲିଧର ଯେନା, ଅସିତ୍ ପଟ୍ଟନାୟକ, ଅମିୟ ମହାପାତ୍ର, ଦେବରୂପ ମହାନ୍ତି, ଦିଗମ୍ବର ଦାସ, ନାରାୟଣ ଚନ୍ଦ୍ର ପାଢ଼ୀ, ଦେବେନ୍ଦ୍ର ମହାନ୍ତି, ଅବ୍‌ଦୁଲ ମୋକିତ୍ ଖାନ୍, ପିତବାସ ଧଳ, ଗୋଲକ ଚନ୍ଦ୍ର ବେହେରା, ମନୋଜ ବିଶ୍ୱାଳ, ଶର୍ମିଷ୍ଠା ପଣ୍ଡା, ହୃଦାନନ୍ଦ ସେଠୀ, ରାଜେନ୍ଦ୍ର ପ୍ରସାଦ ଜେନା, ସତ୍ୟାନନ୍ଦ ରାଉତ, ଗୋଲମ ମଇଉଦ୍ଦିନ, ଆଶିଷ କୁମାର ମଲ୍ଲିକ, ପ୍ରଦ୍ୟୁମ୍ନ କୁମାର ଦାସ, ସତ୍ୟବାନ ଦାସ, ଜାନକୀ ମଲ୍ଲିକ। ଉକ୍ତ ସଦସ୍ୟଙ୍କ ବ୍ୟତୀତ ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଏସ୍‌ସି ସେଲ ସଭାପତି ବିଦ୍ୟାଧର ଯେନାଙ୍କ ସମେତ ସମସ୍ତ ଛାମୁଆ ସଂଗଠନର ସଭାପତି ଓ ଚେୟାରମ୍ୟାନମାନେ ଉକ୍ତ କମିଟିରେ ସ୍ଥାନ ପାଇଛନ୍ତି।

### ସେତୁ ପାର୍ଶ୍ୱରୁ ମାଟି ଧସିବା ଘଟଣାକୁ ୧୩ ଦିନ ବିତିଲା

# ସମସ୍ୟାର ସମାଧାନ ହେଉନି; ବସ୍ ଚଳାଚଳ ବନ୍ଦ

ବନ୍ତ/ଆଗରପଡ଼ା, ୯।୯ (ସମିସ): ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-କୁପାରୀ ରାସ୍ତା ରାମପୁରଠାରେ ମୁଖ୍ୟ କେନାଲ ସେତୁ ପାର୍ଶ୍ୱରୁ ଗତ ୨୮ ତାରିଖ ରାତିରେ ମାଟି ଅତଡ଼ା ଖସିବାରୁ ଗତ ୧୨ ଦିନ ହେଲା ଯାତ୍ରୀବାହୀ ବସ୍ ସମେତ ବଡ଼ ଯାନବାହନଗୁଡ଼ିକ ଚଳାଚଳ ବନ୍ଦ ରହିଛି। ବର୍ତ୍ତମାନ ସେତୁଟି ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଏହିପରି ପଦକ୍ଷେପ ନିଆଯାଇଛି। କେବଳ ବାଲିବସ୍ତା ପ୍ୟାକିଙ୍ଗ୍ ସେତୁରେ କରାଯାଇଛି। ଏହି ସେତୁଟି ୧୯୬୪ ମସିହାରେ ନିର୍ମାଣ କରାଯାଇଥିଲା। ଭଦ୍ରକ-ସାଳନ୍ଦୀ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା- ୩୭୧୬/୩୧.୮.୨୬ରେ ବାଲେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏହି ସେତୁ ନିର୍ମାଣ ପାଇଁ କୁହାଯାଇଛି। ସେତୁ ସମସ୍ୟା ଯୋଗୁଁ ବାଲେଶ୍ୱର-ପୁରୀ, ରାଉରକେଲା, କଟକ, ଭୁବନେଶ୍ୱର, ଅନୁଗୋଳ, କେନ୍ଦୁଝର, ଭଦ୍ରକ ଭାୟା ଆଗରପଡ଼ା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଛି। ଯଦ୍ୱାରା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




## ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ଦୋବଲ, ୯।୯ (ସମିସ): ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଥରକେ ଦୁଇ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରୁ ଦୀର୍ଘବର୍ଷର କର୍ତ୍ତବ୍ୟ ସମ୍ପାଦନ ପରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଅଜୟ ଦାସ ଏବଂ ଶିକ୍ଷୟିତ୍ରୀ ରେଣୁବାଳା ସାହୁଙ୍କୁ ଏହି ଅବସରରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ବିଶ୍ୱାଳଙ୍କ ପରିଚାଳନା ଏବଂ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆନନ୍ଦପୁରର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଃସ୍ୱାର୍ଥପର ସେବା, ଶିକ୍ଷାଦାନ ଶୈଳୀ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ସେମାନଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ଏହି ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନିରଞ୍ଜନ ପୁହାଣ ବିଶେଷ ଭାବେ ଉପସ୍ଥିତ ରହି କୃତୀ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସବୁଠାରୁ ଆକର୍ଷଣୀୟ ବିଷୟ ଥିଲା ଯେ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କାର୍ଯ୍ୟକର୍ତ୍ତାମାନଙ୍କ ପ୍ରଚେଷ୍ଟା ଏବଂ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମଟି ଅତ୍ୟନ୍ତ ସୁଚାରୁରୂପେ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଶିକ୍ଷକତା କରି ଅବସର ନେଇଥିବା ସମସ୍ତ ପୂର୍ବତନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଥିଲା, ଯାହାକି ପୁରୁଣା ଓ ନୂତନ ପିଢ଼ିର ଶିକ୍ଷାବିତ୍‌ମାନଙ୍କ ଏକ ଅପୂର୍ବ ମିଳନମଞ୍ଚ ପାଲଟିଥିଲା। ସଭାରେ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଏବଂ ଅଞ୍ଚଳବାସୀ ଅବସରପ୍ରାପ୍ତ ଶିକ୍ଷକ ଅଜୟ ଦାସ ଏବଂ ଶିକ୍ଷୟିତ୍ରୀ ରେଣୁବାଳା ସାହୁଙ୍କ ସୁସ୍ଥ, ନିରାମୟ ଏବଂ ଦୀର୍ଘ ଜୀବନ କାମନା କରିବା ସହ ଉପହାର ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।




# ଜିଲ୍ଲାପାଳଙ୍କ ଅଫିସ ଆଗରେ ଗାଁ ସାଥୀଙ୍କ ଧାରଣା

### ଅବିଳମ୍ବେ ମାସିକ ଦରମାର ଦାବି ପୂରଣ ନ ହେଲେ ୨୧ରେ ବିଧାନସଭା ଘେରିବ ସଂଘ

ଭଦ୍ରକ, ୯।୯ (ସମିସ)

ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ୯ ଦଫା ରାଜ୍ୟ ଦାବି ଓ ୬ ଦଫା ଜିଲ୍ଲା ଦାବିକୁ ନେଇ ଭଦ୍ରକ ଜିଲ୍ଲାରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ରାଜ୍ୟ ସଂଘର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଓ ଜିଲ୍ଲା ସଭାପତି ପ୍ରମୋଦ ସାମଲଙ୍କ ମିଳିତ ନେତୃତ୍ୱରେ ଶତାଧିକ ଗାଁ ସାଥୀ (ମେଟ୍) ସଭ୍ୟ/ସଭ୍ୟା ଓ ବ୍ଲକ୍ ତଥା ଜିଲ୍ଲା ସଂଗଠକଗଣ ମିଳିତ ଭାବେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାସିକ ୧୫ ହଜାରରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ, ଫାଙ୍କା ଥିବା ଜିଆର୍‌ଏସ୍ ପଦବୀରେ ଯୋଗ୍ୟ ଗାଁ ସାଥୀଙ୍କୁ ସଂରକ୍ଷଣ ଭିତ୍ତିରେ ମୁତୟନ, ଜବ୍‌କାର୍ଡଧାରୀମାନଙ୍କୁ ସେମାନଙ୍କ ଦାବି ଆଧାରରେ ବର୍ଷକୁ ୩୦୦ ଦିନର କାମ ଆଦି ୯ ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିକୁ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନ୍ୟ ୭ଜଣ ସାମ୍ବିଧାନିକ ତଥା ପ୍ରଶାସନିକ ଅଧିକାରୀମାନଙ୍କ ନିକଟକୁ ପଠାଇଛନ୍ତି। ଠିକ୍ ସେହିପରି ଜିଲ୍ଲାସ୍ତରରେ ୬ ଦଫା ଦାବି ଯଥା- ଚିଠି ନଂ- ୨୪୫୦୯/୨୯.୮.୨୦୨୬ଙ୍କୁ ମାନି କାର୍ଯ୍ୟ କରିବା, ଗାଁ ସାଥୀଙ୍କ ସଠିକ୍ ଡାଟାବେସ୍‌କୁ ରାଜ୍ୟକୁ ପଠାଇବା, ଚିଠି ଅନୁସାରେ ଗାଁ ସାଥୀଙ୍କୁ ସମସ୍ତ ଜିଓଟ୍ୟାଗ୍ କାର୍ଯ୍ୟରେ ଲଗାଇବା, ଗାଁ ସାଥୀ(ମେଟ୍)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ପୂର୍ବପରି ଭିବିଜୀ-ରାମ୍‌ଜୀ ଯୋଜନାରେ ଗାଁ ସାଥୀ (ମେଟ୍)ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ଆଦି ଡିମାଣ୍ଡକୁ ପୂରଣ ଲାଗି ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗାଁ ସାଥୀଙ୍କ ମାସିକ ଦରମା ଓ ସାମାଜିକ ସୁରକ୍ଷାର ଦାବିକୁ ରାଜ୍ୟ ସରକାର ଆଗାମୀ ୭ଦିନ ମଧ୍ୟରେ ସରକାରୀ ଭାବେ ଘୋଷଣା କରିବା ଲାଗି ସଂଘ ଗଣମାଧ୍ୟମ ଓ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ନିବେଦନ ଜଣାଇଛି। ଯଦି ଏହି ଘୋଷଣା ଆଗାମୀ ୧ ସପ୍ତାହ ମଧ୍ୟରେ ସରକାର ନ କରନ୍ତି, ତେବେ ବାଧ୍ୟ ହୋଇ ଆସନ୍ତା ୨୧ ତାରିଖ ସକାଳ ୯ଟାରେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଗାଁ ସାଥୀ (ମେଟ୍) ତାଙ୍କ ପରିବାର ସଦସ୍ୟ/ସଦସ୍ୟା ଓ ଜବ୍‌କାର୍ଡଧାରୀ ମିଶି ୫୦ ହଜାରରୁ ଅଧିକ ସଂଖ୍ୟାରେ ଏକ ଜୋର୍‌ଦାର ଆନ୍ଦୋଳନ କରିବା ପାଇଁ ସଂଘ ସ୍ଥିର କରିଛି ବୋଲି ସଂଗଠକମାନେ ଗଣମାଧ୍ୟମକୁ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାଁ ସାଥୀ ସଂଗଠକ ପ୍ରମୋଦ ସାମଲ, ମନୋଜ ପାଢ଼ୀ, ରବୀନ୍ଦ୍ର ମାଝୀ, ହରେଶ ଖୁଣ୍ଟିଆ, ମିନାରାଣୀ ଦାସ, ଗୀତାଞ୍ଜଳି ମିଶ୍ର, ନିରୂପମା ମିଶ୍ର, ବିକାଶ ସାହୁ, ଅକ୍ଷୟ ଜେନା, ପ୍ରଶାନ୍ତ ସେଠୀ, ଅରୁଣ ବେହେରା, ଅନାମ ରାଉତ, ଇନ୍ଦ୍ରମଣୀ ସାହୁ, ଚିତ୍ତ ଶଙ୍ଖୁଆ, ମନ୍ମଥ ବେହେରା, ନନ୍ଦ ବେହେରା, ତ୍ରୈଲୋଚନ ପାତ୍ର ଓ ଅନ୍ୟ ଶତାଧିକ ଗାଁ ସାଥୀ (ମେଟ୍) ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।



## ୫୨ତମ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଟାସ୍କଫୋର୍ସର ତୃତୀୟ ବୈଠକ

# ଜବରଦଖଲ ଉଚ୍ଛେଦ ଓ ଜରୁରୀକାଳୀନ ସେବା ସୁଦୃଢ଼ ଉପରେ ଗୁରୁତ୍ୱ

ଭଦ୍ରକ,୯।୯(ସମିସ)

ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ବୁଧବାର ଭଦ୍ରକ କଲେକ୍ଟରେଟ୍‌ସ୍ଥିତ ସଦ୍‌ଭାବନା ସଭାଗୃହରେ ୫୨ତମ ଜିଲ୍ଲା ସଡ଼କ ସୁରକ୍ଷା କମିଟି (ଡିଆର୍‌ଏସ୍‌ସି) ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଦୁର୍ଘଟଣା ହ୍ରାସ, ଟ୍ରାଫିକ୍ ନିୟମର କଡ଼ାକଡ଼ି ପାଳନ ଏବଂ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପର ସମୀକ୍ଷା କରାଯାଇଥିଲା। ଏଥିସହ ୫୧ତମ ଡିଆର୍‌ଏସ୍‌ସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ ପ୍ରଗତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଭଦ୍ରକ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କଫୋର୍ସର ତୃତୀୟ ବୈଠକରେ ଗତ ଅଗଷ୍ଟ ୧୨ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ବୈଠକର ନିଷ୍ପତ୍ତିଗୁଡ଼ିକର ଅଗ୍ରଗତି ଓ ବର୍ତ୍ତମାନ ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ତ୍ରିଶୂଳପୁର ଫ୍ଲାଏଓଭରର ଗର୍ତ୍ତ ମରାମତି ସହ ସର୍ଭିସ୍ ରୋଡ୍‌କୁ ଯାତାୟାତ ଉପଯୋଗୀ କରିବା, ଏନ୍‌ଏଚ୍-୧୬ କଡ଼ରେ ଚିହ୍ନଟ ହୋଇଥିବା ୭୯୬ଟି ଜବରଦଖଲ ମଧ୍ୟରୁ ବକେୟା ୪୬୩ଟି ଜବରଦଖଲ ଉଚ୍ଛେଦ ଏବଂ ଉଚ୍ଛେଦ ହୋଇଥିବା ସ୍ଥାନରେ ସ୍ଥାୟୀ ସୀମା ଖୁଣ୍ଟ ସ୍ଥାପନ ନେଇ ଆଲୋଚନା ହୋଇଥିଲା। ଏଥିସହ ଏନ୍‌ଏଚ୍‌ରେ ପାଟ୍ରୋଲିଂ, ଦୁର୍ଘଟଣା ପରବର୍ତ୍ତୀ ଜରୁରୀକାଳୀନ ପ୍ରତିକ୍ରିୟା, ଉଦ୍ଧାର କାର୍ଯ୍ୟ ଏବଂ ଅନଧିକୃତ ଭାବେ ପାର୍କିଂ ହୋଇଥିବା ଯାନବାହନକୁ କ୍ରେନ୍ ମାଧ୍ୟମରେ ହଟାଇବା ପାଇଁ ସମନ୍ୱିତ ଏସ୍‌ଓପି ପ୍ରସ୍ତୁତ କରାଯାଇଥିବା ସହ ଏନ୍‌ଏଚ୍‌ଏଆଇର ଟୋଲ୍ ଫ୍ରି ନମ୍ବର ୧୦୩୩ ସମ୍ପର୍କରେ



**ସଡ଼କ ସୁରକ୍ଷା ଓ ଦୁର୍ଘଟଣା ନିୟନ୍ତ୍ରଣକୁ ଗୁରୁତ୍ୱ ଦେବା ସହ ବକେୟା କାମକୁ ଶୀଘ୍ର ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

ମଧ୍ୟ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜପଥ ପାର୍ଶ୍ୱରେ ଅନଧିକୃତ ଜମି ବ୍ୟବହାର ଓ ନିର୍ମାଣକୁ ରୋକିବା ସହ ନିର୍ଦ୍ଧାରିତ ସେଟ୍ ବ୍ୟାକ୍ ନିୟମ କଡ଼ାକଡ଼ି ଭାବେ ପାଳନ କରାଇବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଏନ୍‌ଏଚ୍‌ର କେନ୍ଦ୍ର ରେଖାଠାରୁ ଆବାସିକ ବ୍ୟବହାର ପାଇଁ ୪୦ ମିଟର ଏବଂ ବାଣିଜ୍ୟିକ ବ୍ୟବହାର ପାଇଁ ୭୫ ମିଟର ଦୂରତା ସମ୍ପର୍କିତ ପ୍ରଚଳିତ ନିୟମ ଓ ନିର୍ଦ୍ଦେଶନାମା ପାଳନ ନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ଆରଡ଼ି ଛକଠାରେ ଅବଶିଷ୍ଟ ପ୍ରାୟ ୧୦ ମିଟର ଡ୍ରେନ୍ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରି ଜଳବନ୍ଦି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଣୀତାଲଠାରେ ଉପୁଜିଥିବା ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନ୍‌ଏଚ୍-୧୬ରେ ସାଇନେଜ୍, ସ୍ପିଡ୍ ଲିମିଟ୍ ବୋର୍ଡ, ରୋଡ୍ ମାର୍କିଂ, ଆଲୋକୀକରଣ ଆଦିର ସମଗ୍ର ସୁରକ୍ଷା ଅଡିଟ୍ କରି ଚିହ୍ନଟ ତ୍ରୁଟିଗୁଡ଼ିକର ତୁରନ୍ତ ସୁଧାର କରିବାକୁ ଏନ୍‌ଏଚ୍‌ଏଆଇକୁ କୁହାଯାଇଛି। ଏ ସମ୍ପର୍କିତ ଅନୁପାଳନ ରିପୋର୍ଟ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ଦାଖଲ କରାଯିବ। ଏନ୍‌ଏଚ୍-୧୬ରେ ସାଇନେଜ୍ ଉନ୍ନତୀକରଣ ପାଇଁ ଚଳିତ ବର୍ଷ ଏନ୍‌ଏଚ୍‌ଏଆଇ ପକ୍ଷରୁ ପୃଥକ୍ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ରାଜପଥ ନିର୍ମାଣ କାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପାଦନ ସହ କାର୍ଯ୍ୟସ୍ଥଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତ୍ରିଶୂଳପୁରଠାରେ ତୁରନ୍ତ ସୁରକ୍ଷାମୂଳକ ପଦକ୍ଷେପ ନେବା ସହ ଫ୍ଲାଏଓଭର କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଏକ ମାସ ମଧ୍ୟରେ ସମାପ୍ତ କରିବାକୁ ଗୁରୁତ୍ୱ ଦିଆଯାଇଛି।

ସେହିପରି ବାସୁଦେବପୁର ହସ୍ପିଟାଲ, ତହସିଲ୍ ଓ ପୌର କାର୍ଯ୍ୟାଳୟ ନିକଟସ୍ଥ ବସ୍ ରହଣୀସ୍ଥଳଗୁଡ଼ିକୁ ସ୍ଥାନାନ୍ତର କରି ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରସ୍ତାବ ଦାଖଲ ହୋଇଥିବା ଏବଂ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଛି। ଏନ୍‌ଏଚ୍-୧୬ରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ରୋକିବା ପାଇଁ ପୁଲିସ ଓ ଆର୍‌ଟିଓର ମିଳିତ ଏନ୍‌ଫୋର୍ସମେଣ୍ଟ ଅଭିଯାନ ନିୟମିତ ଭାବେ ଜାରି ରହିଛି। ଜିଲ୍ଲାରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗ ସମନ୍ୱୟରେ କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଉକ୍ତ ବୈଠକରେ ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆର୍‌ଟିଓ ଶୁଭେନ୍ଦୁ ରାୟ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆର୍‌ଆଣ୍ଡ ବି, ଆରଡ଼ି ବିଭାଗର ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭଦ୍ରକଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କମିଟି ସଦସ୍ୟ ଅତିସ୍ ବେହେରା, ରବିନାରାୟଣ ଖିଲାର, ଶ୍ରୀନିବାସ ପତି ଯୋଗଦେଇଥିଲେ।

# ରୁଆ ଜମିରେ ମରୁଡ଼ି ଆଶଙ୍କା



ବାରିକପୁର,୯।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନକୁ କେନାଲ ପାଣି ପହଞ୍ଚିବା ପାଇଁ ଅହେତୁକ ବିଳମ୍ବ ହେଉଛି। ତେଣୁ ସଦ୍ୟ ରୁଆ ଜମିରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ସୂଚନା ମୁତାବକ, ରେବୋ ଓ ଜାମିନୀବିନ୍ଧା ମୌଜାରେ ଏକର ଏକର ଚାଷଜମି ଫାଟି ଆଁ କରିଛି। ପାଖାପାଖି ୮/୧୦ ଦିନ ହେବ ବିଲ ରୁଆପୋତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏବେ ଜମିରେ ପାଣି ବୁନ୍ଦାଏ ନାହିଁ। ପାଣି ବିନା ଚାଷୀମାନଙ୍କ ପକ୍ଷେ ବିଲରେ ସାର ପକାଇବା କଷ୍ଟକର ହେଉଛି। ଏହି ଅଞ୍ଚଳକୁ କେନାଲ ଜଳ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ହେଉଛି। ଏପରିକି ମୁଖ୍ୟ କେନାଲ ସହିତ ଏକ କାଡ଼ା ନାଳ ସଂଯୁକ୍ତ ରହିଥିଲେ ମଧ୍ୟ ସେଥିରେ ପାଣି ଆସୁନାହିଁ। ଚାଷୀମାନେ ଏବେ କେବଳ ବର୍ଷା ପାଣିକୁ ଅନେଇ ବସିଛନ୍ତି। ବିଶେଷକରି ମଧ୍ୟମ, କ୍ଷୁଦ୍ର ଓ ଭାଗଚାଷୀମାନଙ୍କ ରୁଆ ଜମି ପାଣି ବିନା ନଷ୍ଟ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏଠାରେ ସୂଚିତ କୃଷକମାନେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଦୁଇ ବର୍ଷ ପୂର୍ବେ ଆବେଦନ କରିଥିଲେ। ପରିତାପର ବିଷୟ ଏଯାଏଁ ଚାଷୀମାନଙ୍କ ସୁବିଧା ପାଇଁ ପ୍ରକଳ୍ପ ନିର୍ମାଣ ହୋଇନାହିଁ। ତେଣୁ ଚାଷ ଜମିକୁ ଜଳଯୋଗାଣରେ ପ୍ରଶାସନିକ ବ୍ୟବସ୍ଥା ପାଇଁ ଦାବି ହୋଇଛି।

# ସ୍ୱାମୀଙ୍କ ମୃତ୍ୟୁ ସହାୟତା ଅପେକ୍ଷାରେ ସ୍ତ୍ରୀ

ଦୋଳସାହି,୯।୯(ସମିସ): ପାଣିରେ ବୁଡ଼ି ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଏହି ସରକାରୀ ସହାୟତାରୁ ଜଣେ ବିଧବା ମହିଳା ବଞ୍ଚିତ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍ ଅଧୀନ କେଦାରପୁର ପଞ୍ଚାୟତ ଶେରପୁର ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ନାୟକଙ୍କ ବଡ଼ ପୁଅ ବଳରାମ ନାୟକ (୪୨)ଙ୍କର ଜୁଲାଇ ୧୨ ତାରିଖରେ ପୋଖରୀରେ ପଡ଼ି ମୃତ୍ୟୁ ହୋଇଥିବା ପୋଷ୍ଟ ମର୍ଟମ ରିପୋର୍ଟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ତେବେ ବଳରାମଙ୍କ ମୃତ୍ୟୁକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ବିଧବା ପତ୍ନୀ କୁନିଲତା ପଣ୍ଡାଙ୍କୁ ଏହି ସରକାରୀ ସହାୟତା ଦିଆଯାଇ ନ ଥିବା



ଜଣାଯାଇଛି। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ତାଙ୍କ ଅସହାୟ ବିଧବା ପତ୍ନୀଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ଜଳେଶ୍ୱର ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ତିହିଡ଼ି,୯।୯(ସମିସ): ଶିକ୍ଷାର ବିକଳ ଚିତ୍ର, ୯ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ। ଏହାର ପ୍ରତିବାଦରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମର ଜଳେଶ୍ୱର ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ୯ଟି ଶ୍ରେଣୀରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ଉକ୍ତ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ୪ଜଣ ଶିକ୍ଷକ ଥିବାବେଳେ ଏବେ ଜଣକୁ ଅନ୍ୟତ୍ର ବଦଳି କରାଯାଇଛି। ଶିକ୍ଷକ ବଦଳିକୁ ନେଇ ଅଭିଭାବକମାନେ ଉତ୍ତେଜିତ ହୋଇ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଶିକ୍ଷକ ଅଭାବରୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବାବେଳେ ଶିକ୍ଷକ ବଦଳିରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏ ବିଷୟରେ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି ଅଭିଭାବକ। ଉକ୍ତ ବିଦ୍ୟାଳୟରୁ ବଦଳି ଶିକ୍ଷୟିତ୍ରୀଙ୍କୁ ପୁନଃ ଅବସ୍ଥାପିତ ସହ ଆହୁରି ୨ଜଣ ଶିକ୍ଷକ ନିଯୁକ୍ତି ନ କରିବା ଯାଏଁ ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣାରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି।

# ଖଡ଼ିପଦା ପଞ୍ଚାୟତ କାଞ୍ଜିଆପାଳରେ ବାଲି ଓ ମାଟି ମାଫିଆଙ୍କ ଦୌରାତ୍ମ୍ୟ



ଦୋବଲ,୯।୯(ସମିସ): ଧାମନଗର ଅଞ୍ଚଳରେ ବୃଦ୍ଧି ପାଇଛି ଚୋରା ମାଟି ଓ ବାଲି କାରବାର। ନଦୀ ପଠା ଓ ସରକାରୀ ଜାଗାରୁ ଦିନକୁ ଦିନ ବେଆଇନ ଭାବେ ମାଟି ଏବଂ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ବୁଧବାର ଦିନ ୪ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ସାହାଯ୍ୟରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ମାଟି ଓ ବାଲି ଚୋରା ଚାଲାଣ କରାଯାଉଥିଲା। ଗ୍ରାମବାସୀ ଏହି ବେଆଇନ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ମାଫିଆ ଓ ଗାଡ଼ି ଚାଳକମାନେ ଓଲଟା ସେମାନଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ଧମକ ଦେଇଥିଲେ। ପରିସ୍ଥିତି ଅତି ସମ୍ବେଦନଶୀଳ ହେବାରୁ ଗ୍ରାମବାସୀ ତୁରନ୍ତ ଖଣି ବିଭାଗ ଏବଂ ଧାମନଗର ପୁଲିସକୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଖବର ପାଇ ଖଣି ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ବ୍ୟବହୃତ ଗାଡ଼ିଗୁଡ଼ିକୁ ଜବତ କରି ଧାମନଗର ଥାନାକୁ ଆଣୁଥିଲେ। ମାତ୍ର ବାଟରେ ଦୋବଲ ବଜାର ନିକଟରେ ଗାଡ଼ି ମାଲିକମାନେ ଏହାକୁ ଅଟକାଇ ଉତ୍ତେଜନା ସୃଷ୍ଟି କରିଥିଲେ ଏବଂ ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସ ଓ ଅନ୍ୟ ପୁଲିସ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚି ଅଧିକାରୀ ଶ୍ରୀ ଦ୍ୱିବେଦୀଙ୍କୁ ଉଦ୍ଧାର କରିଥିଲେ ଏବଂ ସମସ୍ତ ଟ୍ରାକ୍ଟର ଓ ଜେସିବିକୁ ଥାନାକୁ ଆଣିଥିଲେ। ଥାନାରେ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଉଥିବା ଏବଂ ତଦନ୍ତ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ବିଭାଗ ଓ ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଅଜଣା ଗାଡ଼ି ଧକ୍କାରେ ହୋମ୍‌ଗାର୍ଡଙ୍କ ମୃତ୍ୟୁ

ସହିଦନଗର,୯।୯(ସମିସ): ଅଜଣା ଗାଡ଼ି ଧକ୍କାରେ ଭଦ୍ରକ ଟାଉନ ଥାନାର ହୋମ୍‌ଗାର୍ଡ ରତିକାନ୍ତ ମଳିକ(୪୪)ଙ୍କର ମୃତ୍ୟୁ ଘଟିଛି। ଗତ ଶନିବାର ସକାଳେ ରତିକାନ୍ତ ରାତ୍ରିକାଳୀନ ଡ୍ୟୁଟି ସାରି ନିଜର ବାଇକ୍(ଓଡି-୨୨ଏଫ୍-୭୪୨୬) ନେଇ ତାଙ୍କ ଘର ଧାମନଗର ବ୍ଲକ୍‌ର କାସିମପୁର ଗ୍ରାମକୁ ଫେରୁଥିଲେ। ଅସୁରାଳି-ଓରାଳି ରାସ୍ତାର ପତ୍ରିବିନ୍ଧା ଓଉ ଗଛ ନିକଟରେ ପଛପଟୁ ଏକ ଅଜଣା ଚାରିଚକିଆ ଯାନ ରତିକାନ୍ତଙ୍କ ବାଇକ୍‌କୁ ଦ୍ରୁତଗତିରେ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରତିକାନ୍ତଙ୍କୁ



ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ତାଙ୍କ ପରିବାରକୁ ଖବର ଦେଇଥିଲେ। ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବାରୁ ଗୁରୁତର ଅବସ୍ଥାରେ ରତିକାନ୍ତଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ନିକଟସ୍ଥ କାସିମପୁରଠାରେ ମୃତ ହୋମ୍‌ଗାର୍ଡ ରତିକାନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଶୁଭମ୍ ମୁଖାଗ୍ନି ଦେଇଛନ୍ତି।

# ଭିନ୍ନକ୍ଷମଙ୍କୁ ସାହାରା ଦେଲେ ପ୍ରତ୍ୟୁଷ

ବାରିକପୁର,୯।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ରଘୁନାଥ ଗ୍ରାମର ଭିନ୍ନକ୍ଷମ କାଳନ୍ଦୀ ସାହୁଙ୍କୁ ସାହାରା ଦେଇଛନ୍ତି ଯୁବ ନେତା ପ୍ରତ୍ୟୁଷ ସାମଲ। ଗତ ୩ ବର୍ଷ ପୂର୍ବରୁ କାଳନ୍ଦୀ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଚାଲିବା ଶକ୍ତି ହରାଇ ବସିଛନ୍ତି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ପରିବାର ପାଇଁ ବୋଝ ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୀର୍ଘ ଦିନ ଧରି ଦୁର୍ଘଟଣାଜନିତ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏପରିକି କାଳନ୍ଦୀଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଖଣ୍ଡିଏ ମଧ୍ୟ ନାହିଁ। ଏପରି ସ୍ଥଳେ ପଞ୍ଚାୟତର ଦୃଢ଼ ଯୁବ ସଂଗଠକ ସାମଲ କାଳନ୍ଦୀଙ୍କୁ ଧରି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପହଞ୍ଚିଥିଲେ। ସେଠାରେ ଭିନ୍ନକ୍ଷମ ଭାବେ ତାଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ସରକାରୀ ସାହାଯ୍ୟ ପାଇଁ କାଳନ୍ଦୀଙ୍କ ମନରେ ଆଶା ସଞ୍ଚାର ହୋଇଛି।



# କଂଗ୍ରେସର ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ

ବନ୍ତ/ଆଗରପଡ଼ା,୯।୯(ସମିସ): ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତରେ କଂଗ୍ରେସର ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ସାଂଗଠନିକ ସ୍ଥିତିକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଯୁବନେତା ଦେବଦତ୍ତ ଜଗଦ୍ଦେବ



ଜେନା, ହରିହର ମଣ୍ଡଳ, ପଞ୍ଚାୟତ ସଭାପତି ଶରତ ପଲେଇ, ଅଲେଖ ସାହୁ, କୁମୁଳି ବେହେରା, ପୂର୍ଣ୍ଣ ଜେନା, ଦଶରଥ ନାୟକ, ନିର ସାହୁ, ରାଜେଶ ଜେନା, ବସନ୍ତ ମହାନ୍ତି, ବାଇଧର ମହାନ୍ତି, କମଳା ସାହୁ, କାହ୍ନୁ ଜେନା, ଘାଉଲା ଜେନା, ପାଣୁଆ ଦାସ, ଉମେଶ ଦାସ, ବିକାଶ ସ୍ୱାଇଁ, ମନୋଜ ସ୍ୱାଇଁ, ଅଲେଖ ବାରିକ, ଶଶି ଘଡ଼େଇ, କାର୍ତ୍ତିକ ରାଉତ, ଚକରା ରାଉତ, ବାବୁ ପୃଷ୍ଟି, ନିଲେଶ ମଣ୍ଡଳ, ପ୍ରଫୁଲ୍ଲ ପୁହାଣ ଓ ଶମ୍ଭୁଆ ଜେନାଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳ ପରିତ୍ୟାଗ କରି କିଛି କର୍ମୀ କଂଗ୍ରେସରେ ସାମିଲ୍ ହୋଇଛନ୍ତି।

# ଏବିଭିପିର ସଦସ୍ୟତା ଅଭିଯାନ

ବନ୍ତ/ଆଗରପଡ଼ା,୯।୯(ସମିସ): ବନ୍ତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ, ଚରିତ୍ର, ଏକତା ଓ ରାଷ୍ଟ୍ର ପୁନଃନିର୍ମାଣ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ୍ ହୋଇଥିବାବେଳେ, ପ୍ରଧାନ ଆଚାର୍ଯ୍ୟ ଦାମୋଦର ନାୟକଙ୍କୁ ପରିଷଦର ମାସିକ ପତ୍ରିକା ଛାତ୍ର ସନ୍ଦେଶ ଭେଟି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ଓମ୍‌କାର ମହାନ୍ତି, ବନ୍ତ ନଗର ସଭାପତି ସୁନୀଲ କୁମାର ପରିଡ଼ା, ସମ୍ପାଦିକା ଶୁଭସ୍ମିତା ମହାକୁଡ଼, ଜ୍ୟୋତିପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଧୂଷୁରୀ ମଦ ବାର୍ ଖୋଲିବାକୁ ଅଞ୍ଚଳବାସୀଙ୍କ ବିରୋଧ

ଅସୁରାଳି,୯।୯(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଥାନା ଅନ୍ତର୍ଗତ ଧୂଷୁରୀ ଏନ୍‌ଏସିରେ ଏକ ନୂତନ ମଦ ବାର୍ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି।



ସ୍ଥାନୀୟ ଅଞ୍ଚଳର ଶାନ୍ତିଶୃଙ୍ଖଳା ଏବଂ ଯୁବପିଢ଼ିଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଠାରେ ମଦ ବାର୍ ଖୋଲିବା ଅନୁଚିତ୍ ବୋଲି ସଭାରେ ମତପ୍ରକାଶ ପାଇଛି। ରାଜ୍ୟ ନିଶା ନିବାରଣ ସଂଗଠନର ସମ୍ପାଦକ ସନ୍ତୋଷ ଦାସଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ବେହୁରିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ନିଶା ନିବାରଣ ସଂଗଠନର ଜିଲ୍ଲା ସଂଯୋଜକ ରତିକାନ୍ତ ନାୟକ, ପୁଷ୍ପମିତ୍ର ବେହୁରିଆ, ସମାଜସେବୀ ରବୀନ୍ଦ୍ର ନାୟକ, ଜିଲ୍ଲା ଉପସଭାପତି ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ସମାଜସେବୀ ହରିହର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିବା ସହ ପ୍ରଶାସନ ତୁରନ୍ତ ଏହି ପ୍ରସ୍ତାବକୁ ବାତିଲ୍ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଏହି ପ୍ରସ୍ତାବିତ ମଦ ବାର୍‌କୁ କୌଣସି ପରିସ୍ଥିତିରେ ଖୋଲିବାକୁ ନ ଦେବା ପାଇଁ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଜୋର୍ ଧରିଛି। ଏହି କ୍ରମରେ ଭଦ୍ରକ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ୟାକୁ ନେଇ ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାର ପରିସରରେ ରାଜ୍ୟ ନିଶା ନିବାରଣ ସଂଗଠନ ତରଫରୁ ଏକ ଜରୁରୀ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇ ମଦ ବାର୍ ପ୍ରତିଷ୍ଠାକୁ ତୀବ୍ର ବିରୋଧ କରିଥିଲେ।

## ବନ୍ୟା ଗିଳିଦେଲା ପଥ; ମରାମତି ପାଇଁ ସମନ୍ୱୟ ନାହିଁ

# ଗେଙ୍ଗୁଟିରେ ଲୀନହେବ କୂଳ ସାହି ଜନବସତି

ବାରିକପୁର,୯।୯(ସମିସ)

ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଅଞ୍ଚଳରେ ଚଳିତ ବର୍ଷ ବୈତରଣୀ ବନ୍ୟା ତାଣ୍ଡବ ରଚିଥିବାବେଳେ ଏଥିରେ ନାହିଁ ନ ଥିବା କ୍ଷତି ହୋଇଛି। ଯାତାୟାତ ବ୍ୟବସ୍ଥାଠାରୁ ଆରମ୍ଭ କରି ଚାଷବାସ ଓ ନଡ଼ା ଛପର କଚା ବାସଗୃହଗୁଡ଼ିକ ଗଭୀର ଭାବେ ପ୍ରଭାବିତ ହୋଇଛି। ଯାହାର ପ୍ରଶାସନିକ ଭରଣା ମିଳିବା ଅସମ୍ଭବ ହୋଇଛି। ବନ୍ୟା ବିଭୀଷିକା ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତିଖିଲିଆ ଗ୍ରାମ ସଂଯୁକ୍ତ ନୂଆ କୂଳସାହି ଜନବସତି ଏବେ ଗେଙ୍ଗୁଟି ନଦୀରେ ଲୀନ ହେବାକୁ ବସିଛି।

ଏଠାରେ ପ୍ରାୟ ୨୦ ପରିବାର ବସବାସ କରୁଥିବାବେଳେ ଏବେ ସେମାନଙ୍କ ବଞ୍ଚିବା ମରିବା ସମାନ ହୋଇଛି। ଜନବସତିକୁ ଲାଗି ଗେଙ୍ଗୁଟି ନଦୀରେ ଆସିଥିବା ବୈତରଣୀ ବନ୍ୟାଜଳ ଗମନାଗମନ ପଥଟିକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ପାଖାପାଖି ୨୦ ମିଟର କଂକ୍ରିଟ୍ ରାସ୍ତା



ତଳୁ ବନ୍ୟା ମାଟି ଧୋଇ ନେଇଛି। ରାସ୍ତାକୁ ଲାଗି ବାସଗୃହ ଓ ଦାଣ୍ଡ ବାଡ଼ି ଥିବାବେଳେ ୨୦ ପରିବାରର ସମସ୍ତ ସଦସ୍ୟ ଏବେ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ଗେଙ୍ଗୁଟି ସ୍ରୋତ ଏକପ୍ରକାର ରାସ୍ତା ମୂଳପିଣ୍ଡକୁ ଗିଳି ଦେଇଥିବାବେଳେ ଶୂନ୍ୟରେ ଝୁଲି ରହିଛି କଂକ୍ରିଟ ଆଭରଣ ପଥ। ଅଣ ଚିହ୍ନଟ ଭାବେ ପରିଚିତ ଜଳସମ୍ପଦ ବିଭାଗ ସ୍ଥାନରେ ବ୍ଲକ୍ ପ୍ରଶାସନ ପ୍ରଥମେ କଂକ୍ରିଟ ରାସ୍ତା ନିର୍ମାଣ କରିଥିବାବେଳେ ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତିଖିଲିଆ ରାସ୍ତା ନିର୍ମାଣବେଳେ ଏଠାରେ ଦୋହରାକରଣ ଭାବେ ପକ୍କା ରାସ୍ତା ତିଆରି କରିଥିଲା। ବିପଦ ଆସିବାରୁ ଏବେ ଏହାକୁ ମରାମତି ପାଇଁ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବାବେଳେ କେହି ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ନଦୀରେ ବାରମ୍ବାର ବନ୍ୟା ଆସିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଲୋକେ ଏବେ ଭିଟାମାଟି ଛାଡ଼ିବେ ବୋଲି ଆଶଙ୍କା ଦେଖାଦେଇଛି। ଆଗକୁ ଆହୁରି ବର୍ଷା ଓ ବନ୍ୟା ଆଶଙ୍କା ରହିଥିବାବେଳେ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଜନବସତି ଗେଙ୍ଗୁଟି ନଦୀରେ ଲୀନ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଏହା ଉପରେ ସାଂସଦ ଓ ବିଧାୟକଙ୍କ ସମେତ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ନୂଆ କୂଳସାହି ବାସିନ୍ଦା ଅଜୟ ଭୋଇ, ବିଜୟ ଭୋଇ, ରାମଚନ୍ଦ୍ର ଭୋଇ, ମନୋଜ ଭୋଇ, ସତ୍ୟନାରାୟଣ ଭୋଇ, ସୂର୍ଯ୍ୟକାନ୍ତ ଭୋଇ, ମାନସୀ ଭୋଇ, କାଜଲ ଭୋଇ, ସନ୍ଧ୍ୟାରାଣୀ ଭୋଇ, ସଂଘମିତ୍ରା ଭୋଇ, ମାନିନୀ ଭୋଇ, ରୀନାରାଣୀ ଭୋଇ ପ୍ରମୁଖ ଦାବି କରିଛନ୍ତି। ଅନୁରୂପ ଭାବେ ବରାହ ନୂଆପଡ଼ା ଅନ୍ତର୍ଗତ କୂଳସାହିର ୩୦ ପରିବାର ମଧ୍ୟ ନଦୀ ଆଁ ଭିତରେ ରହିଛନ୍ତି। କିଛି ଅଘଟଣ ଘଟିବା ପୂର୍ବରୁ ଜନବସତିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ଏବେ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି।

# ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଧାରଣା

# ଅଧ୍ୟାପକ ନିଯୁକ୍ତି ଦାବିରେ କଲେଜ ଫାଟକରେ ତାଲା

## ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ

ତୁରୁମୁଙ୍ଗା, ୯।୯ (ସମିସ)





କେନ୍ଦୁଝର ଜିଲ୍ଲା ପାଟଣାସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ଅଧ୍ୟାପକ ନିଯୁକ୍ତି ସମେତ ବିଭିନ୍ନ ଦାବିରେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କଲେଜର ଦୁଇଟି ଫାଟକରେ ତାଲା ପକାଇ ଧାରଣାରେ ବସିବା ସହ ନାରାବାଜି କରିଥିଲେ। ଫଳରେ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କଲେଜ ପରିସରରେ ଉତ୍ତେଜନା ଲାଗିରହିଥିଲା।

ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, କଲେଜରେ ୯ଟି ଅଧ୍ୟାପକ-ଅଧ୍ୟାପିକା ପଦ ଖାଲି ପଡ଼ିଥିବାରୁ ଖରାଛୁଟି ପରଠାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ତୁରନ୍ତ ଖାଲି ପଦ ପୂରଣ, ଶିକ୍ଷାଦାନ ବ୍ୟବସ୍ଥାରେ ସୁଧାର ଏବଂ କଲେଜରେ ହୋଇଥିବା ଆର୍ଥିକ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବିରେ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ଖବର ପାଇ ସହକାରୀ ଉପଜିଲ୍ଲାପାଳ ଶେଖରଚନ୍ଦ୍ର ଜେନା, ପ୍ରକାଶ ସେଠୀ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଆସନ୍ତା ୨୫ ତାରିଖ ସୁଦ୍ଧା ୯ ଜଣ ଠିକା ଅଧ୍ୟାପକ ନିଯୁକ୍ତି ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ। ଏଥିସହ କଲେଜର ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଉପଜିଲ୍ଲାପାଳଙ୍କ ପକ୍ଷରୁ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସହକାରୀ ଜିଲ୍ଲାପାଳ ରହିମ କୁମାର ଭୋଇ, ଡେପୁଟି କଲେକ୍ଟର ଦିନେଶ କୁମାର ପୂର୍ତ୍ତି ଓ ଆକାଉଣ୍ଟାଣ୍ଟ ଭୁବନେଶ୍ୱର ମହାପାତ୍ର କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତର କ୍ୟାସବୁକ୍ ଓ ଗାର୍ଡ ଫାଇଲ୍ ଉପସ୍ଥାପନ କରିବାକୁ କମିଟି ପକ୍ଷରୁ କୁହାଯାଇଥିଲା। ତେବେ ଏହି ଦସ୍ତାବିଜଗୁଡ଼ିକ କଲେଜ ପକ୍ଷରୁ ଦେଖାଇ ପାରି ନଥିବା ସୂଚନା ମିଳିଛି। ପାଟଣା ମହାବିଦ୍ୟାଳୟରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବାବେଳେ ୯ଟି ଅଧ୍ୟାପକ ପଦ ଖାଲି ରହିଛି। କଲେଜ ଅଧ୍ୟକ୍ଷ ଜଗନ୍ନାଥ ମହାନ୍ତଙ୍କ କହିବାନୁଯାୟୀ, ବର୍ତ୍ତମାନ ୟୁଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନିୟମ ଲାଗୁ ହୋଇଥିବାରୁ ଆଡମିଶନ ଓ ରିଆଡମିଶନ ବାବଦରେ ଛାତ୍ରଛାତ୍ରୀଙ୍କଠାରୁ ଅର୍ଥ ଆଦାୟ କରାଯାଇପାରୁନାହିଁ। ପୂର୍ବତନ ଅଧ୍ୟକ୍ଷଙ୍କ ସମୟରେ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହୋଇଥିବା ପ୍ରାୟ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଇଥିବାରୁ ବର୍ତ୍ତମାନ ଅର୍ଥାଭାବ ଦେଖାଦେଇଛି। ଏଥିଯୋଗୁ ୧୨ ଜଣ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦରମା ପ୍ରଦାନରେ ସମସ୍ୟା ହେଉଥିବା କହିଛନ୍ତି।

# ଚମ୍ପୁଆ ସେକ୍ସନରେ ଜନବସତିମୁହାଁ ୪୦ ହାତୀ



ଚମ୍ପୁଆ, ୯।୯ (ସମିସ): ଚମ୍ପୁଆ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଜଙ୍ଗଲରୁ ବାହାରି ହାତୀପଲ ଗାଁ ଓ ଜନବସତିମୁହାଁ ହେଉଥିବାରୁ ଲୋକଙ୍କ ମଧ୍ୟରେ ବିପଦ ଆଶଙ୍କା ବଢ଼ିଛି। ହାତୀପଲ ଚାଷଜମିରେ ପଶି ଫସଲ ନଷ୍ଟ କରୁଥିବା ବେଳେ ଅନେକ ସମୟରେ ରାଜରାସ୍ତା ଉପରକୁ ଆସି ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରୁଛନ୍ତି। ରିମୁଳିରୁ ଚମ୍ପୁଆ ଜାତିୟ ରାଜପଥରେ ସକାଳ ଓ ସନ୍ଧ୍ୟାବେଳେ ହାତୀପଲ ଠିଆହୋଇ ରହୁଛନ୍ତି। ବର୍ତ୍ତମାନ ଚମ୍ପୁଆ ଅଞ୍ଚଳରେ ପ୍ରାୟ ୪୦ଟି ହାତୀ ଥିବା ଜଣାପଡ଼ିଛି। ଏହି ହାତୀପଲ ଦୁଇଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଘୂରି ବୁଲୁଛନ୍ତି। ଏଥିମଧ୍ୟରୁ ଗୋଟିଏ ଦଳରେ ୨୫ଟି ହାତୀ ରହିଛନ୍ତି। ଏହି ଦଳରେ ୧୦ଟି ଛୁଆ ହାତୀ, ୩ଟି ଅଣ୍ଡିରା ହାତୀ ଓ ୧୨ଟି ମାଇ ହାତୀ ଥିବା ସୂଚନା ମିଳିଛି। ରଜିଆ, ପତଳା ଓ କୃଷ୍ଣପୁର ଜଙ୍ଗଲ ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଥିବା ବେଳେ କେତେବେଳେ ଜନବସତି ଓ ମୁଖ୍ୟବଜାର ଆଡ଼କୁ ମଧ୍ୟ ଚାଲିଆସୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡୁଛନ୍ତି। ରାସ୍ତା ଉପରେ ହାତୀ ଚଳପ୍ରଚଳ କରିବା ସମୟରେ ଗାଡ଼ିମୋଟର ଅଟକି ଯାଉଥିବାରୁ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। କେବଳ ଜଙ୍ଗଲ କିମ୍ବା ଚାଷଜମି ନୁହେଁ, ଜନବସତି ଭିତରକୁ ପଶି ହାତୀ ବିଭିନ୍ନ ଘର ଭାଙ୍ଗୁଥିବା ଦେଖାଯାଉଛି। ଏପରିକି ଗାଡ଼ି ନିକଟରେ ହାତୀ ଠିଆ ହୋଇ ଗାଡ଼ିର କାଚ ଭାଙ୍ଗି ଦେଇଥିବା ଘଟଣା ମଧ୍ୟ ସ୍ଥାନୀୟଙ୍କ ଚିନ୍ତା ବଢ଼ାଇଛି। ହାତୀଙ୍କ ଚଳପ୍ରଚଳ ଯୋଗୁଁ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ବେଳେ ଜନଜୀବନ ମଧ୍ୟ ପ୍ରଭାବିତ ହେଉଛି। ହାତୀପଲକୁ ଜନବସତିଠାରୁ ଦୂରେ ରଖିବା ପାଇଁ ବନ ବିଭାଗ ରିତିମତ ଚେଷ୍ଟା ଚଳାଇଛି।

# ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ




ଶୁଳିଆପଦା, ୯।୯ (ସମିସ): ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭାଲିଆଶୋଳ ଠାରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସ୍ୱାର୍କ ୨୦୨୬ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସରିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା ବ୍ଲକ୍ ଅଧ୍ୟକ୍ଷା ପାନମଣି ମାଣ୍ଡି, ମୁଖ୍ୟ ବକ୍ତା ଭାବେ ଶୁଳିଆପଦା ତହସିଲଦାର ନାରନ ହେମ୍ବ୍ରମ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ,ସ୍ଥାନୀୟ ସରପଞ୍ଚ ରାୟମତ୍ ମୁର୍ମୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହିରଣ୍ମୟ ବେହେରା, ଜ୍ୟୋତ୍ସ୍ନାମୟୀ ଦାସ, ଭାରତୀ ନାୟକ, ବିଭୂତି ଭୂଷଣ ଭୋଇ, ଶଙ୍କର ଦୟାଳ ହେମ୍ବ୍ରମ୍, ଲକ୍ଷ୍ମୀପ୍ରିୟା ସାହୁ, ଦେବଶ୍ରୀ ଅନନ୍ୟା ଦାସ, ତପସ୍ୱିନୀ ନାଏକ, ପ୍ରତୀକ୍ଷା ଦାସ, ଗଙ୍ଗାଧର ଟୁଡୁ, ସୁବ୍ରତ ଖର୍ଡା, ଅଭିଷେକ ଆଚାର୍ଯ୍ୟ, ଦେବାଶିଷ ଧଳ, ଲଳିତ କୁମାର ପାଣିଗ୍ରାହୀ ଏବଂ ରାଜେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ।

# ଭତ୍ତା ପାଇଁ ଭିଜିଭିଜି ରାସ୍ତାରେ ପ୍ରତିବାଦ ଜଣାଇଲେ ବୃଦ୍ଧବୃଦ୍ଧା

କପ୍ତିପଦା/ଶରତ, ୯।୯ (ସମିସ): ଭତ୍ତା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ବୃଦ୍ଧବୃଦ୍ଧା। ଭତ୍ତା ଗଣ୍ଡାକ ଠିକ୍ ସମୟରେ ମିଳୁନଥିବାରୁ ପ୍ରତିବାଦ ଜଣାଇ ରାସ୍ତା ଅବରୋଧ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍‌ର ଶରତ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶରତ ଛକରେ ହିତାଧିକାରୀ ବର୍ଷାରେ ଭିଜି ଭିଜି ରାସ୍ତା ଅବରୋଧ କରିଥିଲେ। କପ୍ତିପଦା ବ୍ଲକର ଶରତ ସମେତ ୯ ଗୋଟି ପଞ୍ଚାୟତର ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ଅନିୟମିତତା ହୋଇଛି। ଏହି ପଞ୍ଚାୟତର ହିତାଧିକାରୀଙ୍କୁ ସରକାରୀ ସ୍ତରରେ ଘୋଷଣା ହୋଇଥିବା ଭତ୍ତା ଟଙ୍କା ପାଇ ପାରୁ ନ ଥିବା ବେଳେ ସରକାର ଭତ୍ତା ଟଙ୍କା ଦେଉଥିବା ବେଳେ ସରପଞ୍ଚମାନେ ସେହି ଟଙ୍କା ରଖି ହିତାଧିକାରୀଙ୍କୁ ହଜାରେ ଟଙ୍କା ପ୍ରଦାନ କରୁଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସରପଞ୍ଚ ମାନେ ମଧ୍ୟ ହିତାଧିକାରୀଙ୍କୁ ସତ କଣ ଜଣାଇଲେ ସୁଦ୍ଧା ସେମାନଙ୍କ ଉପରେ ଦୋଷ ଲଦୁଛନ୍ତି ହିତାଧିକାରୀ। ତେଣୁ ବୁଧବାର ହିତାଧିକାରୀଙ୍କ ସହିତ ସରପଞ୍ଚ ମାନେ ମଧ୍ୟ ଏହି ରାସ୍ତା ରୋକରେ ସାମିଲ ହୋଇଛନ୍ତି। ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ଟଙ୍କା ନ ମିଳିବା, ଦୀର୍ଘ ମାସ ହେବ ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଭତ୍ତା ନ ମିଳିବା ଭଳି ମୁଖ୍ୟ ଦାବି ରଖିଛନ୍ତି ହିତାଧିକାରୀ। ଶରତ ଛକରେ ହିତାଧିକାରୀ ରାସ୍ତା ରୋକ କରିଥିବା ବେଳେ କପ୍ତିପଦା - କେଉଁଝରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଶରତ ସମେତ କଳମଗଡିଆ, ରାଣୀପୋଖରୀ, ନୋଟ, ଦେବାନବାହାଲୀ, ପଦ୍ମପୋଖରୀ, ରାମଚନ୍ଦ୍ରପୁର, ଲାବଣ୍ୟଦେଇପୁର ୯ଟି ପଞ୍ଚାୟତର ହିତାଧିକାରୀ ସାମିଲ ହୋଇଛନ୍ତି ଧାରଣାରେ। ଯଦି ତୁରନ୍ତ ଏହାର ସମାଧାନ ନ ହୁଏ ତେବେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ।






# ଜାତୀୟ ରାଜପଥ କଡ଼ରୁ ହଟିଲା ଜବରଦଖଲ




ତୁରୁମୁଙ୍ଗା, ୯।୯ (ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ କଡ଼ରୁ ବୁଧବାର ଜବରଦଖଲ ଉଚ୍ଛେଦ ହୋଇଛି। ପାଟଣା ବ୍ଲକ ତୁରୁମୁଙ୍ଗା ବଜାରରେ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାରାଯାଇଛି। ଉଚ୍ଛେଦ ପୂର୍ବରୁ ରାଜପଥ କଡ଼ରେ ଥିବା ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିଛି ବ୍ୟବସାୟୀ ଜବରଦଖଲ କରି ଦୋକାନ ଖୋଲିଥିବାରୁ ମାଜିଷ୍ଟ୍ରେଟ ପାଟଣା ତହସିଲଦାର ଅଶ୍ୱିନୀ ନାଏକଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଅତିରିକ୍ତ ତହସିଲଦାର ଶରଣ ଜେନା, ଏନ୍‌ଏଚ୍‌ଆଇ ଯନ୍ତ୍ରୀ ଶୁଭାଶିଷ ସାହୁଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ସିଙ୍ଗିଡ଼ାଠାରୁ ବିଞ୍ଜାବାହାଳ ପର୍ଯ୍ୟନ୍ତ ପ୍ରାୟ ୧୦୪ କିଲୋମିଟର ଜାତୀୟ ରାଜପଥ କଡ଼ରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯିବ। ଉଚ୍ଛେଦ ପରେ ଦୀର୍ଘଦିନ ଧରି ରାଜପଥ କଡ଼ରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀଙ୍କ ଚିନ୍ତା ବଢ଼ିଛି। ଦୋକାନ ହଟିବା ପରେ ପରିବାରର ଜୀବିକା କିପରି ଚାଲିବ, ସେନେଇ ଚିନ୍ତାରେ ଥିବାବେଳେ ଥଇଥାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବ୍ୟବସାୟୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା ପାଟଣା ତହସିଲଦାର କହିଛନ୍ତି।

# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭିନ୍ନକ୍ଷମ ଅଧିକାର ସଂକ୍ରାନ୍ତ ସଚେତନତା

ବାରିପଦା, ୯।୯ (ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ସମ୍ମିଳନୀ କକ୍ଷରେ ଆଞ୍ଚଳିକସ୍ତରୀୟ ଭିନ୍ନକ୍ଷମ ଅଧିକାର ନିୟମ-୨୦୧୬ ନେଇ ସଚେତନତା ଶିବିର ଓ କୁଇଜ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଅଧିକାର, ସୁରକ୍ଷା, ସାମାଜିକ ନିରାପତ୍ତା ଅଧିନିୟମ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ପ୍ରସାଦ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର, ଡ ହେମନ୍ତ କୁମାର ଘଡ଼େଇ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଜିଲ୍ଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ ଏବଂ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ଓଏସଡି ଦେବୀ ପ୍ରସାଦ ବାରିକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ରେ ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ନିଜ ଅଭିଭାଷଣରେ ଭିନ୍ନକ୍ଷମଙ୍କ ପ୍ରତି ଦୟା ନୁହେଁ, ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସମସ୍ତଙ୍କର ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିଷୟବିଶାରଦ ରାମ କିଶୋର ଶର୍ମା ଭିନ୍ନକ୍ଷମ ଅଧିକାର ନିୟମ-୨୦୧୬ ସଂପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଅତିଥି ଓ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଲୋଚନା ଓ ପ୍ରଶ୍ନୋତ୍ତର ଅଧିବେଶନ ହୋଇଥିଲା। ଏହାପରେ ଚାରୋଟି ଜିଲ୍ଲାର ମୋଟ ୮ଟି ମହାବିଦ୍ୟାଳୟ ସାମିଲ୍ ହୋଇଥିଲେ। ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର କେକେଏସ୍ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର କଲେଜ ଅଫ୍ ଟିଚର ଏଜୁକେସନ୍, ବାରିପଦା ୟୁଜିସିଟିଇ ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ। କୁଇଜ୍ ପ୍ରତିଯୋଗିତାରେ କେକେଏସ ମହିଳା ମହାବିଦ୍ୟାଳୟ ଦଳ ବିଜୟୀ ହୋଇଥିଲା। ବିଜୟୀ ଦଳ ଓ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ଆଶୁତୋଷ ପ୍ରୟାସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ୪ଟି ଜିଲ୍ଲାର ୮ ମହାବିଦ୍ୟାଳୟ ସାମିଲ୍

# ଗଳାପୋଲ ନିର୍ମାଣ ଓ ମେମୁ ଟ୍ରେନ୍ ସମ୍ପ୍ରସାରଣ ଦାବି

ବୈଶିଙ୍ଗା, ୯।୯ (ସମିସ): ଭଗବାନପୁର ରେଳ ଲାଇନ୍ ନିକଟରେ ଗଳାପୋଲ ନିର୍ମାଣ ଏବଂ କରୋନା ମହାମାରୀ ସମୟରୁ ବନ୍ଦ ଥିବା ବାରିପଦା ମେମୁ ଟ୍ରେନ୍‌କୁ ପୁନଃ ଚଳାଚଳ କରାଇବା ସହ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ନେଇ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପୂର୍ବତନ ମୟୂରଭଞ୍ଜ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ବୈଶିଙ୍ଗାଠାରେ ପରିଷଦର କର୍ମକର୍ତ୍ତାମାନେ ଶ୍ରୀ ହାଁସଦାଙ୍କୁ ଭେଟି ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଶେଷକରି ଭଗବାନପୁର ରେଳ ଲାଇନ୍ ନିକଟରେ ଗଳାପୋଲ ନିର୍ମାଣ ହେଲେ ଯାତାୟାତରେ ସୁବିଧା ହେବା ସହ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ସେହିପରି କରୋନା ମହାମାରୀ ପରଠାରୁ ବନ୍ଦ ଥିବା ବାରିପଦା ମେମୁ ଟ୍ରେନ୍‌କୁ ପୁନଃ ଚଳାଚଳ କରାଇବାକୁ ଦାବି କରିଥିଲେ। ଏହାକୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ରଖାଯାଇଥିଲା। ଏଥିସହ ଆସନ୍ତାକାଲି କଲିକତା ଗସ୍ତ କରି ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍)ଙ୍କୁ ଭେଟି ଉଭୟ ଦାବି ସମ୍ପର୍କରେ ଆଲୋଚନା କରିବେ ବୋଲି ସେ କହିଥିଲେ। ଏହି ଅବସରରେ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ସମ୍ପାଦକ କୁଳ ମହାନ୍ତ, ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ, ଚକ୍ରଧର ମହାନ୍ତି, ଗୌରହରି ପଣ୍ଡା, ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଓ ଶିବାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ପୂର୍ବତନ ସାଂସଦଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଓ କୃତଜ୍ଞତା ଜଣାଯାଇଥିଲା।



# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ତୁରୁମୁଙ୍ଗା, ୯।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମୂଷାନାଳି ଗାଁରେ ବୁଧବାର ସକାଳୁ ବିଦ୍ୟୁତ୍ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଯୁବକ ଦୟାନିଧି ମହାନ୍ତଙ୍କ ମୃତ୍ୟୁ ଘଟିଛି। ଘରେ ବିଦ୍ୟୁତ୍ ମରାମତି କରୁଥିଲେ। ହଠାତ୍ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣା ମେଡ଼ିକାଲକୁ ଆଣିଥିଲେ। ହେଲେ ଡାକ୍ତର ଦୟାନିଧିଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

କେନ୍ଦୁଝର, ୯।୯ (ସମିସ): ବଜ୍ରପାତରେ ଆଜି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଚାଷୀ ହେଲେ ରାଇସୁଆଁ ରାଜବନ୍ଧ ଗ୍ରାମର କୁଆଁର ସୋରେନ(୪୧)। ଆଜି ସେ କ୍ଷେତରେ କାମ କରୁଥିବାବେଳେ ବଜ୍ରାଘାତର ଶିକାର ହୋଇଥିଲେ। ପରିବାର ଲୋକେ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ଆଣି ଭର୍ତ୍ତି କରିଥିଲେ ହେଁ ଡାକ୍ତର କୁଆଁରଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ଏଏସ୍‌ଆଇ ପ୍ରକାଶ ସୋରେନ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି।

# ଯୁବକଙ୍କ ଆତ୍ମହତ୍ୟା



ସାରସକଣା, ୯।୯ (ସମିସ): ସାରସକଣା ବ୍ଲକ ଝରପୋଖରିଆ ଥାନା କୁଣ୍ଡଳବଣି ଗ୍ରାମରେ ବେକରେ ଗାମୁଛା ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ କୁଣ୍ଡଳବଣି ଗ୍ରାମର ସ୍ୱର୍ଗତ ଚନ୍ଦନ ସାହୁଙ୍କ ପୁଅ ବବୁ ସାହୁ(୩୪)। ସେ ସକାଳୁ କବାଟ ନଖୋଲିବାରୁ ଲୋକେ କବାଟ ଖୋଲି ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିଥିଲେ। ପରେ ପୁଲିସକୁ ଖବର ଦେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

# ଗଞ୍ଜେଇ ଜବତ; ମହିଳା ଗିରଫ

କେନ୍ଦୁଝର, ୯।୯ (ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଓଆଇସି ଚିତ୍ତରଞ୍ଜନ ଜେନାଙ୍କ ନେତୃତ୍ୱରେ ଆଜି ଅବକାରୀ ବିଭାଗ କେନ୍ଦୁଝର ପୁରୁଣା ବଜାରସ୍ଥିତ ବୁଡୁରୁ ନିକଟ ବଇଦ୍ରସାହିଠାରୁ ମହିଳା ଗଞ୍ଜେଇ ବ୍ୟବସାୟୀ ସୁକାନ୍ତି ନାୟକ(୩୨)ଠାରୁ ୧୭କିଲୋ ଗଞ୍ଜେଇ ଜବତ କରିଛି। ଏହି ଚଢ଼ଉ ସମୟରେ ଏଏସଆଇ ଡୋଳାମଣି ପ୍ରଧାନ, କନେଷ୍ଟବଳ ମିଥୁନ ଜେନା, ଲକ୍ଷ୍ମଣ ମହାନ୍ତ, ସୁଶାନ୍ତ ମହାନ୍ତ ବବିତା ଲେଙ୍କା ପ୍ରମୁଖ ସାମିଲ ଥିଲେ। ଏହି ମହିଳାଙ୍କ ନିକଟକୁ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଏବଂ ଏହି ବେପାରର କିଏ ମାଷ୍ଟରମାଇଣ୍ଡ ତାକୁ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## କରଞ୍ଜିଆରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

# ବିକାଶମୂଳକ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ

କରଞ୍ଜିଆ, ୯।୯ (ସମିସ)



ସରକାରୀ ଯୋଜନାର କାର୍ଯ୍ୟକାରିତା, ସ୍ୱଚ୍ଛତା ଓ ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ ଯାଞ୍ଚ ନେଇ କରଞ୍ଜିଆ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତିଙ୍କ ସୌଜନ୍ୟରେ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତଙ୍କ ସମେତ ସାମାଜିକ ସମୀକ୍ଷା ସମିତିର ସଦସ୍ୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ୨୦୨୫-୨୬ ଆର୍ଥିକ ବର୍ଷରେ ମନରେଗା ଓ ପଞ୍ଚଦଶ ଅର୍ଥ କମିଶନ ଅଧୀନରେ ହୋଇଥିବା କାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା। କରଞ୍ଜିଆ ବ୍ଲକର ୧୫ଟି ପଞ୍ଚାୟତରେ ହୋଇଥିବା ୪୫ଟି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଓ ନିୟମାନୁସାରେ କାମ ହୋଇଛି କି ନାହିଁ, ସେ ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସମୀକ୍ଷା ସମୟରେ କେତେକ କାର୍ଯ୍ୟରେ ତ୍ରୁଟି ଥିବା ନେଇ ଆଲୋଚନା ହୋଇଥିଲା। ଏହି ତ୍ରୁଟିଗୁଡ଼ିକୁ ଶୀଘ୍ର ସୁଧାରିବା ସହ ୭ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ଡ. ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସମଗ୍ର ଶିକ୍ଷା ଅଭିଯାନରେ ବିଦ୍ୟାଳୟଗୁଡ଼ିକର ପାନୀୟ ଜଳ, ଶିକ୍ଷକ ନିଯୁକ୍ତି, ପରିମଳ ବ୍ୟବସ୍ଥା, ବିଦ୍ୟାଳୟ ବଗିଚା, ରୋଷେଇ ଗୃହ ଓ ଆଜବେଷ୍ଟସ୍ ଛାତ ଭଳି ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସାମାଜିକ ସମୀକ୍ଷା ସମିତି ସଦସ୍ୟ ଚନ୍ଦ୍ରକୁମାର ସାମଲେନ୍ଦୁ ଦାସ ମନରେଗାରେ ନିୟୋଜିତ ସ୍ୱଚ୍ଛତା ଶ୍ରମିକଙ୍କ ସୁରକ୍ଷା, ଜବ୍ କାର୍ଡ ଯାଞ୍ଚ, କାର୍ଯ୍ୟର ସମ୍ପୂର୍ଣ୍ଣତା ଏବଂ ଭେଣ୍ଡର ମାଧ୍ୟମରେ କାର୍ଯ୍ୟ ସମ୍ପାଦନରେ ନିୟମିତତା ଭଳି ପ୍ରସଙ୍ଗ ଉଠାଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଧର୍ମେନ୍ଦ୍ର ମହାନ୍ତ ଶିବିର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ପ୍ରେମିଯୁଗଳଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବୃଷ:** ଅବିବାହିତଙ୍କ ବିବାହ ସ୍ଥିର ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟଅତିବାହିତ କରିବେ।

**ସିଂହ:** ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଧୈର୍ଯ୍ୟ ରଖି ଚାଲିବେ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରେମ ସମ୍ପର୍କ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିପାରନ୍ତି।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ନୂଆ ନିଯୁକ୍ତିର ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ପିଲାମାନେ ଖେଳକୁଦରେ ସମୟଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଯତୀନ୍ଦ୍ର ନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାରଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।



# ‘ଲଭ୍ ଆଣ୍ଡ ୱାର୍’ ବଡ଼ ପରଦାରେ ଟିଜର୍

ବଲିଉଡ୍ ଅଭିନେତା ରଣବୀର କପୁର ଦୀର୍ଘ ଦିନ ହେଲାଣି ତାଙ୍କର ଆଗମୀ ଚଳଚ୍ଚିତ୍ର ‘ରାମାୟଣ’କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ନଭେମ୍ବର ୮ ରେ ସିନେମାହଲ୍‌କୁ ଆସିବ। ‘ରାମାୟଣ’ ବ୍ୟତୀତ ଦର୍ଶକେ ରଣବୀରଙ୍କ ଅଭିନୀତ ‘ଲଭ୍ ଆଣ୍ଡ ୱାର୍’ ଫିଲ୍ମକୁ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଆସନ୍ତାବର୍ଷ ରିଲିଜ୍ ହେବ। ହେଲେ ଏହା ପୂର୍ବରୁ ବଡ଼ ପରଦାରେ ଏହାର ଟିଜର୍ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ‘ଲଭ୍ ଆଣ୍ଡ ୱାର୍’ର ଟିଜର୍‌କୁ ‘ରାମାୟଣ’ ସହିତ ଆଟାଚ୍ କରି ଦେଖାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପ୍ରଥମେ ଫିଲ୍ମ ନିର୍ମାତା ସେପ୍ଟେମ୍ବର ୨୮ ତାରିଖରେ ରଣବୀରଙ୍କ ଜନ୍ମଦିନ ଅବସରରେ ଏହାର ଟିଜର୍ ମୁକ୍ତିଲାଭ କରିବାକୁ ଯୋଜନା କରିଥିଲେ। ହେଲେ, ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହିଁ ଏହି ଚଳଚ୍ଚିତ୍ରର ସୁଟିଂ ଶେଷ ହୋଇଛି। ଏଭଳି ସ୍ଥିତିରେ, ସେପ୍ଟେମ୍ବର ୨୮ ତାରିଖରେ ଟିଜର୍ ମୁକ୍ତିଲାଭ କରିପାରିବ ନାହିଁ। ଅବଶ୍ୟ ରଣବୀରଙ୍କ ଜନ୍ମଦିନ ଅବସରରେ ନିର୍ମାତା ଫିଲ୍ମର ଝଲକ ଦେଖାଇ ପାରନ୍ତି। ବର୍ତ୍ତମାନ ଏନେଇ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା କରାଯାଇଛି। ଏହି ଫିଲ୍ମରେ ରଣବୀରଙ୍କ ସହ ଆଲିଆ ଭଟ୍ଟ ଏବଂ ଭିକି କୌଶଲ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। ‘ଲଭ୍ ଆଣ୍ଡ ୱାର୍’ ଆସନ୍ତା ବର୍ଷ ୨୧ ଜାନୁଆରୀରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚଳଚ୍ଚିତ୍ରଟି ୨୦୨୫ ଖ୍ରୀଷ୍ଟମାସ ଅବସରରେ ରିଲିଜ୍ ହେବାର ଥିଲା। ହେଲେ, ଫିଲ୍ମ ନିର୍ମାତା ଏହାକୁ ସ୍ଥଗିତ କରିଦେଇଥିଲେ। ଏହାପରେ ଅନେକ ଥର ଖବର ଆସିଥିଲା ଯେ, ଫିଲ୍ମ ନିର୍ମାତା ଏହାକୁ ୨୦୨୬ରେ ରିଲିଜ୍ କରିପାରନ୍ତି। ଶେଷରେ ଏହାକୁ ଆସନ୍ତା ବର୍ଷ ରିଲିଜ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ‘ରାମାୟଣ’ରେ ରଣବୀର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହା ଦୁଇଟି ପାର୍ଟରେ ମୁକ୍ତିଲାଭ କରିବ। ଏହାର ପ୍ରଥମ ପାର୍ଟ ଚଳିତ ବର୍ଷ ଦୀପାବଳିରେ ମୁକ୍ତିଲାଭ କରୁଥିବାବେଳେ ଦ୍ୱିତୀୟ ଭାଗ ଆସନ୍ତା ବର୍ଷ ଦୀପାବଳିରେ ଆସିବ। ଏହି ଚଳଚ୍ଚିତ୍ରରେ ରଣବୀରଙ୍କ ସହ ଯଶ୍, ସାଇପଲ୍ଲବୀ, ସନ୍ନି ଦେଓ୍ୱଲ, ରବି ଦୁବେ, ରକୁଲ ପ୍ରୀତ ସିଂହଙ୍କ ସମେତ ବଲିଉଡ୍‌ର ଅନେକ ଆଗଧାଡ଼ିର କଳାକାର ନଜର ଆସିବେ।



# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ସମଗ୍ର ବିଶ୍ୱରେ ଆତ୍ମହତ୍ୟା ନିରୋଧ ଦିବସ ପାଳନ କରାଯାଏ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ବିରୋଧରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଲୋକଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ରୋକିବା ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ‘ଦ ଇଣ୍ଟରନାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ’ (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ପାଳନ ଆରମ୍ଭ କରାଯାଇଥିଲା। ୨୦୧୧ ମସିହାରେ ପ୍ରାୟ ୪୦ଟି ଦେଶ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପ୍ରତିବର୍ଷ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମାନସିକ ଚାପ, ଅବସାଦ ଏବଂ ନିଃସଙ୍ଗତା ଯୋଗୁଁ ନିଜ ଜୀବନ ହାରିଦିଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଆତ୍ମହତ୍ୟା ଆଜିର ଯୁବପିଢ଼ିଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ସାଜିଛି। ଗତ କିଛି ବର୍ଷ ଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଭାବେ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉ କି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ଏହି ଅବସରରେ ବିଭିନ୍ନ ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସଚେତନତା ଶୋଭାଯାତ୍ରା, ଆଲୋଚନା ଚକ୍ର ଓ କାଉନ୍‌ସେଲିଂ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ବିଷୟବସ୍ତୁ ରହିଛି– “ଆତ୍ମହତ୍ୟା ଉପରେ ଆମର ଚିନ୍ତାଧାରା ବଦଳାଇବା” ଏବଂ ଏହାର ସ୍ଲୋଗାନ ହେଉଛି “କଥାବାର୍ତ୍ତା ଆରମ୍ଭ କରନ୍ତୁ”। ଏହାର ଅର୍ଥ ହେଉଛି ମାନସିକ ଚାପ ବିଷୟରେ ଲୁଚାଇ ନ ରଖି ଖୋଲାଖୋଲି ଆଲୋଚନା କରିବା ଉଚିତ।

# ଚୀନ୍‌ରେ ବଢ଼ୁଛି ଡିସ୍‌ପୋଜେବୁଲ ଫେସନ୍ ଟ୍ରେଣ୍ଡ

ଆଜିକାଲି ଟ୍ରାଭେଲ୍ କରିବା କେବଳ ନୂଆ ଜାଗା ଦେଖିବାରେ ସୀମିତ ନାହିଁ, ବରଂ ସେହି ଜାଗାରେ ସୁନ୍ଦର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ଏକ ନୂଆ ଫ୍ୟାଶନ ପାଲଟିଛି। ଇନଷ୍ଟାଗ୍ରାମ୍ ରିଲ୍ସ ହେଉ କି ଫେସବୁକ୍ ଫଟୋ, ପ୍ରତିଟି ଲୋକେସନ ପାଇଁ ଭିନ୍ନ ଓ ଆକର୍ଷଣୀୟ ପୋଷାକ ପିନ୍ଧିବା ଆଜିର ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ। ହେଲେ ଏହି ‘ପରଫେକ୍ଟ ପିକ୍ଚର’ ପାଇବାର ନିଶା ଏବେ ଏକ ବିପଜ୍ଜନକ ରୂପ ନେଇଛି, ଯାହାର ସବୁଠାରୁ ବଡ଼ ଉଦାହରଣ ଏବେ ଚୀନ୍‌ରେ ଦେଖିବାକୁ ମିଳୁଛି। ଚୀନର ସୋସିଆଲ ମିଡିଆରେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଶୀଘ୍ର ଲୋକପ୍ରିୟ ହୋଇଛି, ଯାହାକୁ ‘ଡିସ୍‌ପୋଜେବୁଲ୍ ଫ୍ୟାଶନ’ କୁହାଯାଉଛି। କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ପୋଷାକଗୁଡ଼ିକୁ ବଡ଼ ବଡ଼ ସୁଟକେସ୍ ବୋହି ନେବା ଏବଂ କପଡ଼ା ସଫା କରିବା ଏକ ବଡ଼ ସମସ୍ୟା। ଏହି ସମସ୍ୟାର ସହଜ ସମାଧାନ ଭାବେ ଚୀନ୍‌ର ପର୍ଯ୍ୟଟକମାନେ ଏହି ‘ଡିସପୋଜେବୁଲ୍ ପୋଷାକ’କୁ ଆପଣେଇ ନେଇଛନ୍ତି। ଚୀନର ଅନଲାଇନ୍ ବଜାରରେ ଏହି କପଡ଼ାଗୁଡ଼ିକର ଦାମ୍ ପ୍ରାୟ ୧୩୦ ରୁ ୬୦୦ ଟଙ୍କା ମଧ୍ୟରେ ବିକ୍ରି କରାଯାଏ। ପର୍ଯ୍ୟଟକମାନେ ଭାବନ୍ତି, ଯେତେବେଳେ ଏତେ ଶସ୍ତାରେ ନୂଆ ପୋଷାକ ମିଳୁଛି, ସେତେବେଳେ ପୁରୁଣା କପଡ଼ା ଧୋଇବା ବା ବୋହିବା କ’ଣ ଦରକାର? ନୂଆ ଜାଗାକୁ ଯାଅ, ଅନ୍‌ଲାଇନ୍‌ରୁ ଶସ୍ତା କପଡ଼ା ମଗାଅ, ଫଟୋ ଉଠାଅ ଏବଂ ସେହିଦିନ ହିଁ ତାକୁ ଡଷ୍ଟବିନ୍‌ରେ ଫିଙ୍ଗିଦିଅ! ଏହି ପୋଷାକଗୁଡ଼ିକର ବିଶେଷତ୍ୱ ହେଉଛି, ଏଗୁଡ଼ିକ ସାଧାରଣ ବ୍ୟବହାର ପାଇଁ ତିଆରି ହୋଇନଥାଏ। ପର୍ଯ୍ୟଟନ ସ୍ଥଳକୁ ଆଖିରେ ରଖି ଏହାର ଡିଜାଇନ୍ କରାଯାଇଥାଏ। ସମୁଦ୍ର କୂଳ ପାଇଁ ରଙ୍ଗିନ୍ ବିଚ୍-ୱେୟର, ଐତିହାସିକ ସ୍ଥାନ ପାଇଁ ଚୀନର ପାରମ୍ପରିକ ‘ହାନଫୁ’ ପୋଷାକ ଏବଂ ପାହାଡ଼ିଆ ଅଞ୍ଚଳ ପାଇଁ ସେହି ଅଞ୍ଚଳର ପାରମ୍ପରିକ ପୋଷାକ ଖୁବ୍ ଶସ୍ତାରେ ଉପଲବ୍ଧ ହେଉଛି। ‘ଡୋୟିନ୍’ (ଚୀନର ଟିକ୍‌ଟକ୍) ଏବଂ ‘ସିଆଓହଙ୍ଗସୁ’ ଭଳି ସୋସିଆଲ ମିଡିଆ ସାଇଟ୍‌ଗୁଡ଼ିକରେ ପ୍ରଭାବଶାଳୀ ଇନଫ୍ଲୁଏନ୍ସରମାନେ ଏହାକୁ ଏଭଳି ପ୍ରୋତ୍ସାହିତ କରୁଛନ୍ତି ଯେ, ସାଧାରଣ ଲୋକେ ଏହାକୁ ଏକ ଷ୍ଟାଇଲ୍ ଷ୍ଟେଟମେଣ୍ଟ ଭାବେ ଗ୍ରହଣ କରୁଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ପୋଷାକ ଏଭଳି ଫିଙ୍ଗାଯିବା ଦ୍ୱାରା ପୃଥିବୀରେ କପଡ଼ା ଆବର୍ଜନା ପାହାଡ଼ ସଦୃଶ ବଢ଼ିବାରେ ଲାଗିଛି, ଯାହା ମାଟିରେ ସହଜରେ ମିଶେ ନାହିଁ। ତେବେ ଏତେ କମ୍ ଦାମରେ ତିଆରି ହେଉଥିବା ଏହି ପୋଷାକଗୁଡ଼ିକରେ କେମିକାଲ୍ ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ମାତ୍ରା ଅଧିକ ଥାଏ, ଯାହା ତ୍ୱଚା ପାଇଁ କ୍ଷତିକାରକ ଏବଂ ଏଥିଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଲୋକଙ୍କ ପାଇଁ ଏହି ଟ୍ରେଣ୍ଡ ଶସ୍ତା ଏବଂ ସୁବିଧାଜନକ ହୋଇଥାଇପାରେ, କିନ୍ତୁ ପରିବେଶ ବିଶେଷଜ୍ଞ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ଏହାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

### ମାଣ୍ଡିଆ ମଣ୍ଡା



**ଆବଶ୍ୟକ ସାମଗ୍ରୀ**

ଚାଉଳ – ଦୁଇ କପ୍, ମାଣ୍ଡିଆ – ଏକ କପ୍, ନଡ଼ିଆ କୋରା - ଦୁଇ କପ୍, ଚିନି – ଏକ କପ୍, ଗୁଡ଼- ଏକ କପ୍, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଚାଉଳ ଓ ରାଗି ବତୁରାଇ ଦୁଇରୁ ତିନି ଘଣ୍ଟା ରଖି ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ବାଟନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ପାଣି ଦେଇ ଏକ ଚାମଚ ଘିଅ, ଲୁଣ, ଚିନି ଦେଇ ବଟା ଚାଉଳକୁ ଦେଇ ବହଳିଆ ହେବା ଯାଏ ଏପାଖସେପାଖ କରନ୍ତୁ। ଗ୍ୟାସ୍ ବନ୍ଦ କରି ଥାଳିରେ ସାମାନ୍ୟ ଘିଅ ଦେଇ ଏହାକୁ କାଢ଼ି ଦିଅନ୍ତୁ। ପରେ ଏକ କଡ଼େଇ ନେଇ ସେଥିରେ ଗୁଡ଼, ଘିଅ ଓ ନଡ଼ିଆ କୋରା ଭାଜି ପୁର ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ଲେଟ୍‌ରେ କାଢ଼ି ଥଣ୍ଡା ହେବାକୁ ଛାଡ଼ନ୍ତୁ। ପ୍ରସ୍ତୁତ କରି ରଖିଥିବା ମାଣ୍ଡିଆକୁ ହାତରେ ଚକଟି ଗୁଳା ପ୍ରସ୍ତୁତ କରି ନଡ଼ିଆ କୋରା ଦେଇ ମଣ୍ଡା ଗଢ଼ନ୍ତୁ। ଏକ ଇଡ୍‌ଲି ଛାଞ୍ଚରେ ପାଣି ଦେଇ ମଣ୍ଡାଗୁଡ଼ିକୁ ଦେଇ ଷ୍ଟିମ୍ ହେବାକୁ ଛାଡ଼ି ଦିଅନ୍ତୁ। ୨୦ ମିନିଟ୍ ପରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ‘ମାଣ୍ଡିଆ ମଣ୍ଡା’।

## ମଥାରୁ ବିନ୍ଦି ବାରମ୍ବାର ଖସୁଥିଲେ...



ଅନେକ ସମୟରେ ଝାଳ ସଂସ୍ପର୍ଶରେ ଆସି ବିନ୍ଦି ଖସିଯାଏ। ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ିଦିଏ। ତେଣୁ ଏହି ସମସ୍ୟାକୁ ସରଳ ଉପାୟ ଆପଣାଇ ସମାଧାନ କରିପାରିବେ।

- ଅଧିକାଂଶ ମହିଳା ମଏଶ୍ଚରାଇଜର୍ ଲଗାଇବା ପରେ ସନ୍‌ସ୍କ୍ରିନ୍ ଫାଉଣ୍ଡେସନ୍ ନ ଲଗାଇ ସିଧାସଳଖ ବିନ୍ଦି ଲଗାନ୍ତି। ଫଳରେ ତ୍ୱଚାରେ ଥିବା କ୍ରିମ୍, ଝାଳ ଯୋଗୁଁ ବିନ୍ଦି ଖସିଯାଏ। ତେଣୁ ବିନ୍ଦି ଲଗାଇବା ପୂର୍ବରୁ ପ୍ରଥମେ ତୂଳା ସାହାଯ୍ୟରେ ମଥାକୁ ପୋଛି ସଫା କରନ୍ତୁ। ଏହାପରେ କମ୍ପାକ୍ଟ କିମ୍ବା ଲୁଜ୍ ପାଉଡର ଲଗାଇ ଟିକିଲି ଲଗାନ୍ତୁ।
- ସେହିପରି ବିନ୍ଦିକୁ ଶକ୍ତ କରି ଲଖାଇବା ପାଇଁ ଆଇଲ୍ୟାସ୍ ଗ୍ଲୁ ମଧ୍ୟ ଲଗାଇପାରିବେ। ଏହା ବିନ୍ଦି ଖସିବା ସମସ୍ୟାକୁ ଦୂର କରିଥାଏ। ଏଥିପାଇଁ ବିନ୍ଦି ପଛ ପାଖରେ ଅଠା ଲଗାଇ ପାଞ୍ଚମିନିଟ୍ ରଖନ୍ତୁ। ଏହାପରେ ମଥାରେ ଲଗାନ୍ତୁ।
- ଆଇଲ୍ୟାସ୍ ଗ୍ଲୁ ସାହାଯ୍ୟରେ ଗୋଟିଏ ବିନ୍ଦିକୁ ବାରମ୍ବାର ଲଗାଇପାରିବେ। ପାର୍ଟି, ଫଙ୍କସନ୍‌ରେ ମଧ୍ୟ ଏହି ବିନ୍ଦି ଖସେନି।

## ଶୁଷ୍କ ତ୍ୱଚାର ଯତ୍ନ

ଶୁଷ୍କ ତ୍ୱଚା ଏକ ସାଧାରଣ ସମସ୍ୟା ହୋଇଥିବାବେଳେ ଏହା ସବୁ ବର୍ଗର ମହିଳାଙ୍କୁ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ, ଯଥେଷ୍ଟ ପାଣି ନ ପିଇବା, ସାବୁନ ବ୍ୟବହାର ଆଦି ପାଇଁ ତ୍ୱଚାର ପ୍ରାକୃତିକ ଆର୍ଦ୍ରତା ନଷ୍ଟ ହୋଇଯାଏ। ଫଳରେ ତ୍ୱଚା ଶୁଷ୍କ, ରୁକ୍ଷ ହୋଇଯାଏ। ତେଣୁ ଠିକ୍ ସ୍କିନ କେୟାର ରୁଟିନ ଆପଣାଇ ଏହାର ଯତ୍ନ ନେଇପାରିବେ।

**ନଡ଼ିଆ ତେଲ**

ଶୁଷ୍କ ତ୍ୱଚା ପାଇଁ ନଡ଼ିଆ ତେଲ ଉତ୍ତମ ଏବଂ ବେଶ୍ ପ୍ରଭାବୀ ହୋଇଥାଏ। ଏଥିରେ ଥିବା ପ୍ରାକୃତିକ ଫ୍ୟାଟି ଏସିଡ୍ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ। ରାତିରେ ଶୋଇବା ପୂର୍ବରୁ ତ୍ୱଚାରେ ମସାଜ୍ କଲେ ଏହା ଦୀର୍ଘ ସମୟ ସତେଜ ରହିଥାଏ।

**ଆଲୋଭେରା ଜେଲ୍**

ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ତ୍ୱଚାକୁ ଥଣ୍ଡା ଏବଂ ଆର୍ଦ୍ରତା ପ୍ରଦାନ କରିଥାଏ। ସତେଜ ଆଲୋଭେରାକୁ ମୁହଁରେ ୧୫- ୨୦ ମିନିଟ୍ ଲଗାଇ ରଖିବା ଦ୍ୱାରା ତ୍ୱଚା ହାଇଡ୍ରେଟ୍ ଏବଂ ସତେଜ ଦିଶିଥାଏ। ନିୟମିତ ବ୍ୟବହାର କଲେ ଶୁଷ୍କପଣ କମ୍ ହୋଇଥାଏ।

## ହର୍ବାଲ୍ ସାବୁନ୍‌ରୁ ସ୍ୱାବଲମ୍ବୀ

ଗାଈ, ମଇଁଷି ଭଳି ଛେଳି କ୍ଷୀର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି, ହଜମକ୍ରିୟା, ଏବଂ ପ୍ଲେଟ୍‌ଲେଟ୍ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପୋଷକ ତତ୍ତ୍ୱରେ ପୂର୍ଣ୍ଣ ଏହି କ୍ଷୀର ଏବେ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିଛି। ବିହାର ମୁଙ୍ଗେର ଜିଲ୍ଲାର ମହିଳାମାନେ ଛେଳିକ୍ଷୀରକୁ ଉପଯୋଗ କରି ବିଭିନ୍ନ ହର୍ବାଲ ସାବୁନ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏହି ସାବୁନ୍ ସମ୍ବେଦନଶୀଳ ତ୍ୱଚା ପାଇଁ ଲାଭଦାୟକ ହେବା ସହ ଆଲର୍ଜି, ଏକ୍‌ଜିମା ଭଳି ଚର୍ମ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।





ବିହାର ମୁଙ୍ଗେର କଟାରିୟା ଗ୍ରାମର ମହିଳାମାନେ ପ୍ରାକୃତିକ ଉପାଦାନରେ ସାବୁନ୍ ପ୍ରସ୍ତୁତ କରୁଛନ୍ତି। ମହିଳାଙ୍କ କହିବାନୁଯାୟୀ ଏଥିପାଇଁ ପ୍ରଥମେ ସତେଜ କ୍ଷୀର ସଂଗ୍ରହ କରିବାକୁ ପଡ଼େ। ଏହାକୁ ଛାଣି ନଡ଼ିଆ ତେଲ ଏବଂ ଅଲିଭ୍ ତେଲ ମିଶାଯାଏ। ଏହାପରେ ଏହାକୁ ନିୟନ୍ତ୍ରିତ ମାତ୍ରାରେ ସୋଡ଼ିୟମ୍ ହାଇଡ୍ରକ୍ ସାଇଡ୍ ଘୋଳ ପ୍ରସ୍ତୁତ କରି ତେଲ ଏବଂ ଦୁଗ୍ଧ ମିଶ୍ରଣ କରାଯାଏ। ଏହି ମିଶ୍ରଣକୁ ବହଳିଆ ହେବା ଯାଏ ଘାଣ୍ଟି ଛାଞ୍ଚରେ ପକାଇ ଥଣ୍ଡା କରାଯାଏ। ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଏହି ମିଶ୍ରଣ ଜମିଯାଏ। ଏହାକୁ ତିନିରୁ ଚାରି ସପ୍ତାହ ଏକ ଶୁଖିଲା ସ୍ଥାନରେ ରଖାଯାଏ। ଏହି ପ୍ରକ୍ରିୟାକୁ କ୍ୟୋରିଂ କୁହାଯାଏ। ମହିଳାମାନେ ଚାରିପ୍ରକାର ସୁଗନ୍ଧ ଯୁକ୍ତ ସାବୁନ୍ ପ୍ରସ୍ତୁତ କରିଥାନ୍ତି। ଏଥିରେ ଭାନିଲା, ଲାଭେଣ୍ଡର, ଲେମନ୍‌ଗ୍ରାସ, ଚନ୍ଦନ ସାବୁନ୍ ରହିଛି। ଏହି ସାବୁନ୍ ପ୍ରସ୍ତୁତିରେ ୨୦-୨୨ ଦିନ ସମୟ ଲାଗିଥାଏ।

ମହିଳାଙ୍କ ପାଇଁ ଏହି କାର୍ଯ୍ୟ ଏତେ ସହଜ ନ ଥିଲା। ସେବା ଭାରତ କୋର୍ଡିନେଟର ସୁଶ୍ମିତା ଗୋସ୍ୱାମୀଙ୍କ କହିବାନୁଯାୟୀ, ଦୁଇବର୍ଷ ଧରି ସେ ସାବୁନ ପ୍ରସ୍ତୁତ ପ୍ରକ୍ରିୟା ଜାରି ରଖିଛନ୍ତି। ଅନେକ ଥର ସାବୁନ୍ ଭଲ ହେବା ସହ ଅନେକ ଥର ଖରାପ ମଧ୍ୟ ହେଉଥିଲା। ତଥାପି ମହିଳାମାନେ ନିରାଶ ନ ହୋଇ ପ୍ରୟାସ ଜାରି ରଖିଥିଲେ। ଏବେ ମହିଳାମାନେ ୪୦୦୦ ରୁ ଊର୍ଦ୍ଧ୍ୱ ସାବୁନ୍ ପ୍ରସ୍ତୁତ କରି ବିକ୍ରିବଟା କରୁଛନ୍ତି। ମୁଙ୍ଗେରରେ ଗୋଟିଏ ସାବୁନ୍ ମୂଲ୍ୟ ୬୦, ୭୦ ଟଙ୍କା ଥିବାବେଳେ, ଜିଲ୍ଲା ବାହାରେ ଏହା ୧୫୦ ଟଙ୍କା ମୂଲ୍ୟରେ ବିକ୍ରି ହୋଇଥାଏ। ଏଥିରେ ୧୫ରୁ ଊର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କ ସଂଖ୍ୟା ୩୦-୪୦ କରିବାକୁ ପ୍ରୟାସ କରୁଛନ୍ତି।

## ଓଢ଼ଣି ପରିବର୍ତ୍ତେ ଆକର୍ଷଣୀୟ କେପ୍



ପୂଜାପର୍ବାଣିରେ ମହିଳାମାନେ ଅଳଙ୍କାର ସହ ପୋଷାକକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି। ଲେହେଙ୍ଗା ଏବଂ ସୁଟ୍ ସହ ଓଢ଼ଣି ପକାଇ ବିରକ୍ତି ଲାଗୁଥିଲେ, ଏଥିରେ ପରିବର୍ତ୍ତନ କରିପାରିବେ। ଏହା ବଦଳରେ କେପ୍ ପିନ୍ଧି ନିଜକୁ ଏକ ଭିନ୍ନ ଲିକ୍ ଦେଇପାରିବେ।

**ଫେଷ୍ଟିଭ୍ ଫେଶନ**

ଏହା ଦେଖିବାକୁ ଯେତିକି ଷ୍ଟାଇଲିଶ୍, ପିନ୍ଧିବାକୁ ସେତିକି ସହଜ ହୋଇଥାଏ। କାନ୍ଧରୁ ବାରମ୍ବାର ଖସେନି କି ଟେକିବାକୁ ପଡ଼େନି। ବିଶେଷ କରି ପୂଜାପର୍ବରେ ଏହା ପସନ୍ଦିତା ଫେଷ୍ଟିଭ୍ ୱେୟର ଭାବେ ଜଣାଯାଏ। ଏହାକୁ ଲେହେଙ୍ଗା ସମେତ ଅନ୍ୟାନ୍ୟ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ।


**ଲେହେଙ୍ଗାକୁ ମାନିବ**

ପାର୍ଟି, ଫଙ୍କ୍‌ସନ୍‌ରେ ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ କୌଣସି ଓଜନିଆ ଓଢ଼ଣି ବଦଳରେ ହାଲ୍‌କା କେପ ପିନ୍ଧିପାରିବେ। ଏଥିପାଇଁ ନେଟ୍ ଅର୍ଗାଞ୍ଜା ସିଫନ୍ କେପ ପିନ୍ଧିପାରିବେ। ସେହିପରି ଲେହେଙ୍ଗାରେ ଭାରିକାମ ଥିଲେ କେପ୍ ହାଲକା ରଖନ୍ତୁ। ଏଥିସହ ସିମ୍ପଲ ଲେହେଙ୍ଗାକୁ ଏମ୍ବ୍ରୋଡୋରୀ ଏବଂ ଜରିକାମ ଲେହେଙ୍ଗା ଭଲ ମାନିଥାଏ।

# ୟୁଏସ୍ ଓପନ୍: ଡିଫେଣ୍ଡିଂ ଚାମ୍ପିଅନ ଆଲକାରାଜ୍ ବିଦା

ନ୍ୟୁୟର୍କ, ୯।୯ (ଏଜେନ୍ସି): ୟୁଏସ୍ ଓପନ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟିଛି । ୮ମ ସିଡ୍ ଆମେରିକାର ବେନ୍ ଶେଲଟନ ବିଚକ୍ଷଣ ଖେଳ ପ୍ରଦର୍ଶନ କରି ଆଲ୍‌କରାଜଙ୍କୁ ୬-୭, ୬-୧, ୬-୩, ୧-୬, ୭-୬ ସେଟ୍‌ରେ ସେଲ୍‌ଟନ ପରାସ୍ତ କରିଛନ୍ତି । ଏହା ଫଳରେ ସେମିଫାଇନାଲରେ ସେ ନିଜ ଦେଶର ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ଭେଟିବେ । ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଟିଆଫୋଏ ଲଢୁଆ ଖେଳ ସହ ନିଜ ଦେଶର ଅଣସିଡେଡ ଖେଳାଳି ଆଲେକ୍ସ ମିଚେଲସେନ୍‌ଙ୍କୁ





୩-୨ ସେଟରେ ହରାଇଥିଲେ । ଏହି ମ୍ୟାଚ୍‌ଟି ୪ଘଣ୍ଟା ୨୮ ମିନିଟରେ ଶେଷ ହୋଇଥିଲା । ଆଜି ଖେଳାଯିବାକୁ ଥିବା ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ଆଲେକଜାଣ୍ଡର ଜ୍ୱେରେଭଙ୍କ ସହ ବୋଟିକ୍ ଭାନ ଡି ଝ୍କଲଡପ୍‌ଙ୍କ ସହ ଏବଂ ନଂ-୨୮ ସିଡ୍ ଆଲେକଜାଣ୍ଡର ବ୍ଲକ୍ସଙ୍କ ସହ ଅଣସିଡେଡ ଖେଳାଳି କାରେନ ଖାଚାନୋଭଙ୍କର ଲଢ଼େଇ ହେବ ।

## ସେମିରେ ସାବାଲେଙ୍କା-ପେଗୁଲା

ମହିଳା ସିଙ୍ଗଲ୍‌ସର ପ୍ରଥମ ସେମିଫାଇନାଲରେ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ୩ୟ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ମୁକାବିଲା ହେବ । ଚଳିତବର୍ଷ ୱିମ୍ବଲଡନ ଚାମ୍ପିଅନ୍ ଚେକିଆର ଲିଣ୍ଡା ନୋସ୍କୋଭାଙ୍କୁ ହରାଇବା ପାଇଁ ବେଲାରୁଷର ସାବାଲେଙ୍କା ନାକେଦମ୍ ହୋଇ ଯାଇଥିଲେ । ୨ ଘଣ୍ଟା ୨୨ ମିନିଟର ମୁକାବିଲାରେ ନୋସ୍କୋଭାଙ୍କୁ ୭-୬, ୩-୬, ୭-୬ ସେଟ୍‌ରେ ସାବାଲେଙ୍କା ପରାସ୍ତ କରିଛନ୍ତି । କ୍ୱାର୍ଟରରେ ୩ୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ଜିତିବା ପାଇଁ ମଧ୍ୟ ୩ଟି ସେଟ୍ ଖେଳିବାକୁ ପଡ଼ିଥିଲା । ୨ ଘଣ୍ଟା ୨୧ ମିନିଟର ଲଢ଼େଇରେ ୨୬ନଂ ସିଡ୍ ଆମେରିକାର ଏମ୍ମା ନାଭାରୋଙ୍କୁ ୩-୬, ୬-୪, ୬-୩ ସେଟ୍‌ରେ ପେଗୁଲା ହରାଇଥିଲେ । ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ କୋକୋ ଗଫ୍‌ଙ୍କ ସହ ମୀରା ଆନ୍ଦ୍ରୀଭାଙ୍କର ଓ ନଂ-୨ ଏଲିନା ରିବାକିନାଙ୍କ ସହ କ୍ୱିନେନ୍ ଝେଙ୍ଗ୍‌ଙ୍କର ମୁକାବିଲା ହେବ ।

## ପାରା ଆର୍ଚରୀ ସିରିଜ୍ | ଶିତଲ ଦେବୀଙ୍କୁ ସ୍ୱର୍ଣ୍ଣ

ଅହମ୍ମଦାବାଦ୍, ୯।୯ (ଏଜେନ୍ସି): ଭାରତର ଶିତଲ ଦେବୀ ଏଠାରେ ଚାଲିଥିବା ୱାର୍ଲ୍ଡ




ପାରା ଆର୍ଚରୀ ସିରିଜ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଆଜି ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ଏକକ ଫାଇନାଲରେ ସେ ୬-୦ରେ କାଜାଖସ୍ତାନର ଆଇଜାଦା ସେଇଦାନଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ଜନ୍ମରୁ ଦୁଇଟିଯାକ ହାତ ନ ଥିବା ବିଶ୍ୱର ଏହି ପ୍ରଥମ ପାରା ଆର୍ଚର ନିଜ ଗୋଡ଼ ସାହାଯ୍ୟରେ ବିଶ୍ୱରେ ଶ୍ରେଷ୍ଠତ୍ୱ ଲାଭ କରିଛନ୍ତ । ସେହିପରି ଭାରତର ହରବିନ୍ଦର ସିଂହ ଓ ଭାବନା ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ମହିଳା ରିକର୍ଭ ଏକକରେ ରାଜଶ୍ରୀ ରାଠୋଡଙ୍କୁ ହରାଇ ଭାବନ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । କମ୍ପାଉଣ୍ଡ କାଟେଗୋରୀରେ ତୋମାନ କୁମାର ଆଉ ଏକ କାଂସ୍ୟ ପଦକ ହାସଲ କରିଛନ୍ତି ।

ଗତକାଲି ଭାରତର ଡିଫେଣ୍ଡିଂ ଚାମ୍ପିଅନ ତୋମାନ କୁମାର ଓ ଶ୍ୟାମସୁନ୍ଦର ସ୍ୱାମୀ ପୁରୁଷ କମ୍ପାଉଣ୍ଡ ପେୟାରରେ, ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ସେହିପରି ମହିଳା ବିଭାଗ ରିକର୍ଭ ଟିମ୍ ଭାବନା ଓ ପୂଜା ଭଲ ପ୍ରଦର୍ଶନ କରି ନ ପାରି ରୌପ୍ୟ ପଦକ ଜିତିଥିଲେ । ଓଡ଼ିଶାର ପାୟଲ ନାଗ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ ।

## ଏସୀୟ ରଗ୍‌ବୀ ସିରିଜ୍

## ଜାତୀୟ ସିନିଅର କ୍ୟାମ୍ପରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୯।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ୍-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀଲଙ୍କାରେ ଅକ୍ଟୋବର ୧୭ରୁ ୧୮ ତାରିଖଯାଏ ଅନୁଷ୍ଠିତ ହେବ । ଏହି ସିରିଜ୍ ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ଦଳର ପ୍ରସ୍ତୁତି ଶିବିର କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ



ସେଣ୍ଟରରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୪ ତାରିଖ ଯାଏ ଚାଲିତବ । ଏହି ଶିବିର ଲାଗ ହାଇ ପରଫର୍ମାନ୍ସ କୋଚିଂ ଟିମ୍ ନିୟୋଜିତ କରାଯାଇଛି । ଏ ସମ୍ପର୍କରେ ସବିଶେଷ ବିବରଣୀ ପରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଶିବିର ଲାଗି ମନୋନୀତ ଭାରତୀୟ ସିନିଅର ପୁରୁଷ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡା ମାଝୀ ଓ ଯୁଗଳ କିଶୋର ମାଝୀ । ଏମାନେ ଶ୍ରୀଲଙ୍କା ଲେଗ୍ ଲାଗି ଜୋରଦାର ପ୍ରସ୍ତୁତି କରିବେ ବୋଲି ଜଣାଯାଇଛି । ଶିବିର ପରେ ଖେଳାଳି ଚୟନ କରାଯିବ ।

## ଦୁଲୀପ୍ ଟ୍ରଫି: ଇଶାନ କିଶାନ, ଶିଖର ମୋହନଙ୍କ ଅର୍ଦ୍ଧଶତକ

# ଟାଇଟଲ୍ ବିଜୟର ଦ୍ୱାରଦେଶରେ ପୂର୍ବାଞ୍ଚଳ

ଚେନ୍ନଇ, ୯।୯ (ଏଜେନ୍ସି)

ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିରେ ପ୍ରତିଦ୍ୱନ୍ଦ୍ୱୀ ପୂର୍ବାଞ୍ଚଳ ଟାଇଟଲ ବିଜୟର ଦ୍ୱାରଦେଶରେ ପହଞ୍ଚିଛି । ଏହି ମ୍ୟାଚ୍ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯାଉଥିଲାବେଳେ ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ୩୭୨ ରନ୍‌ର ଅଗ୍ରଣୀ ନେଇ ଟାଇଟଲ ଜିତିବାର ରାସ୍ତା ପରିଷ୍କାର କରିନେଇଛି । ଏତେ ବିଶାଳ ରନ୍ ଅଗ୍ରଣୀ ନେବା ଓ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩୩୬ ରନ୍‌ରେ ଆଉଟ ହୋଇ ଫଲୋଅନ୍ ହୋଇଥିଲେ ମଧ୍ୟ ପୂର୍ବାଞ୍ଚଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦ୍ୱିତୀୟ ଇନିଂସରେ ଇଶାନ କିଶାନ ୮୦ ଓ ଶିଖର ମୋହନ ୫୨ ରନ୍ କରିବା ଫଳରେ ଚତୁର୍ଥ ଦିନ ଖେଳ ବନ୍ଦବେଳକୁ ପୂର୍ବାଞ୍ଚଳ ୫ ୱିକେଟ ହରାଇ ୨୧୨ ରନ୍ ସଂଗ୍ରହ କରିନେଇଛି । ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ପୂର୍ବାଞ୍ଚଳ ୫୮୪ ରନ୍‌ରେ ଆଗୁଆ ରହି ଟାଇଟଲ ଜିତିବା ସ୍ପଷ୍ଟ କରିଛି । ଆସନ୍ତାକାଲି ୫ମ ତଥା ଶେଷ ଦିନରେ କିଛି ସମୟ ବ୍ୟାଟିଂ କରିବା ପରେ



ପୂର୍ବାଞ୍ଚଳ ଇନିଂସ ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ପରେ ବୋଲରମାନେ ଦକ୍ଷିଣାଞ୍ଚଳ ବ୍ୟାଟରଙ୍କୁ ପାଭିଲିଅନ୍ ଫେରାଇବା ଲାଗି ଚେଷ୍ଟା କରିବ । ଚେନ୍ନଇର ଅସହ୍ୟ ଗରମ ଯୋଗୁଁ ପୂର୍ବାଞ୍ଚଳ ଫଲୋଅନ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ହୋଇଛି ।

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ଦକ୍ଷିଣାଞ୍ଚଳ କିଛି ଲଢୁଆ ବ୍ୟାଟିଂ କରିବ ବୋଲି ଆଶା କରାଯାଉଥିଲା । ଗତକାଲିର ଦୁଇ ଅପରାଜିତ ବ୍ୟାଟର ଚାମା ମିଲିନ୍ଦ ଓ ତିଲକ ବର୍ମା ଆଶାନୁଯାୟୀ ବ୍ୟାଟିଂ କରିଥିଲେ । କିନ୍ତୁ ୭ମ ୱିକେଟରୁ ଏମାନେ ୭୮ ରନ୍ ଉଠାଇବା ପରେ ଚାମା ୪୩ ରନ୍ କରି ଦଳୀୟ ସ୍କୋର ୩୧୮ରେ ଆଉଟ ହୋଇଥିଲେ । ଏହି ଯୋଡି ଭାଙ୍ଗିବା ସହ ଦକ୍ଷିଣାଞ୍ଚଳ ୧୮ ରନ୍‌ରେ ଶେଷ ୪ଟି ୱିକେଟ ହରାଇ ୩୩୬ ରନ୍‌ରେ ଅଲଆଉଟ ହୋଇ ପୂର୍ବାଞ୍ଚଳର ଦୁଲୀପ୍ ଟ୍ରଫି ଜିତିବା ରାସ୍ତା ପରିଷ୍କାର କରିଦେଇଥିଲା । ଶତକ ହାସଲ କରିବା ଲାଗି ରିସ୍କ ଓ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ୯୯ ରନ୍‌ରେ ୧୦ତମ ତଥା ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ । ପୂର୍ବାଞ୍ଚଳ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ଟି, ମହମ୍ମଦ୍ ସାମି, ମହମ୍ମଦ୍ କୌନେନ୍ କ୍ୟୁରେଶୀ ଓ ଶିଖର ମୋହନ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ।

୩୭୨ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇ ଏହି ମ୍ୟାଚ୍‌କୁ କବ୍‌ଜା କରିବା ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ପୂର୍ବାଞ୍ଚଳ ୧୩ରନ୍‌ରେ ୨ଜଣ ଓପନରଙ୍କୁ ହରାଇଥିଲା । ଏହା ପରେ ମୋହନ ଓ କିଶାନ ତୃତୀୟ ୱିକେଟରେ ୧୨୬ ରନ୍ ଉଠାଇ ସ୍ଥିତି ସମ୍ଭାଳିଥିଲେ ଓ ଆଗ ପଛ ହୋଇ ଆଉଟ ହୋଇଯାଇଥିଲେ । ପ୍ରଥମ ଇନିଂସରେ ୨୭୦ ରନ୍ କରିଥିବା କିଶାନ ଏଠାରେ ୯୮ ବଲ୍ ଖେଳି ୯ ଚୌକା ଓ ୩ଛକା ସହ ୮୦ ଏବଂ ୮୫ ରନ୍ କରିଥିବା ମୋହନ ୮୫ବଲ୍‌ରୁ ୫୨ ରନ୍ କରିଥିଲେ । ଏହି ମ୍ୟାଚ୍‌ରେ ସୁଦୀପ ଘରାମି (୨) ରନ୍‌ଆଉଟ ହେବା ପରେ ୧୬୦ ରନ୍‌ରେ ପୂର୍ବାଞ୍ଚଳର ୫ମ ୱିକେଟ ପଡ଼ିଥିଲା । କିନ୍ତୁ କ୍ୟୁରେଶୀ ୩୦ବଲ୍‌ରୁ ୨୬ ଏବଂ ପ୍ରଥମ ଇନିଂସ ସେଞ୍ଚୁରିଆନ୍ କୁମାର କୁଶାଗ୍ର ୫୫ବଲ୍‌ରୁ ୩୪ ରନ୍ କରି ଶେଷଯାଏ ଅପରାଜିତ ରହିବା ଫଳରେ ପୂର୍ବାଞ୍ଚଳର ଆଉ କୌଣସି କ୍ଷତି ହୋଇ ନ ଥିଲା । ଏମାନେ ଅବିଭକ୍ତ ୬ଷ୍ଠ ୱିକେଟରୁ ୫୨ ରନ୍ ଉଠାଇ ଦଳକୁ ନିରାଶରୁ ରକ୍ଷା କରିଥିଲେ ।

### ● ଆଇସିସି ଦିନିକିଆ ମାନ୍ୟତା

## ଲଗାତାର ୩୫ ମାସ ଧରି ଶୀର୍ଷରେ ଭାରତ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ର ନୂଆ ଦିନିକିଆ ଦଳୀୟମାନ୍ୟତାରେ ଭାରତ ଲଗାତାର ୩୫ତମ ମାସ ପାଇଁ ଶୀର୍ଷସ୍ଥାନ ବଜାୟ ରଖିଛି । ୩୩ଟି ମ୍ୟାଚ୍‌ରୁ ୩,୮୪୧ ପଏଣ୍ଟ ସହ ଭାରତର ରେଟିଂ ୧୧୬ ରହିଛି । ନ୍ୟୁଜିଲାଣ୍ଡ ୧୦୯ ରେଟିଂ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୦୨ ରେଟିଂ ସହ ତୃତୀୟ ସ୍ଥାନରେ ରହିଛି । ଦକ୍ଷିଣ ଆଫ୍ରିକା ମଧ୍ୟ ୧୦୨ ରେଟିଂ ସହ ଚତୁର୍ଥ ସ୍ଥାନରେ ରହିଛି । ପାକିସ୍ତାନ ୧୦୦ ରେଟିଂ ସହ ପଞ୍ଚମ, ଶ୍ରୀଲଙ୍କା ୯୬ ସହ ଷଷ୍ଠ, ଇଂଲଣ୍ଡ ୯୩ ସହ ସପ୍ତମ, ଆଫଗାନିସ୍ତାନ ୯୨ ସହ ଅଷ୍ଟମ, ବାଂଲାଦେଶ ୮୩ ସହ ନବମ ଏବଂ ୱେଷ୍ଟଇଣ୍ଡିଜ୍ ୭୭ ରେଟିଂ ସହ ଦଶମ ସ୍ଥାନରେ ରହିଛି । ଭାରତ ୨୦୨୩ ସେପ୍ଟେମ୍ବରରେ ପାକିସ୍ତାନକୁ ପଛରେ ପକାଇ ଦିନିକିଆ ମାନ୍ୟତାର ଶୀର୍ଷକୁ ଉଠିଥିଲା । ବର୍ତ୍ତମାନ ନ୍ୟୁଜିଲାଣ୍ଡଠାରୁ ୭ ରେଟିଂ ପଏଣ୍ଟ ଆଗରେ ରହି ଭାରତ ନିଜର ଆଧିପତ୍ୟ ଜାରି ରଖିଛି ।

## ୧୮୮ କୋଟି କ୍ଷତି ସହିବ ଶ୍ରୀଲଙ୍କା କ୍ରିକେଟ୍

କଲମ୍ବୋ, ୯।୯ (ଏଜେନ୍ସି): ଆସନ୍ତାବର୍ଷ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ହରାଇବା ପରେ ଶ୍ରୀଲଙ୍କା କ୍ରିକେଟ୍‌କୁ ଆନୁମାନିକ ୨୦ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୮୮ କୋଟି ଟଙ୍କା) ରାଜସ୍ୱ କ୍ଷତି ହେବ ବୋଲି ଆକଳନ କରାଯାଇଛି । ମୂଳତଃ ଏହି ପ୍ରତିଯୋଗିତା ଶ୍ରୀଲଙ୍କାରେ ଆୟୋଜିତ ହେବାର ଥିଲା । କିନ୍ତୁ ଆୟୋଜନ ଅଧିକାର ହଟାଯାଇ ଭାରତକୁ ଦିଆଯାଇଛି । ୨୦୨୭ ଫେବ୍ରୁଆରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାରତରେ ଏହି ପ୍ରତିଯୋଗିତା ଖେଳାଯିବ । ମୁମ୍ବାଇ ଓ ବଡୋଦରାରେ ମ୍ୟାଚ୍ ଆୟୋଜିତ ହେବ । ଶ୍ରୀଲଙ୍କା କ୍ରିକେଟ୍‌ର ପରିବର୍ତ୍ତନ କମିଟିର ସଚିବ ପ୍ରକାଶ ସାଫ୍ଟର କହିଛନ୍ତି ଯେ, ପ୍ରତିଯୋଗିତାର ଆୟୋଜନ ପାଇଁ ଶ୍ରୀଲଙ୍କାକୁ ପ୍ରାୟ ୨ ନିୟୁତ ଡଲାର ଆୟୋଜନ ଶୁଳ୍କ ମିଳିଥାନ୍ତା । ଆଇସିସି ଶ୍ରୀଲଙ୍କାରୁ ଆୟୋଜନ ଅଧିକାର ହଟାଇବାର କାରଣ ଭାବେ ସରକାରୀ ହସ୍ତକ୍ଷେପ ଜାରି ରହିବା ଏବଂ ଶ୍ରୀଲଙ୍କା କ୍ରିକେଟ୍‌ରେ ନିର୍ବାଚିତ ପ୍ରଶାସନ ନ ଥିବାକୁ ଦର୍ଶାଇଛି । ଗତ ସପ୍ତାହରେ ଆଇସିସି ଏହି ଛଅ ଦଳୀୟ ପ୍ରତିଯୋଗିତାକୁ ଭାରତକୁ ସ୍ଥାନାନ୍ତର କରିବା ନେଇ ଘୋଷଣା କରିଥିଲା ।

## ଏସିଆ କପ୍ ମହିଳା କ୍ରିକେଟ ସେମିଫାଇନାଲ | ବାଂଲା ବିପକ୍ଷରେ ଭାରତ ଫେଭରାଇଟ୍

ଦୁବାଇ, ୯।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲିଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି । ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ ଟାଇଟଲର ଦୃଢ଼ ଦାବିଦାର ଭାରତ ସହ ବାଂଲାଦେଶର ମୁକାବିଲା ହେବ । ସେହିପରି ଶୁକ୍ରବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା । ଲିଗ୍ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଗ୍ରୁପ୍-ଏ'ରୁ ଭାରତ ଏବଂ ଗ୍ରୁପ୍-ବି'ରୁ ଶ୍ରୀଲଙ୍କା ଶୀର୍ଷସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ବାଂଲାଦେଶ ବିପକ୍ଷରେ ଆସନ୍ତାକାଲି



ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତକୁ ଫେଭରାଇଟ ବିବେଚନା କରାଯାଇଛି । କ୍ରିକେଟର ସମସ୍ତ ବିଭାଗରେ ଭାରତ ଶ୍ରେଷ୍ଠତ୍ୱ ଓ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ସେମିଫାଇନାଲକୁ ଯାଇଛି । ଗ୍ରୁପ୍ ପର୍ଯ୍ୟାୟରେ ଦଳ ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୯୪ରନ୍, ହଂକଂକୁ ୧୩୭ରନ୍ ଓ ପାକିସ୍ତାନକୁ ୯ ଓଭରରେ ୭ୱିକେଟରେ ହରାଇଛି । ବିଶେଷ କରି ପାକିସ୍ତାନକୁ ୫୫ ରନ୍‌ରେ ଅଲଆଉଟ କରିବା ପରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ବେଶ ପ୍ରଭାବଶାଳୀ ଖେଳିଛି । ବ୍ୟାଟିଂ ହେଉ ଅବା ବୋଲିଂ ସବୁ ବିଭାଗରେ ଭାରତର ଦବ୍‌ଦବା ରହିଛି । ସ୍ମୃତି ମନ୍ଧାନାଙ୍କ ଶତକ, ନନ୍ଦିନୀ ଶର୍ମା, ଶ୍ରୀ ଚରଣିଙ୍କ ଚତୁର ବୋଲିଂ ସାଙ୍ଗକୁ ଶେଫାଳି ବର୍ମା ଓ ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ସଫଳତା ଦଳକୁ ଫାଇଦାରେ ରଖିଛି । ଅନ୍ୟ ପକ୍ଷରେ ସାରା ଟୁର୍ଣ୍ଣାମେଣ୍ଟରେ ସଂଘର୍ଷ କରିଥିବା ବାଂଲାଦେଶ ଯଦି ଲଢୁଆ ଖେଳି ପାରିଲା ତେବେ ମୁକାବିଲାଟି ଉପଭୋଗ୍ୟ ହୋଇପାରିବ ।

## ଭାରତ-ଏ' ଦଳରେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଫିଟ୍‌ନେସ ଫେରିପାଇବାକୁ ହାର୍ଦ୍ଦିକ ପାଣ୍ଡ୍ୟା ଯେତିକି ଚେଷ୍ଟା କରୁଛନ୍ତି, ତା ଠାରୁ ଅଧିକ ଚେଷ୍ଟା କରୁଛି ବିସିସିଆଇ । ଦକ୍ଷିଣ ଆଫ୍ରିକାରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ଦଳରେ କିପରି ହାର୍ଦ୍ଦିକ ଭଲ ଖେଳିବେ ତାହାକୁ ନେଇ ବିସିସିଆଇର ଢ଼େର ଚିନ୍ତା । ଏଣୁ ଏବେ ସେ ପୂରା ଫିଟ୍ ହୋଇ ନ ଥିଲେ ମଧ୍ୟ ଚଳିତମାସ ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦିନିକିଆ ସିରିଜ୍ ଲାଗି ତାଙ୍କୁ ଭାରତ-ଏ' ଦଳରେ ସାମିଲ କରାଯାଇଛି । କିନ୍ତୁ ସାମିଲ କରିବା ପୂର୍ବରୁ ତାଙ୍କର ଫିଟ୍‌ନେସ ପରୀକ୍ଷା କରାଯିବ ଓ ଏଥିରେ ସଫଳ ହେଲେ ଖେଳିବାକୁ ଅନୁମତି ମିଳିବ । ଅଷ୍ଟ୍ରେଲିଆ-ଏ'ର ସିରିଜ୍ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ଯାଏ ଚାଲିବ । ଏହା ମଧ୍ୟରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ । ଋତୁରାଜ ଗାଏକ୍ୱାଡଙ୍କୁ ଦିନିକି ଦଳର ଓ ଦେବଦତ୍ତ ପାଡିକଲଙ୍କୁ ଟେଷ୍ଟ ଦଳର ନେତୃତ୍ୱ ଦିଆଯାଇଛି । ଏହି ସିରିଜ୍ ଲାଗି ମଧ୍ୟ ଅଷ୍ଟ୍ରେଲିଆ-ଏ' ଦଳ ଘୋଷଣା କରାଯାଇଛି । ଉଭୟ ଦଳରେ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସାମିଲ ହୋଇଛନ୍ତି । ଦିନିକିଆ ଦଳରେ ତନବୀର ସାଙ୍ଗା ଓ ନିଖିଳ ଚୌଧୁରି, ଅନଅଫିସିଆଲ ଟେଷ୍ଟ ଦଳରେ କେବଳ ସାଙ୍ଗାଙ୍କୁ ସାମିଲ କରାଯାଇଛି ।

### ଅଷ୍ଟ୍ରେଲିଆ-ଏ' ଖେଳସୂଚୀ

ସେପ୍ଟେମ୍ବର ୨୨ରୁ ୨୫- ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟ, ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨- ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ, ଅକ୍ଟୋବର ୬- ପ୍ରଥମ ଦିନିକିଆ, ଅକ୍ଟୋକର ୯- ଦ୍ୱିତୀୟ ଦିନିକିଆ ଓ ଅକ୍ଟୋବର ୧୧- ତୃତୀୟ ଦିନିକିଆ । ଭେନ୍ୟୁ-ପୁଡୁଚେରୀ ।

### ଇଂଲଣ୍ଡ ପେସରଙ୍କ ଘାତକ ବୋଲିଂ

## ପାକିସ୍ତାନ ୧୩୩ ରନ୍‌ରେ ଅଲଆଉଟ୍

ବର୍ମିଂହାମ, ୯।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଭ୍ରମଣକାରୀ ପାକିସ୍ତାନର ବ୍ୟାଟିଂ ପୁଣି ଧରାଶାୟୀ ହୋଇଛି । ପ୍ରଥମ ଇନିଂସରେ ପାକିସ୍ତାନ ୩୩.୫ ଓଭରରେ ମାତ୍ର ୧୩୩ ରନ୍‌ରେ ଅଲଆଉଟ୍ ହୋଇଛି । ଏଥିସହ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୦-୨ରେ ପଛୁଆ ଥିବା ପାକିସ୍ତାନ ପାଇଁ ତୃତୀୟ ଟେଷ୍ଟର ଆରମ୍ଭ ମଧ୍ୟ ନିରାଶାଜନକ ହୋଇଛି । ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ଇଂଲଣ୍ଡ ୧୨ ଓଭରରେ ୩ ୱିକେଟ ହରାଇ ୩୯ ରନ ସଂଗ୍ରହ କରିଛି । ଇଂଲଣ୍ଡର ଦ୍ରୁତ ବୋଲରମାନେ ମେଘୁଆ ପାଗର ଫାଇଦା ଉଠାଇ ପାକିସ୍ତାନୀ ବ୍ୟାଟରଙ୍କୁ ଚାପରେ ରଖିଥିଲେ । ଜୋଶ ଟଙ୍ଗ୍ ୪୨ ରନ୍ ଦେଇ ୪ଟି ୱିକେଟ୍ ନେଇଥିବାବେଳେ ଓଲି ରବିନସନ୍ ୧୫ ରନ୍‌ରେ ୩ଟି ଏବଂ ଜୋଫ୍ରା ଆର୍‌ଚର୍ ୨୫ ରନ୍‌ରେ ୩ଟି ୱିକେଟ୍ ନେଇଥିଲେ । ଫଳରେ ପାକିସ୍ତାନ ମାତ୍ର ୩୪ ଓଭର ମଧ୍ୟରେ ଅଲଆଉଟ୍ ହୋଇଥିଲା । ବ୍ୟାଟିଂରେ ସୌଦ୍ ଶକିଲ୍ ସର୍ବାଧିକ ୪୩ ରନ୍ କରି କିଛି ପ୍ରତିରୋଧ କରିଥିଲେ । ସେହିପରି ମହମ୍ମଦ ଅବ୍ବାସ୍ ୨୧ ଓ ରାଜାଉଲ୍ଲା ୧୧ ରନ୍ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ଅଧିନାୟକ ବାବର ଆଜମ୍ ମାତ୍ର ୭ ରନ୍ କରି ଜୋଶ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ । ଅନ୍ୟପକ୍ଷରେ ସାଇମ୍ ଆୟୁବ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ ।

ଦ୍ୱିତୀୟ ଟେଷ୍ଟରେ ୧୯୪ ରନ୍‌ର ପରାଜୟ ପରେ ପାକିସ୍ତାନ ଦଳରେ ବଡ଼ ପରିବର୍ତ୍ତନ କରିଥିଲା । ତିନି ଜଣ ଖେଳାଳିଙ୍କୁ ଟେଷ୍ଟ ପଦାର୍ପଣର ସୁଯୋଗ ମିଳିଥିଲେ ମଧ୍ୟ ଦଳର ବ୍ୟାଟିଂ ସମସ୍ୟା ଦୂର ହୋଇନାହିଁ । ଇଂଲଣ୍ଡ ଗସ୍ତରେ ପାକିସ୍ତାନ ଏପର୍ଯ୍ୟନ୍ତ କୌଣସି ଇନିଂସରେ ୨୦୦ ରନ୍ ମଧ୍ୟ ଛୁଇଁପାରିନାହିଁ ।

### ଅନ୍‌ମୋଲ ଏକ୍କା ଏକା ଦେଲେ ୬ ଗୋଲ

## ତାଇପେଇକୁ ୧୫-୦ ଗୋଲରେ ହରାଇଲା ଭାରତ

ମୋକି/ଚୀନ୍, ୯।୯ (ଏଜେନ୍ସି)]

ଓଡ଼ିଶା ଖେଳାଳି ତଥା ଅଧିନାୟକ ଅନ୍‌ମୋଲ ଏକ୍କା ଏକାକୀ ୬ ଗୋଲ ଦେବା ଫଳରେ ଏଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଏଏଚ୍‌ଏଫ୍ ଜୁନିଅର ଏସିଆ କପ୍-୨୦୨୬ ହକି ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲରେ ତାଇପେଇ (ଚାଇନିଜ୍ ତାଇପେ)କୁ ପରାସ୍ତ କରିଛି । ଏହା ଫଳରେ ୧୦ ପଏଣ୍ଟ ସହ ଭାରତ ଗ୍ରୁପ-ଏ'ରେ ପ୍ରଥମସ୍ଥାନ ହାସଲ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି । ଅନ୍ୟ ପକ୍ଷରେ ଜାପାନକୁ ୩-୨ ଗୋଲରେ ହରାଇ ଦକ୍ଷିଣ କୋରିଆ ଏହି ଗ୍ରୁପରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ



ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି ।

ଆଜି ଖେଳାଯାଇଥିବା ତାଇପେ ବିପକ୍ଷ ମ୍ୟାଚ୍ ସମ୍ପୂର୍ଣ୍ଣ ଏକତରଫା ହୋଇଥିଲା । ଏଥିରେ ଓଡ଼ିଆ ଖେଳାଳି ଆର୍ଯ୍ୟନ ଖେସ୍ ଗୋଲ ସ୍କୋରିଂ ଆରମ୍ଭ କରିଥିଲେ । କିନ୍ତୁ ଘନ ଘନ ଆକ୍ରମଣ ଫଳରେ ଭାରତକୁ ଏକାଧିକ ପେନାଲ୍ଟି କର୍ଣ୍ଣର ମିଳିଥିଲା । ତାହା ମଧ୍ୟରୁ ଅଧିନାୟକ ଅନ୍‌ମୋଲ ଏକାକୀ ୬ଟି ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟନ ଖେସ୍ ଓ ହରପାଲ ସିଂ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ । ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଅନ୍‌ମୋଲଙ୍କ ଗୋଲ ସଂଖ୍ୟା ୧୪ରେ ପହଞ୍ଚିଛି । ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୬-୦ ଗୋଲରେ ଆଗୁଆ ରହିଥିଲା ।

## ମହିଳା ହକି: କ୍ୱାର୍ଟରରେ ଭାରତ-ପାକିସ୍ତାନ

ମୋକି, ୯।୯ (ଏଜେନ୍ସି): ୨୦୨୬ ଜୁନିଅର ମହିଳା ହକି ଏସିଆ କପ୍‌ର ଏଲିଟ୍ ପୁଲ୍ ପର୍ଯ୍ୟାୟରେ ଭାରତ ଅପରାଜିତ ରହି ଶୀର୍ଷସ୍ଥାନ ହାସଲ କରିଛି । ବୁଧବାର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଆୟୋଜକ ଚୀନ୍ ବିପକ୍ଷରେ ଭାରତ ଗୋଲ୍‌ଶୂନ୍ୟ ଡ୍ର' ଖେଳିଛି । ତିନିଟି ବିଜୟ ଓ ଗୋଟିଏ ଡ୍ର' ସହ ଭାରତ ୧୦ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଆଧାରରେ ପୁଲ୍‌ର ଶୀର୍ଷରେ ରହିଛି । କଡ଼ା ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚ୍‌ରେ ଉଭୟ ଦଳ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇ ପାରି ନଥିଲେ । ଫଳରେ ମ୍ୟାଚ୍ ବିନା ଗୋଲରେ ଶେଷ ହୋଇଥିଲା । ଏହି ଫଳାଫଳ ପରେ ଭାରତ ଓ ଚୀନ୍ ଉଭୟେ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି । ଉଭୟ ଦଳ ଏଲିଟ୍ ପୁଲ୍ ପର୍ଯ୍ୟାୟରେ ୧୦ ପଏଣ୍ଟ ହାସଲ କରିଥିବାବେଳେ ଉନ୍ନତ ଗୋଲ୍ ବ୍ୟବଧାନ ଯୋଗୁଁ ଭାରତ ଶୀର୍ଷସ୍ଥାନ ଦଖଲ କରିଛି । ଏବେ ଭାରତ ନକ୍‌ଆଉଟ୍ ପର୍ଯ୍ୟାୟରେ ପାକିସ୍ତାନକୁ ଭେଟିବ । ଆସନ୍ତା ୧୦ରେ ହେବାକୁ ଥିବା ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ଉଭୟ ଦଳ ମୁହାଁମୁହିଁ ହେବେ । ପାକିସ୍ତାନ ପୁଲ୍‌ରେ ଚାରିଟି ମ୍ୟାଚ୍‌ରୁ ସାତ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି । ଭାରତୀୟ ଜୁନିଅର ମହିଳା ଦଳ ପାକିସ୍ତାନ ବିପକ୍ଷ କ୍ୱାର୍ଟରଫାଇନାଲ୍‌ରେ ବିଜୟ ହାସଲ କରି ଟୁର୍ଣ୍ଣାମେଣ୍ଟରେ ଦୃଢ଼ ଭାବେ ଅଗ୍ରଗତି କରିବା ଲକ୍ଷ୍ୟ ରଖିଛି ।

## ଓଡ଼ିଶା ଏଫ୍‌ସିରେ ସାମିଲ ହେଲେ ଗୋଲରକ୍ଷକ ସଚିନ ସୁରେଶ

ଭୁବନେଶ୍ୱର, ୯।୯ (ସମିସ): ଭାରତୀୟ ଗୋଲ୍‌ରକ୍ଷକ ସଚିନ ସୁରେଶଙ୍କୁ ଦୁଇ ବର୍ଷର ଚୁକ୍ତିରେ ଦଳରେ ସାମିଲ କରିଥିବା ନେଇ ବୁଧବାର ଓଡ଼ିଶା ଏଫ୍‌ସି ପକ୍ଷରୁ ଘୋଷଣା କରାଯାଇଛି । ଏହି ଚୁକ୍ତି ଅନୁସାରେ ସଚିନ ୨୦୨୮ ପର୍ଯ୍ୟନ୍ତ କ୍ଲବ୍ ସହ ରହିବେ । କେରଳରେ



ଜନ୍ମିତ ୨୫ ବର୍ଷୀୟ ସଚିନ ସୁରେଶ ସ୍ପୋର୍ଟ୍ସ ଆଣ୍ଡ ଏଜୁକେସନ୍ ପ୍ରମୋସନ୍ ଟ୍ରଷ୍ଟ (ସେପ୍ଟ) ମାଧ୍ୟମରେ ଫୁଟବଲ୍ ଯାତ୍ରା ଆରମ୍ଭ କରିଥିଲେ । ୨୦୨୩ ସୁପର କପ୍‌ରେ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ସଚିନଙ୍କ ବରିଷ୍ଠ ଦଳରେ ପଦାର୍ପଣ ହୋଇଥିଲା । ସେହି ବର୍ଷ ପରେ ସେ ଭାରତୀୟ ସୁପର ଲିଗ୍‌ରେ ମଧ୍ୟ ପଦାର୍ପଣ କରିଥିଲେ । ୨୦୨୩-୨୪ ଋତୁରେ ସଚିନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା । ସେ ନିୟମିତ ଭାବେ ଗୋଲ୍‌ରକ୍ଷକ ଭାବେ ଖେଳି ୧୫ଟି ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ ଏବଂ ୫ଟି ମ୍ୟାଚ୍‌ରେ ଗୋଲ୍ ବଞ୍ଚାଇ ରଖିଥିଲେ । ପରବର୍ତ୍ତୀ ଋତୁଗୁଡ଼ିକରେ ମଧ୍ୟ ସେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିର ଗୁରୁତ୍ୱପୂର୍ଣ୍ଣ ଗୋଲ୍‌ରକ୍ଷକ ଭାବେ ନିଜକୁ ବିକଶିତ କରିଥିଲେ । ଭାରତୀୟ ସୁପର ଲିଗ୍‌ରେ ତାଙ୍କର ଅଭିଜ୍ଞତା ଏବେ ଓଡ଼ିଶା ଏଫ୍‌ସି ପାଇଁ ଉପଯୋଗୀ ହେବ ବୋଲି ଆଶା କରାଯାଉଛି । ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରିଥିବାରୁ ମୁଁ ବହୁତ ଖୁସି ବୋଲି ସଚିନ ସୁରେଶ କହିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS